READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୨୧ ୫ - ୧୧ ଜୁନ୍, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-21 5th - 11th JUNE, 2023 BHUBANESWAR ₹ 5/- (8 Pages)

## ବାହାନଗା ଟ୍ରେନ୍ ଟ୍ରାଜେଡି

# ସବୁଠୁ ଭୟଙ୍କର ରେଳ ଦୁର୍ଘଟଣା







**ଭୁବନେଶ୍ୱର :** ଶୁକ୍ରବାର ସନ୍ଧ୍ୟାବେଳେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ଦେଶରେ ଏଯାବତ୍ ଘଟିଥିବା ସବୁଠୁ ଭୟାବହ ଟ୍ରେନ୍ ଦୁର୍ଘଟଣା ଅନ୍ତର୍ଭୁକ୍ତ କରାଯାଇଛି। ଏହି ଦୁର୍ଘଟଣାରେ ଶନିବାର ଦିନ ୧୦ଟା ସୁଦ୍ଧା ୨୩୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ରେଳବାଇ ପକ୍ଷରୁ ତଥ୍ୟ ମିଳିଥିଲା ବେଳେ ୬୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣା ସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କୁ ଭେଟିଥିଲେ। ସୂଚନାଥାଉ କି, ପୂର୍ବରୁ ଗତ କିଛି ଦଶନ୍ଧି ତଳେ ମଧ ଦେଶର କେତେକ ପ୍ରାନ୍ତରେ ଏଭଳି ଭୟାବହ ରେଳ ଦୁର୍ଘଟଣା ଘଟିଛି। ସେଥିରୁ ଗୋଟିଏ ହେଉଛି ୧୯୯୫ ଅଗଷ୍ଟ ୨୦ ତାରିଖରେ ଘଟିଥିବା ଫିରୋଜାବାଦ ଟ୍ରେନ୍ ଦୁର୍ଘଟଣା। ଉତ୍ତର ପ୍ରଦେଶର ଫିରୋଜାବାଦ୍ ନିକଟରେ ପୁରୁଷୋତ୍ତମ ଏକ୍ସପ୍ରେସ୍ ଏବଂ କାଳିନ୍ଦୀ ଏକ୍ସପ୍ରେସ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରାୟ ୩୫୮ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୧୯୯୯, ଅଗଷ୍ଟ ୨ ତାରିଖରେ ଘଟିଥିବା ଗୌସାଲ୍ ଟ୍ରେନ୍ ଦୁର୍ଘଟଣା ମଧ ଖୁବ୍ ଭୟାବହ ଥିଲା। ବ୍ରହ୍ମପୁତ୍ର ମେଲ୍ ଆସାମର ଗୌସାଲ୍ ନିକଟରେ ଅଓ୍ୱଧ-ଆସାମ ଏକ୍ସପ୍ରେସ୍ ସହିତ ଧକ୍କା ଖାଇବାରୁ ଅନ୍ୟୁନ ୨୯୦ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଅନ୍ୟପଟେ ୧୯୯୮ ନଭେମ୍ବର ୨୬ ତାରିଖରେ ଖାନ୍ନା ରେଳ ଦୁର୍ଘଟଣା ଥିଲା ଆଉ ଏକ ବଡ଼ ଟ୍ରେନ୍ ଦୁର୍ଘଟଣା। ପଞ୍ଜାବର ଖାନ୍ନା ନିକଟରେ ଜମ୍ମୁ ତାଓ୍ୱି-ସିଆଲଦା ଏକ୍ସପ୍ରେସ୍ କାଳିନ୍ଦୀ ଏକ୍ସପ୍ରେସ ସହିତ ଧକ୍କା ଖାଇଥିଲା। ଏଥିରେ ପ୍ରାୟ ୨୧୨ଜଣଙ୍କର ପ୍ରାଣହାନୀ ଘଟିଥିଲା। ସେହିପରି, ୧୯୮୨, ଜୁଲାଇ ୮ ତାରିଖ ଦିନ ପେରୁମନ୍ ଟ୍ରେନ୍ ଦୁର୍ଘଟଣା ବି ଥିଲା ଖୁବ୍ ଭୟାବହ। କେରଳର ପେରୁମନ୍ ନିକଟରେ ଆଇଲାଣ୍ଡ୍ ଏକ୍ସପ୍ରେସ୍ ଗୋଟାଏ ସ୍ଥାନୀୟ ପାସେଞ୍ଜର୍ ଟ୍ରେନ୍ ସହିତ ଧକ୍କା ଖାଇବାରୁ ପ୍ରାୟ ୨୧୨ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା, ୨୦୧୬ ନଭେମ୍ବର ୨୦ ତାରିଖରେ ପୁଖରାୟାଁ ଟ୍ରେନ୍ ଧାରଣାଚ୍ୟୁତ ହେବା ଘଟଣାକୁ ମଧ ଦେଶର ଅନ୍ୟତମ ବଡ଼ ଟ୍ରେନ୍ ଦୁର୍ଘଟଣା ବୋଲି ବିବେଚନା କରାଯାଏ। ଉତ୍ତର ପ୍ରଦେଶର ପୁଖରାୟାଁ ନିକଟରେ ଇନ୍ଦୋର-ପାଟନା ଏକ୍ସପ୍ରେସ୍ ଧାରଣାରୁ ବାହାରି ଯାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୦ଜଣଙ୍କର ମୃତ୍ୟୁ ଘଟିଥିଲା।

**ସୂଚନାଥାଉ କି,** ବାଲେଶ୍ୱରଠାରୁ ୨୨ କିମି ଦୂର ବାହାନଗା ରେଳ ଷ୍ଟେସନ୍ ପଣପଣାଠାରେ ଘଟିଥିବା ଭୟାନକ ଦୁର୍ଘଟଣାସ୍ଥଳରେ କେନ୍ଦ୍ର

### ମୂଳ କାରଣ ଖୋଜାଯିବ : ରେଳ ମନ୍ତ୍ରୀ

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉଦ୍ଧାର କାର୍ଯ୍ୟ ଓ ଗୁରୁତର ତଥା ଆହତମାନଙ୍କର ଚିକିତ୍ସା ବ୍ୟବସ୍ଥା ନେଇ ସେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହା ବଡ଼ ରେଳ ଦୁର୍ଘଟଣା। ରେଳବାଇ, ଏନଡିଆରଏଫ, ଏସଡିଆରଏଫ ଏବଂ

➤ ପୃ-୬

# ଅସୁରକ୍ଷିତ କଟକ; ବିପଦରେ ଜୀବନ



**କଟକ :** ସମସ୍ତଙ୍କ ଆଖି ସାମ୍ନାରେ କଟକ ସହରରେ ବେପରୁଆ ଢଙ୍ଗରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଯୋଗୁ ଅକାଳରେ ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ଏବେବି ବିପଦଶଙ୍କୁଳ ଅବସ୍ଥାରେ ସହରରେ ଅନେକ ସ୍ଥାନରେ ଡ୍ରେନ ମୁକୁଳା ହୋଇ ରହିଥିବାବେଳେ ଯେଉଁ କିଛି ସ୍ଥାନରେ କାର୍ଯ୍ୟ ଚାଲିଛି, ତାହା ଅତ୍ୟନ୍ତ ଅସୁରକ୍ଷିତ ଢଙ୍ଗରେ ଚାଲିଥିବାବେଳେ କଟକ ମହାନଗର ନିଗମ ସେଥିପ୍ରତି ଆଖି ବୁଜି ଦେଇଛି। ବର୍ଷା ଦିନ ପୂର୍ବରୁ କଟକ ସହରର ମୁକୁଳା ଡ୍ରେନ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ ସାରିବା ପ୍ରଶାସନ ପାଖରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସୂଚନା ଅନୁସାରେ, କଟକର କେଶରପୁର ଅଞ୍ଚଳରେ ମୁକୁଳା ଡ୍ରେନରେ ପଡ଼ି ଯୁକ୍ତ ଦୁଇ ଛାତ୍ରୀ ଏନ୍ ମୋହିନୀ ପ୍ରାଣ ହରାଇବା ଘଟଣାରେ ରାଜ୍ୟ ସରକାର ୨ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରିଥିଲେ ମଧ ଏବେବି ସେହି ସ୍ଥାନରେ ଡ୍ରେନ ବିପଦପୂର୍ଣ୍ଣ ଢଙ୍ଗରେ ମୁକୁଳା ହୋଇ ରହିଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ରାସ୍ତାରେ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରିବାକୁ ମହାନଗର ନିଗମ ଏପର୍ଯ୍ୟନ୍ତ ପଦକ୍ଷେପ ନେଇନି। ଓଲଟା ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ

➤ ପୃ-୬

## ବରମୁଣ୍ଡା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ଟର୍ମିନାଲ ନିର୍ମାଣ କାର୍ଯ୍ୟ

# କେବଳ ଦିନ ଗଡୁଛି !



**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସଷ୍ଟାଣ୍ଡର ନବକଳେବର କାର୍ଯ୍ୟ ଶେଷ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ସମୟସୀମା ପୁଣି ବୃଦ୍ଧି ପାଇଛି। ଚଳିତବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଏହି ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ଫାଇଭ-ଟି ଉପକ୍ରମରେ ବରମୁଣ୍ଡା ବସ୍ ଟର୍ମିନାଲ ନୂଆ ରୂପ ନେଉଛି ବୋଲି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ବସଷ୍ଟାଣ୍ଡ ନିର୍ମାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣାକୁ ୫ବର୍ଷ ପୂରିଥିବାବେଳେ ବାରମ୍ବାର ସମୟସୀମା ବୃଦ୍ଧି ସରକାରଙ୍କ କେଉଁ 'ଫାଇଭ-ଟି ଉପକ୍ରମ'ର ସନ୍ଦେଶ ଦେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଫାଇଭ-ଟି ଉପକ୍ରମରେ ବରମୁଣ୍ଡା ବସ ଟର୍ମିନାଲର ରୂପାନ୍ତର ହେଉଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ବରମୁଣ୍ଡା ବସଷ୍ଟାଣ୍ଡର ନିର୍ମାଣସ୍ଥଳ ପରିଦର୍ଶନ କରି ଏହି କାମର ଅଗ୍ରଗତିର ସମୀକ୍ଷା କରିଛନ୍ତି। ପ୍ରକଳ୍ପର ୮୫% କାର୍ଯ୍ୟ ଶେଷ ହୋଇଥିବାବେଳେ ଜୁନ୍ ଶେଷ ସୁଦ୍ଧା ସିଭିଲ କାମ ହେବ। ତେବେ ଜୁଲାଇ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ କରିବାକୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ବରମୁଣ୍ଡା ବସ ଟର୍ମିନାଲ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ବିଶ୍ୱସ୍ତରୀୟ ଟ୍ରାନଜିଟ୍ ସିଷ୍ଟମ ଯେଉଁଠୁ ସମସ୍ତ

➤ ପୃ-୬

## ବକ୍ରବାଣୀ



ନନା ପୁଅ ତୁ'ଟା ଏଡ଼େ ବେଇହା
ସାରଳା ମାଆକୁ ଛାଡ଼ିଲୁ ନାହିଁ
କଦଳୀ ପତରେ ହଳଦୀ ମାରି
ରାତିଟାରେ ମାଡ଼ ଖାଇଲୁ କାହିଁ
ତୋଅରି ଭଳିଆ ଖଣ୍ଟ କେଇଟା
ଏଇମିତି ଯେବେ କାଣ୍ଡ କରନ୍ତେ
ନିରୀହ ଭକ୍ତଙ୍କ ଖୋଲନ୍ତା ଆଖି
ଅନ୍ଧବିଶ୍ୱାସରୁ ମୋହ ତୁଟାନ୍ତେ
ଧରମ ନାଁରେ ଖେଳୁଚ କି ଖେଳ
ଆଇଲାକି ତମ ବୁଡ଼ିବା ବେଳ !

—— ଟୁଟୁ

## 'ମୋ ଘର' ଯୋଜନା

# ବଞ୍ଚିତ ହେବେ ଆଦିବାସୀ



**ଭୁବନେଶ୍ୱର :** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର 'ମୋ ଘର' ନାଁରେ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ବ୍ୟାଙ୍କରେ ଜମି ପଟ୍ଟା ବନ୍ଧକ ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରାଜ୍ୟ ସରକାର ୪୦ରୁ ୭୦ହଜାର ଟଙ୍କା (ସାଧାରଣ ବର୍ଗ ପାଇଁ ୩୦ରୁ ୬୦ହଜାର ଟଙ୍କା) କ୍ୟାପିଟାଲ ସବସିଡି ଦେବେ ତଥା ଗ୍ରାମାଂଚଳ ଗୃହ ନିର୍ମାଣ ଯୋଜନାରେ ଘରଟିଏ ପାଇନଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରକୁ ଏହି ଘର ମିଳିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଗ୍ରାମାଞ୍ଚଳ ଗରିବଙ୍କ ପାଇଁ ୪ଟି ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାର ସିଧାସଳଖ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସିଧାସଳଖ ଘର ଆବଣ୍ଟନ ନକରି ଏଭଳି କ୍ୟାପିଟାଲ ସବସିଡି ଦେବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ସେତିକି ନୁହେଁ ରାଜ୍ୟର ସିଡ୍ୟୁଲ ଏରିଆରେ ରହୁଥିବା ପ୍ରାୟ ଏକ କୋଟି ଆଦିବାସୀ ପରିବାର ବି ପ୍ରଚଳିତ ଆଇନ ଅନୁସାରେ ଏହି ସୁବିଧା ପାଇବାରୁ ବଞ୍ଚିତ ହେବ ବୋଲି ଜଣାପଡ଼ିଛି। ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ଗ୍ରାମାଞ୍ଚଳରେ ବିଭିନ୍ନ ଗୃହନିର୍ମାଣ ଯୋଜନାର ସର୍ତ୍ତାବଳୀ ପୂରଣ କରିପାରୁନଥିବାରୁ ବଞ୍ଚିତ ହୋଇଥିବା ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ଘରଟିଏ ଦେବା ନିମନ୍ତେ 'ମୋ ଘର' ଯୋଜନା କାର୍ଯ୍ୟକାରୀ ହୋଇଛି। ନୂଆ ଘର, ପୁରୁଣା ଘରର ଉନ୍ନତିକରଣ ଅବା ସମ୍ପ୍ରସାରଣ ପାଇଁ ବ୍ୟାଙ୍କ ମାଧ୍ୟମରେ ଲୋକେ ନିଜର ଘର ଥିବା ଅବା ଘର କରିବାକୁ ଥିବା ଜମିର ପଟ୍ଟାକୁ ବନ୍ଧା ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ଟି ସ୍ଲାବରେ ଋଣ ଆଣିପାରିବେ। ହିତାଧିକାରୀ ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ବର୍ଷ ଅର୍ଥାତ୍ ୧୧ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବେ। ଘର ନିର୍ମାଣ ସରିବା ପରେ ସରକାର ଋଣ ପରିମାଣର ଉପରେ ୩୦ରୁ ୬୦ହଜାର ଟଙ୍କା ମଧ୍ୟରେ କ୍ୟାପିଟାଲ ସବସିଡି ପ୍ରଦାନ କରିବେ। ଏହି ଋଣ ରାଶି ଏକକାଳୀନ ନୁହେଁ ବରଂ ୩-୪ଟି ପର୍ଯ୍ୟାୟରେ ମିଳିବ। ଆଉ ହିତାଧିକାରୀଙ୍କୁ ନିଜସ୍ୱ ପାଣ୍ଠିରୁ ବାକି ଋଣ ଟଙ୍କା ପରିଶୋଧ କରିବାକୁ ପଡ଼ିବ। ଋଣ ଉପରେ ସୁଧ ହାର ବ୍ୟାଙ୍କ ସ୍ଥିର କରିବ। ଜୁନ୍ ୧୬ ତାରିଖରୁ ଏଥିପାଇଁ ଆବେଦନ କରିବାକୁ ପଡ଼ିବ। ପ୍ରାୟ ୪ଲକ୍ଷ ହିତାଧିକାରୀଙ୍କ ପାଇଁ ୨ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୧୫୦କୋଟି ଟଙ୍କା ବ୍ୟୟ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡ଼ିଛି ଯେ,

➤ ପୃ-୬

# 'ମହିଳା ସଶକ୍ତିକରଣର ପ୍ରମୁଖ ସୂତ୍ରଧର ମିଶନ ଶକ୍ତି ମା'



**ଭୁବନେଶ୍ୱର :** ଆଜି ଓଡିଶାର ମହିଳାମାନେ ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମିଶନ ଶକ୍ତି ମା'ମାନେ ରାଜ୍ୟ ପାଇଁ ହୋଇପାରିଛନ୍ତି ଏକ ବିରାଟ ସାମାଜିକ ପୁଞ୍ଜି। ଏସ୍ଏଚ୍‌ଜିରୁ ଉଦ୍ୟୋଗୀ ସୃଷ୍ଟି କରି ଆମ ରାଜ୍ୟର ମହିଳାମାନଙ୍କୁ ରାଜ୍ୟ ଅର୍ଥନୀତିର ପ୍ରମୁଖ ଅଂଶୀଦାର କରିବା ଆମର ଲକ୍ଷ୍ୟ ବୋଲି କହିଛନ୍ତି ମିଶନ ଶକ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍। ଦୁଇଦିନଧରି ସଚିବାଳୟ ଲୋକସେବା ଭବନ, କନ୍‌ଭେନସନ ହଲରେ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାଙ୍କ୍ ଋଣ ଏବଂ ସୁଧ ଫେରସ୍ତ ସମ୍ପର୍କିତ ବ୍ଲକ୍ ପ୍ରଶିକ୍ଷକଙ୍କ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇସୁଜାତା ଆର୍ କାର୍ତ୍ତିକେୟନ୍ କହିଛନ୍ତି, ଏସ୍ଏଚ୍‌ଜିମାନେ ହେଉଛନ୍ତି ସ୍ୱତଃପ୍ରବୃତ୍ତ ଲିଡର। ସେମାନଙ୍କ ମଧ୍ୟରେ ଅସାଧାରଣ ଦକ୍ଷତା, ସାମର୍ଥ୍ୟ ଏବଂ ଶକ୍ତି ରହିଛି। ଆମ ରାଜ୍ୟରେ ଏସ୍ଏଚ୍‌ଜି ଆନ୍ଦୋଳନ ସଫଳ ହୋଇଛି ସେଇମାନଙ୍କ ନେତୃତ୍ୱ ପାଇଁ। ଏହି ଲିଡରମାନେ ପ୍ରଶିକ୍ଷିତ ହେଲେ ସେମାନେ ତାଙ୍କ ଅଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳା ସଶକ୍ତିକରଣର ପ୍ରମୁଖ ସୂତ୍ରଧର ସାଜିବେ। ଅନ୍ୟପଟେ ଏହି ଅବସରରେ ମିଶନ ଶକ୍ତି ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍ ମିଶନ ଶକ୍ତି ସ୍କୁଟର ଯୋଜନା ଅଧୀନରେ ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ ବେଳେ ମାର୍ଜିନ ମନି ଛାଡ଼

➤ ପୃ-୬




# ବିନାଶ ପଥେ ପୃଥିବୀ



ଜଳବାୟୁ ପରିବର୍ତ୍ତନ ଯୋଗୁ ଜନଜୀବନ ପ୍ରଭାବିତ

**ନୂଆଦିଲ୍ଲୀ :** ବିପଦ ଜୋନରେ ଏବେ ପୃଥିବୀ। ପୃଥିବୀର ସୁରକ୍ଷା ପାଇଁ ଧାର୍ଯ୍ୟ ହୋଇଥିବା ୮ଟି ମୁଖ୍ୟ ନିୟନ୍ତ୍ରଣ ରେଖା ମଧ୍ୟରୁ ୭ଟି ତା'ର ଧାର୍ଯ୍ୟ କ୍ଷମତାକୁ ଅତିକ୍ରମ କରି ସାରିଲେଣି। ଗୋଟିଏ ପରେ ଗୋଟିଏ ସୁରକ୍ଷା ସୀମା ଟପୁଥିବାରୁ ପୃଥିବୀ ଏବେ ରୋଗ ଶଯ୍ୟାରେ ପଡ଼ିଛି। ଏହା ଦ୍ୱାରା ଭବିଷ୍ୟତ ପିଢ଼ିଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଅନ୍ତର୍ଜାତୀୟ ସ୍ତରର ପ୍ରାକୃତି ଓ ସାମଜିକ ବୈଜ୍ଞାନିକମାନଙ୍କୁ ନେଇ ଗଠିତ ଆର୍ଥ କମିଶନ ତା' ରିପୋର୍ଟରେ କହିଛି ଯେ ମାନବ ସମାଜ ଏବେ ବିଶାଳ ଓ ବଡ଼ ବଡ଼ ରିସ୍କ ନେବାରେ ଲାଗିଛି। ବିକାଶ ନାଁରେ ପୃଥିବୀକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ମଣିଷମାନଙ୍କର ଏପରି ଆଭିମୁଖ୍ୟ ଭିବଷ୍ୟତ ପିଢ଼ି ଓ ପୃଥିବୀରେ ବସବାସ କରୁଥିବା ସମସ୍ତ ଜୀବସତ୍ତା ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି। ଜର୍ଣ୍ଣାଲ ନେଚରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ମଣିଷ ସମାଜ ଏବେ ମହାପ୍ରଳୟ ଆଡ଼କୁ ଟାଣି ହୋଇଗଲାଣି। ମଣିଷର ଚାପ ଯୋଗୁ ପୃଥିବୀର ସ୍ଥିର ବ୍ୟବସ୍ଥା ଅସ୍ଥିର ବାତାବରଣ ମଧ୍ୟକୁ ଠେଲି ହୋଇଯାଉଛି। ପରିବେଶ, ବାୟୁ ପ୍ରଦୂଷଣ, ଫସଫରସ ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁ ପାଣିରେ ବଢୁଥିବା ନାଇଟ୍ରୋଜେନର ଭାଗ, ଗ୍ରାଉଣ୍ଡ ଓ୍ୱାଟର ସପ୍ଲାଏ, ନୂଆ ଭୂତଳ ଜଳ, ପ୍ରାକୃତି ପରିବେଶ ଗଠନ ନ ହେବା ଓ ସର୍ବୋପରି ପ୍ରାକୃତି ଓ ମାନବ ନିର୍ମିତ ପରିବେଶ ଆଦିକୁ ବିଚାରକୁ ନେଇ ଗବେଷକମାନେ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। କେବଳ ବାୟୁ ପ୍ରଦୂଷଣ ପୂରା ପୃଥିବୀ ପ୍ରତି ବିପଦ ସୃଷ୍ଟି କରୁ ନଥିବା ମଧ ରିପୋର୍ଟରେ କୁହାଯାଇଛି। କେବଳ ଗୋଟିଏ ଓ ସମାନ ଆଭିମୁଖ୍ୟ ହିଁ ପୃଥିବୀର ସ୍ଥିରତା ପାଇଁ ଆବଶ୍ୟକ। ଆମେ କେବେ ହେଲେ ଉପଯୁକ୍ତ ପଦକ୍ଷେପ ବିନା ଗୋଟିଏ ମଣିଷ ପାଇଁ ଆବଶ୍ୟକ ତଥା ସୁରକ୍ଷିତ ପୃଥିବୀ ଗଠନ କରିପାରିବା ନାହିଁ। ଲୋକଙ୍କ ସମ୍ପଦକୁ କ୍ଷତି ପହଞ୍ଚାଉଥିବା ଉପାଦାନକୁ ଅଟକାଇବା ହିଁ ଆମର ଏକ ମାତ୍ର ଟାର୍ଗେଟ ହେବା ଦରକାର। ଏହି ଟାର୍ଗେଟକୁ ହାସଲ କରିବା ପାଇଁ ଆମକୁ ନିଜକୁ ଓ ନିଜର ଆଖପାଖ ଅଞ୍ଚଳକୁ ପରିବର୍ତ୍ତନ ରାସ୍ତାରେ ନେବାକୁ ପଡ଼ିବ ବୋଲି ରିପୋର୍ଟର ସହ ଲେଖକ ପ୍ରଫେସର ଜ୍ୟୋତା ଗୁପ୍ତା କହିଛନ୍ତି। ଇଷ୍ଟର୍ଣ୍ଣ ୟୁରୋପ, ଦକ୍ଷିଣ ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକାର କିଛି ଅଂଶ, ବ୍ରାଜିଲର ଅଧିକାଂଶ ସ୍ଥାନ, ମେକ୍ସିକୋ, ଚୀନ୍ ଓ ପଶ୍ଚିମ ଆମେରିକାର କିଛି ଅଂଶ ସମସ୍ୟାର ହଟସ୍ପଟରେ ପରିଣତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏହିସବୁ ଅଞ୍ଚଳରେ ପରିବେଶ ଜନିତ ସମସ୍ୟା ଦେଖାଦେଇଛି। କେତେ ବେଳେ ପ୍ରବଳ ଖରା ତ ଆଉ କେତେ ବନ୍ୟା ବନ୍ଧ ବାଡ଼ ଭାଙ୍ଗୁଛି। ଗବେଷକ ଟିମ୍ କହିଛନ୍ତି ଯେ ଏସିଆ ହାଇ ମାଉଣ୍ଟେନ କ୍ରାୟୋସ୍ଫର (ଏଏଚଏମସି) ଦ୍ରୁତଗତିରେ ବଦଳୁଛି। ଏବେ ଏହା ବିପଦର ନୂଆ ଉପାଦନ ପାଲଟିବାର ଅତି ନିକଟରେ ପହଞ୍ଚି ଯାଇଛି।

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଆଣ୍ଠୁ ଗଣ୍ଠିରେ କଷ୍ଟ ହୋଇପାରେ। କୌଣସି ମୂଲ୍ୟବାନ ବସ୍ତୁ ଚୋରୀ ବା ହଜିଯାଇପାରେ। ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। ବିଦ୍ୟୁତ୍ ସାମଗ୍ରୀ କିଣିପାରନ୍ତି। ସନ୍ତାନଙ୍କ ସମ୍ବନ୍ଧରେ କିଛି ନୂଆ ଖବର ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ମୁଖ ଓ ଚର୍ମ ଜନିତ ରୋଗ ହୋଇପାରେ। ଘରର ମରାମତି କାମ କରାଇ ପାରନ୍ତି। ବନ୍ଧୁଙ୍କ ସହ ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ସାମାନ୍ୟ ରହିବ। ଦମ୍ପତ୍ତିଙ୍କ ମଧ୍ୟରେ ସାମାନ୍ୟ ମତାନ୍ତର ହୋଇପାରେ।

**ମିଥୁନ** ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ହେବ। ଅଚାନକ ଅର୍ଥପ୍ରାପ୍ତି ହେବ। ରୋକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଉତୀର୍ଣ୍ଣ ହେବେ। ପ୍ରେମୀ ମାନଙ୍କର ପ୍ରେମରେ ସଫଳତା ପାଇବେ।

**କର୍କଟ** ପେଟ ଓ ଗ୍ୟାସ ସମ୍ବନ୍ଧୀୟ ରୋଗ ହୋଇପାରେ। ବ୍ୟବସାୟ ପାଇଁ ଦୂରଯାତ୍ରା କରିପାରନ୍ତି। ମାତାପିତାଙ୍କ ସହ ସାମାନ୍ୟ ମତାନ୍ତର ହୋଇପାରେ। କାର୍ଯ୍ୟକ୍ଷେତ୍ରରେ କାମର ବୋଝ ବଢ଼ିବ। ଆତ୍ମୀୟଙ୍କ ସହ ମତାନ୍ତର ହୋଇପାରେ।

**ସିଂହ** ରାଜ ଯୋଗ ଅଛି। ସର୍ବସାଧାରଣରେ ସମ୍ମାନିତ ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ଜମି କ୍ରୟ ସମ୍ବନ୍ଧୀୟ ରୋକିଥିବା କାର୍ଯ୍ୟ ସମାଧାନ ହେବ। ସରକାରୀ ଅଫିସ ପା ଡାକ୍ତରଖାନା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା** ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଉପରୋକ୍ତ କର୍ମଚାରୀଙ୍କ ସହ କଥା କଟାକଟି ହୋଇପାରେ। ସନ୍ତାନଙ୍କ ପାଇଁ ଚିନ୍ତିତ ହେବେ।

**ତୁଳା** ରକ୍ତଚାପ ବଢ଼ିବ। ଭବିଷ୍ୟତ ପାଇଁ ଚିନ୍ତିତ ରହିବେ। ବ୍ୟବସାୟରେ ଅଧିକ ଖର୍ଚ୍ଚ କରିପାରନ୍ତି। ମକଦ୍ଦମାରେ ବିଜୟୀ ହେବେ। ଦୂରଯାତ୍ରା କରିପାରନ୍ତି। ପ୍ରେମୀଙ୍କୁ ଉପହାର ଦେଇପାରନ୍ତି।

**ବିଛା** ଅଚାନକ ଅର୍ଥ ପ୍ରାପ୍ତିର ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଶୁଭ ଖବର ପାଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଚିନ୍ତିତ ରହିବେ। ଦମ୍ପତ୍ତିଙ୍କ ମଧ୍ୟରେ ତାଳମେଳ ବଢ଼ିବ।

**ଧନୁ** ଦୂରଯାତ୍ରା ଯୋଗ ଅଛି। ନୂଆ କାମ ପାଇ ପାରନ୍ତି। ବ୍ୟୟରେ ଅହେତୁକ ବୃଦ୍ଧି ହେବ। ସ୍ୱାସ୍ଥ୍ୟ ଓ ସରକାରୀ କାମ ପାଇଁ ଖର୍ଚ୍ଚ କରିପାରନ୍ତି। ଭାଗୀଦାରଙ୍କ ପାଇଁ ଉପହାର କିଣିପାରନ୍ତି।

**ମକର** କାର୍ଯ୍ୟର ବୋଝ ଯୋଗୁଁ କଷ୍ଟ ପାଇବେ। ପରିବାରରେ ମତାନ୍ତର ହେବ। ଶରୀରରେ ପୀଡା ଅନୁଭବ କରିବେ। ଅଯଥା ଖର୍ଚ୍ଚ ବଢ଼ିବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମୀମାନେ ମନକଥା ସର୍ବସମ୍ମୁଖରେ ଉପସ୍ଥାପିତ କରିବେ।

**କୁମ୍ଭ** ଆୟ ଓ ବ୍ୟୟରେ ବୃଦ୍ଧି ହେବ। ମାଲିମକଦ୍ଦମାରେ ପଡିପାରନ୍ତି। ଗାଡି ଓ ଘରକରଣା ଜିନିଷ କ୍ରୟ କରିପାରନ୍ତି। ପଶୁପକ୍ଷୀଙ୍କ ଦ୍ୱାରା ଆଘାତ ପାଇପାରନ୍ତି। ପତ୍ନୀଙ୍କୁ ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ରହିଛି।

**ମୀନ** ପୁରୁଣା ରୋଗରୁ ମୁକ୍ତି ପାଇବେ। ଆୟରେ ବୃଦ୍ଧି ହେବ। ପରିବାରରେ ଖଡସି ଖବର ପାଇବେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରିସ୍ଥିତିର ସମ୍ମୁଖୀନ ହେବେ। ପ୍ରେମରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଲୋଡିବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଅଖଣ୍ଡ ଭାରତ ମାନଚିତ୍ର ନେଇ ପାକିସ୍ତାନରେ ହଇଚଇ

**ନୂଆଦିଲ୍ଲୀ:** ଭାରତର ନୂଆ ସଂସଦ ଭବନରେ ଅଖଣ୍ଡ ଭାରତର ମାନଚିତ୍ରକୁ ନେଇ ପଡ଼ୋଶୀ ରାଷ୍ଟ୍ରମାନଙ୍କର ଚିନ୍ତା ବଢ଼ିଯାଇଛି। ପୂର୍ବରୁ ଏନେଇ ନେପାଳ ଉଦ୍‌ବେଗ ଜଣାଇଥିଲା ଏବଂ ଏବେ ପାକିସ୍ତାନରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ପାକ୍ ଅଧିକୃତ କାଶ୍ମୀର ସର୍ବଦା ଭାରତର ମାନଚିତ୍ରରେ ରହିଥିବା ବେଳେ ଏବେ ସଂସଦ ଭବନରେ ଲଗାଯାଇଥିବା ପ୍ରାଚୀନ ଭାରତର ଭିତ୍ତିଚିତ୍ରରେ ସମଗ୍ର ପାକିସ୍ତାନକୁ ଦର୍ଶାଯାଇଥିବାରୁ ପାକ୍ ନେତାମାନେ ଛାନିଆ ହୋଇପଡ଼ିଛନ୍ତି। କାଶ୍ମୀରକୁ ନେଇ ଭାରତ ବିରୋଧରେ ବିଷୋଦ୍‌ଗାର କରୁଥିବା ପାକ୍ ନେତାମାନଙ୍କୁ ଏବେ ଜନସାଧାରଣ ଘେରିବାରେ ଲାଗିଛନ୍ତି। ଭାରତ ଯେ କୌଣସି ସମୟରେ ପାକ୍ ଅଧିକୃତ କାଶ୍ମୀରକୁ ନିଜ ଦଖଲକୁ ନେଇଯାଇପାରେ ବୋଲି ପାକିସ୍ତାନୀ ଜନତା ଆଶଙ୍କା ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଜଟିଳ ରାଜନୈତିକ ଓ ଆର୍ଥିକ ସଙ୍କଟ ଭିତରେ ବି ଏବେ 'ଅଖଣ୍ଡ ଭାରତ' ମାନଚିତ୍ର ଚର୍ଚ୍ଚାରେ ରହିଛି। ପାକିସ୍ତାନ ବିଦେଶ ମନ୍ତ୍ରାଳୟ ପ୍ରବକ୍ତା ମୁମତାଜ ଜହରା ଆଜି ଏ ନେଇ ଆନୁଷ୍ଠାନିକ ବୟାନ ଜାରି କରି ଅଖଣ୍ଡ ଭାରତ ମାନଚିତ୍ରରେ ପାକିସ୍ତାନ ସମେତ ଅନ୍ୟ ପଡୋଶୀ ଦେଶକୁ ପ୍ରଦର୍ଶନ କରାଯିବାକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ଭାରତୀୟ ସଂସଦରେ ପ୍ରଦର୍ଶିତ ଅଖଣ୍ଡ ଭାରତ ଭିତ୍ତିଚିତ୍ରକୁ ନେଇ ଆମେ ଚିନ୍ତିତ। ଏହାକୁ ବିଜେପି ନେତାମାନେ ଅଖଣ୍ଡ ଭାରତ ବୋଲି ଦର୍ଶାଉଥିବା ବେଳେ ଏହା ଭାରତ ସରକାରଙ୍କ ବିସ୍ତାରବାଦୀ ମାନସିକତାର ପରିଚୟ ଦେଉଛି ବୋଲି ସେ କହିଛନ୍ତି। ପୂର୍ବରୁ ନେପାଳ ମଧ୍ୟ ଅଖଣ୍ଡ ଭାରତ ଭିତ୍ତିଚିତ୍ରକୁ ବିରୋଧ କରିଥିଲା ଏହି ମାମଲାରେ ଭାରତ ସରକାରଙ୍କ ସହ ଆମେ ଆଲୋଚନା କରିବୁ ବୋଲି ନେପାଳ ପ୍ରଧାନମନ୍ତ୍ରୀ ବୟାନ ଦେଇଥିଲେ।



ତେବେ ନେପାଳ ଓ ପାକିସ୍ତାନର ଉଦ୍ବେଗ ଉପରେ ଜବାବ ରଖି ଆଜି ଭାରତ ସରକାର ସ୍ଥିତି ସ୍ପଷ୍ଟ କରିଛନ୍ତି। ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ନୂଆ ସଂସଦ ଭବନରେ ଲାଗିଥିବା ଭିତ୍ତିଚିତ୍ର ହେଉଛି ସମ୍ରାଟ ଅଶୋକଙ୍କ ସାମ୍ରାଜ୍ୟର ଚିତ୍ରଣ। ଉଲ୍ଲେଖଯୋଗ୍ୟ, ଭାରତର ନୂଆ ସଂସଦ ଭବନରେ ଅଖଣ୍ଡ ଭାରତର ଯେଉଁ ଭିତ୍ତିଚିତ୍ର ପ୍ରଦର୍ଶନ କରାଯାଇଛି ସେଥିରେ ବର୍ତ୍ତମାନର ଆଫଗାନିସ୍ତାନ, ପାକିସ୍ତାନ, ମାଳଦ୍ୱୀପ, ଶ୍ରୀଲଙ୍କା, ମିଆଁମାର ଓ ବାଂଲାଦେଶକୁ ଏକସଙ୍ଗରେ ଦର୍ଶାଯାଇଛି।

# ଆର୍‌ବିଆଇ ଆରମ୍ଭ କରିବ ନୂଆ ପେମେଣ୍ଟ ସିଷ୍ଟମ

## ଆରଟିଜିଏସ୍, ଏନ୍‌ଇଏଫ୍‌ଟି ବଦଳରେ ଏଲ୍‌ପିଏସ୍‌ଏସ୍

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଖୁବଶୀଘ୍ର ଦେଶରେ ଏକ ନୂଆ ପେମେଣ୍ଟ ସିଷ୍ଟମ ଆରମ୍ଭ କରିବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ଲାଇଟ୍ ୱେଟ୍ ଆଣ୍ଡ୍ ପୋର୍ଟେବଲ ପେମେଣ୍ଟ ସିଷ୍ଟମ (ଏଲ୍‌ପିଏସ୍‌ଏସ୍) ଭଳି ନୂଆ ନୂଆ ପେମେଣ୍ଟ ସିଷ୍ଟମ ଅଣାଯିବା ଉପରେ ପ୍ରସ୍ତୁତି ଚଳାଇଛି। ଏହି ସିଷ୍ଟମକୁ କିଛି ସ୍ୱତନ୍ତ୍ର କର୍ମଚାରୀ କେଉଁଠି ବି ଅପରେଟ୍ କରିପାରିବେ। ଏଲପିଏସ୍‌ଏସ୍ ପେମେଣ୍ଟ ସିଷ୍ଟମ ପ୍ରାକୃତିକ ବିପର୍ଯ୍ୟୟ ଓ ଯୁଦ୍ଧକାଳୀନ ପରିସ୍ଥିତି ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆହୁରିମଧ୍ୟ ଏଭଳି ବିପଦ ସମୟରେ ଏହା ଅର୍ଥ ନେଣଦେଣ କ୍ଷେତ୍ରରେ ଲୋକଙ୍କୁ ସହାୟତା ପ୍ରଦାନ କରିବ। ପାରମ୍ପରିକ ଟେକ୍ନୋଲୋଜି ତୁଳନାରେ ଏହି ନୂଆ ପେମେଣ୍ଟ ସିଷ୍ଟମ ବହୁତ ସ୍ୱତନ୍ତ୍ର ହେବ। ଯାହା ଫଳରେ ପେମେଣ୍ଟ ବା ଅର୍ଥ ନେଣଦେଣ କ୍ଷେତ୍ରରେ ବର୍ତ୍ତମାନ ବେଶ ଚାହିଦା ଥିବା ରିଅଲ ଟାଇମ୍ ଗ୍ରସ ସେଟେଲମେଣ୍ଟ (ଆରଟିଜିଏସ୍), ନ୍ୟାସନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର



(ଏନ୍‌ଇଏଫ୍‌ଟି) ଓ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ବ୍ୟବସ୍ଥା ପୁରୁଣା ହୋଇଯିବ। ତେଣୁ ଏହି ସବୁ ପେମେଣ୍ଟ ସିଷ୍ଟମ୍‌କୁ କିପରି ବଡ଼ ଧରଣର ପେମେଣ୍ଟ କରାଯାଇପାରିବ ସେ ନେଇ ଏଲ୍‌ପିଏସ୍‌ଏସ୍‌କୁ ବିକଶିତ କରାଯାଉଛି। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଏଲପିଏସ୍‌ଏସ୍‌କୁ ଡିଜାଇନ କରାଯାଇଛି। ଆରବିଆଇ କହିଛି ଯେ ଆବଶ୍ୟକ ପଡ଼ିଲେ ଏହାକୁ ଆକ୍ଟିଭ କରାଯିବ। ସରକାର ଓ ବଜାର ସମ୍ବନ୍ଧିତ ନେଣଦେଣ ଓ ଅର୍ଥ ବ୍ୟବସ୍ଥାର ସ୍ଥିରତାକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ୧୫୦ଟି ମେଡିକାଲ କଲେଜ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିପାରେ ନ୍ୟାସନାଲ ମେଡିକାଲ କମିଶନ

**ନୂଆଦିଲ୍ଲୀ :** ଦେଶର ପ୍ରାୟ ୧୫୦ଟି ମେଡିକାଲ କଲେଜ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିପାରେ ନ୍ୟାସନାଲ ମେଡିକାଲ କମିଶନ। ବିଭିନ୍ନ ନିୟମ ପାଳନ ନ କରିବା, ଫାକଲଟି ଅଭାବ ଆଦି କାରଣରୁ ମେଡିକାଲ କଲେଜଗୁଡ଼ିକ ଉପରୁ ସ୍ୱୀକୃତି ପ୍ରତ୍ୟାହାର ଲାଗି କର୍ତ୍ତୃପକ୍ଷ ଚିନ୍ତା କରୁଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଦେଶର ୪୦ଟି ମେଡିକାଲ କଲେଜ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରାଗଲାଣି ବୋଲି କୁହାଯାଇଛି। ଗୁଜରାଟ, ଆସାମ, ପୁଡୁଚେରୀ, ତାମିଲନାଡୁ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତ୍ରିପୁରା, ପଶ୍ଚିମବଙ୍ଗ ଆଦି ରାଜ୍ୟର ମେଡିକାଲ କଲେଜଗୁଡିକ ସ୍କାନରରେ ରହିଥିବା ଦର୍ଶାଯାଇଛି। କିଛି ମାସ ଧରି ଦେଶର ବିଭିନ୍ନ ମେଡିକାଲ କଲେଜରେ କମିଶନ ଅନ୍ତର୍ଗତ ଅଣ୍ଡରଗ୍ରାଜୁଏଟ ମେଡିକାଲ ଏଜୁକେସନ ବୋର୍ଡ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସିସିଟିଭି କ୍ୟାମେରାର ଅଭାବ ସହ ଆଧାର ସହ ସଂଯୁକ୍ତ ବାୟୋମେଟ୍ରିକ ଆଟେଣ୍ଡାନସ ବ୍ୟବସ୍ଥା କରାଯାଉ ନଥିବା ଜଣାପଡିଥିଲା। ସେହିପରି ଫାକଲଟିମାନଙ୍କ ଉପସ୍ଥାନରେ ମଧ ଅନିୟମିତତା ପ୍ରକାଶିତ ହୋଇଥିଲା। ନିୟମ ଅବମାନନା କରିଥିବା ମେଡିକାଲ କଲେଜଗୁଡିକ ୩୦ଦିନ ମଧ୍ୟରେ ନ୍ୟାସନାଲ ମେଡିକାଲ କମିଶନ ନିକଟରେ ଆବେଦନ କରିବା




ଲାଗି କୁହାଯାଇଛି। ଯଦି ଏନଏମସି ସ୍ତରରେ ସେମାନଙ୍କ ଆବେଦନ ଖାରଜ ହୁଏ ତେବେ ସେମାନେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିକଟରେ ଆବେଦନ କରିପାରିବେ। ଯଦି ୧୫୦ ମେଡିକାଲ ପ୍ରତିଷ୍ଠାନ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରାଯାଏ ତେବେ ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତୀବ୍ର ସଂକଟ ସୃଷ୍ଟି ହେବାର ଆଶଙ୍କା ରହିଛି। ୨୦୧୪ ପରଠାରୁ ଦେଶରେ ମେଡିକାଲ କଲେଜ ସଂଖ୍ୟା ଦୁଇ ଗୁଣ ବଢିଥିବା ସତ୍ତ୍ୱେ ଅନେକ ମେଡିକାଲ କଲେଜର ଦୁରବସ୍ଥା ଚିନ୍ତାର କାରଣ ହୋଇଛି। ୨୦୧୪ରେ ଦେଶରେ ୩୮୭ଟି ମେଡିକାଲ କଲେଜ ରହିଥିବାବେଳେ ୨୦୨୩ରେ ମେଡିକାଲ କଲେଜର ସଂଖ୍ୟା ରହିଛି ୬୬୦। ସେଗୁଡିକ ମଧ୍ୟରୁ ୨୨ଟି ହେଉଛି ଏମସ୍। ୨୦୧୪ରେ ଦେଶରେ ଥିଲା ମୋଟ ୭ଟି ଏମସ୍। ସେହିପରି ୨୦୧୪ରେ ଦେଶରେ ୩୧ ହଜାର ୧୮୫ଟି ପୋଷ୍ଟଗ୍ରାଜୁଏଟ ମେଡିକାଲ ସିଟ୍ ଥିବାବେଳେ ବର୍ତ୍ତମାନ ସେହି ସଂଖ୍ୟା ହୋଇଛି ୬୫ହଜାର ୩୩୫। ୨୦୧୪ରେ ମୋଟ ୫୧ ହଜାର ୩୪୮ଟି ଏମବିବିଏସ ସିଟ ଥିବାବେଳେ ବର୍ତ୍ତମାନ ସେହି ସଂଖ୍ୟା ରହିଛି ୧ ଲକ୍ଷ ୧ ହଜାର ୪୩। ଯଦି ୧୫୦ଟି ମେଡିକାଲ କଲେଜର ସ୍ୱୀକୃତି ପ୍ରତ୍ୟାହାର ହୁଏ ତେବେ ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତୀବ୍ର ସଙ୍କଟ ଦେବା ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ ଗୁଜରାଟରେ ଗତ ମାର୍ଚ୍ଚ ସୁଦ୍ଧା ବିଭିନ୍ନ ସରକାରୀ ମେଡିକାଲ କଲେଜରେ ୧୯୦୦ରୁ ଅଧିକ ପଦବୀ ଖାଲି ଥିଲା।

# ଓଟିଟି ପ୍ଲାଟଫର୍ମରେ ପ୍ରଦର୍ଶିତ ହେବନି ତମାଖୁ ବିଜ୍ଞାପନ

**ନୂଆଦିଲ୍ଲୀ :** ଯୁବପୀଢ଼ିଙ୍କୁ ପ୍ରଭାବିତ କରୁଛି ସେଲିବ୍ରିଟିଙ୍କ ବିଜ୍ଞାପନ। ସ୍କ୍ରିନରେ ମନପସନ୍ଦର ସେଲିବ୍ରିଟିଙ୍କ ବିଜ୍ଞାପନ ଦେଖି ଅନୁକରଣ କରୁଛନ୍ତି ଫ୍ୟାନ୍। ଏପରିକି ତମାଖୁ ସେବନ ବି କରୁଛନ୍ତି। ଧୀରେ ଧୀରେ ତମାଖୁ ଜାଲରେ ଫସି ଯାଉଛନ୍ତି। ବଲିଉଡ ହେଉ କି ଓଲିଉଡ କଳାକାର ତମାଖୁ ବ୍ରାଣ୍ଡର ବିଜ୍ଞାପନ କରିବାକୁ ପଛଉ ନାହାନ୍ତି ସେଲିବ୍ରିଟି। ପରଦାରେ ଏସବୁ ବିଜ୍ଞାପନରେ ଫିଲ୍ମଷ୍ଟାରଙ୍କ ନିଖୁଣ ଅଭିନୟ ଦେଖି ତମାଖୁ ସେବନ କରୁଛନ୍ତି ଯୁବପୀଢ଼ି। ତମାଖୁର ବିଭିନ୍ନ କୁପ୍ରଭାବର ଶିକାର ହେଉଛନ୍ତି। ସିଗାରେଟ ଓ ଗୁଟଖା ସେବନ କରି ପୁରୁଷ ହରାଉଛନ୍ତି ପ୍ରଜନନ ଶକ୍ତି। ତେଣୁ ସମାଜ ପାଇଁ ଆଦର୍ଶ ପାଲଟିଥିବା ସେଲିବ୍ରିଟିମାନେ ନିଜ ଆଡୁ ତମାଖୁ ବ୍ରାଣ୍ଡର ବିଜ୍ଞାପନରୁ ଓହରିବା ପାଇଁ ବିଶ୍ୱ ତମାଖୁ ଦିବସରେ ଅପିଲ କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାର ତମାଖୁ ବର୍ଜନ ଦିଗରେ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ସରକାରୀ କାର୍ଯ୍ୟାଳୟରେ ଗୁଟଖା ବ୍ୟାନ ସହ କଡ଼ାକଡ଼ି ଏନଫୋର୍ସମେଣ୍ଟ କରାଯାଉଛି। ଆବଶ୍ୟକସ୍ଥଳରେ ଫାଇନ୍ ବି ଆଦାୟ କରାଯାଉଛି। କେବଳ ସାଧାରଣ ଲୋକ ନୁହନ୍ତି, ସରକାରୀ ବାବୁ ବି ତମାଖୁ ସେବନ ପାଇଁ ଦଣ୍ଡ ଗଣିଛନ୍ତି। ତମାଖୁ ନିୟନ୍ତ୍ରଣ ଦିଗରେ ଉଲ୍ଲେଖନୀୟ କାମ କରି ଉପାନ୍ତ ମାଲକାନଗିରି, ରାୟଗଡ଼ା ଓ ପୁରୀ ଜିଲ୍ଲାକୁ ସମ୍ମାନିତ କରାଯାଇଛି। କେନ୍ଦ୍ର ସରକାର ବି ଓଟିଟି ପ୍ଲାଟଫର୍ମରେ ତମାଖୁ ବିରୋଧୀ ଚେତାବନୀ ବାଧ୍ୟତାମୂଳକ କରିଛନ୍ତି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ନୂଆ ନିୟମାବଳୀକୁ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ଫିଲ୍ମ, ଅଡିଓ ଭିଜୁଆଲ ପ୍ରୋଗ୍ରାମ, ପ୍ରାମାଣିକ ଚଳଚ୍ଚିତ୍ର, ଟେଲିଭିଜନ ପ୍ରୋଗ୍ରାମ, ସିରିଆଲ, ୱେବସିରିଜ୍ ଭଳି କ୍ଷେତ୍ରରେ ଏହି ନିୟମ କାର୍ଯ୍ୟକାରୀ ହେବ।

# ଭାରତର ୩ ପଡ଼ୋଶୀ ରାଷ୍ଟ୍ର ବିଶ୍ୱର କ୍ଷୁଧା ହଟ୍‌ସ୍ପଟ

**ରୋମ :** ଭାରତର ୩ଟି ପଡ଼ୋଶୀ ଦେଶ ବିଶ୍ୱର କ୍ଷୁଧା ହଟସ୍ପଟ ଦେଶ ମଧ୍ୟରେ ରହିଛନ୍ତି। ସେମାନେ ହେଲେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ମ୍ୟାନମାର। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରୁ ଏଭଳି ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଜାତିସଂଘର ଉପରୋକ୍ତ ଦୁଇଟି ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବୃଦ୍ଧି ପାଉଥିବା ଖାଦ୍ୟଭାବଜନିତ ସମସ୍ୟାକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଯୁଦ୍ଧ ଯୋଗୁ ସୁଦାନରେ ଏବଂ ଲୋକ ଓ ସାମଗ୍ରୀର ଯାତାୟାତ ଉପରେ କଟକଣା ଯୋଗୁ ହାଇତି, ବୁର୍କିନା ଫାସୋ ଏବଂ ମାଲିରେ ଦେଖାଦେଇଥିବା ସମସ୍ୟା ସେସବୁ ଦେଶରେ ଖାଦ୍ୟ ଅଭାବଜନିତ ପରିସ୍ଥିତିକୁ ଜଟିଳ କରିଛି। ଏହି ୪ଟି ଦେଶ ସହିତ ଆଫଗାନିସ୍ତାନ, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ ଏବଂ ୟେମେନରେ ବସବାସ କରୁଥିବା



ଲୋକମାନେ ସର୍ବାଧିକ ସ୍ତରର କ୍ଷୁଧା ହଟସ୍ପଟ୍‌ରେ ଅଛନ୍ତି କିମ୍ବା ରହିବାକୁ ଯାଉଛନ୍ତି। ଏସବୁ ଦେଶଗୁଡ଼ିକ ପାଇଁ କ୍ଷୁଧା ଦୃଷ୍ଟିରୁ ସର୍ବାଧିକ ଚିନ୍ତାବ୍ୟକ୍ତ କରାଯାଇଛି। ଏହା ବାଦ୍ ୨୨ଟି ଦେଶକୁ ଉକ୍ତ ଖାଦ୍ୟ ଅସୁରକ୍ଷା ରାଷ୍ଟ୍ର ଭାବେ ଚିହ୍ନଟ କରାଯାଇଛି। ସେଗୁଡ଼ିକ ମଧ୍ୟରେ ପାକିସ୍ତାନ, ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ଇଥିଓପିଆ, କେନିୟା, କଙ୍ଗୋ, ସିରିଆନ୍ ଆରବ୍ ରିପବ୍ଲିକ ଏବଂ ମ୍ୟାନମାର ରହିଥିବା ରିପୋର୍ଟରେ କୁହାଯାଇଛି। କ୍ଷୁଧା ଦୃଷ୍ଟିରୁ ଏମାନଙ୍କୁ ଅତି ଉଦ୍‌ବେଗଜନକ ବର୍ଗର ଦେଶଭାବେ ରଖାଯାଇଛି।

## ହୃଦ୍‌ଘାତ ଉପରେ ଏମ୍ସର ଅଧ୍ୟୟନ

# ସଚେତନତା ଅଭାବରୁ ୫୫%ଙ୍କ ମୃତ୍ୟୁ

**ନୂଆଦିଲ୍ଲୀ :** ନିକଟରେ ଅନୁଷ୍ଠିତ ଏକ ଅଧ୍ୟୟନ ଅନୁଯାୟୀ ମାତ୍ର ୧୦ ପ୍ରତିଶତ ରୋଗୀ ହୃଦ୍ଘାତର ଏକଘଣ୍ଟା ଭିତରେ ହସ୍ପିଟାଲରେ ପହଞ୍ଚିଥାନ୍ତି, ଯାହା ସେମାନଙ୍କ ଜୀବନ ରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ଯେତେଶୀଘ୍ର ସେମାନଙ୍କୁ ହସ୍ପିଟାଲକୁ ଅଣାଯିବ ଚିକିତ୍ସାରୁ ସେତେ ଅଧିକ ସୁଫଳ ମିଳିବ। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା, ଯାହାର ରିପୋର୍ଟ ମେଡିକାଲ ଜର୍ଣ୍ଣାଲ ଲାନସେଟରେ ପ୍ରକାଶ ପାଇଛି। ଏମ୍ସର କମ୍ୟୁନିଟି ମେଡିସିନ ସେଣ୍ଟରର ପ୍ରଫେସର ଡ ଆନନ୍ଦ କୃଷ୍ଣନଙ୍କ କହିବା ଅନୁସାରେ, ହରିୟାଣା ଫରିଦାବାଦର ବଲ୍ଲବଗଡ଼ ବ୍ଲକ୍‌ରେ ହୃଦ୍‌ଘାତରେ ମରିଥିବା ଲୋକମାନଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ରୋଗୀଙ୍କୁ ହସ୍ପିଟାଲ ଆଣିବାରେ



କାହିଁକି ବିଳମ୍ବ ହେଲା ଏବଂ ହସ୍ପିଟାଲରେ ପହଞ୍ଚିବା ପରେ ତୁରନ୍ତ ଚିକିତ୍ସା ଆରମ୍ଭ କରାଇବା ଲାଗି ସେମାନେ କିକି ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏ ବିଷୟରେ ମୃତକଙ୍କ ପରିବାର ଲୋକଙ୍କୁ ପଚରାଯାଇଥିଲା। ଏମ୍ସର ତିନୋଟି ବିଭାଗ – କାର୍ଡିଓଲୋଜି, ନ୍ୟୁରୋଲୋଜି ଓ କମ୍ୟୁନିଟି ମେଡିସିନ ପକ୍ଷରୁ ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ ପାଣ୍ଠିରେ ଏହି ଅଧ୍ୟୟନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଲା ଯେ ୩୦ରୁ ୪୦ ପ୍ରତିଶତ ଲୋକ ପରିସ୍ଥିତି କାରଣରୁ ହସ୍ପିଟାଲରେ ରୋଗୀକୁ ବିଳମ୍ବରେ ପହଞ୍ଚାଇ ନ ଥିଲେ। ଡ କୃଷ୍ଣନଙ୍କ କହିବା ଅନୁସାରେ ୫୫ ପ୍ରତିଶତ ଲୋକ କ'ଣ ହୋଇଛି ଜାଣିପାରି ନ ଥିଲେ। ରୋଗୀର ହୃଦ୍‌ଘାତ ହୋଇଛି ନା ଷ୍ଟ୍ରୋକ୍ ହୋଇ ନା ଆଉ କିଛି ସେମାନେ ଜାଣିପାରି ନ ଥିଲେ। ଏଣୁ ତୁରନ୍ତ ହସ୍ପିଟାଲ ନେବାର ଆବଶ୍ୟକତା ସେମାନେ ବୁଝିପାରି ନ ଥିଲେ। ୨୦ରୁ ୩୦ ପ୍ରତିଶତ ଲୋକ ରୋଗୀକୁ ହସ୍ପିଟାଲ ନେବା ପାଇଁ ଗାଡ଼ି, ଟଙ୍କା ଆଦି ଅଭାବର ସମ୍ମୁଖୀନ ହୋଇଥିଲେ। ପ୍ରାୟ ୧୦ ପ୍ରତିଶତ ଲୋକ ରୋଗୀକୁ ହସ୍‌ପିଟାଲରେ ଠିକ୍ ସମୟରେ ପହଞ୍ଚାଇଥିଲେ ମଧ୍ୟ ହସ୍ପିଟାଲରେ ଅନ୍ୟ କାରଣରୁ ଚିକିତ୍ସାରେ ବିଳମ୍ବ ଘଟିଥିଲା। ଏଥିରେ ୪୩୫ ଜଣ ହୃଦ୍ଘାତ ମୃତ୍ୟୁ ଉପରେ ଅନୁଧ୍ୟାନ କରାଯାଇଥିଲା।

# ୨୦୧୩ ଭଳି ସ୍ଥିତି ନାହିଁ, ନିଜକୁ ମଜବୁତ କରିଛି ଭାରତ: ମୋର୍ଗାନ ଷ୍ଟାନଲୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ ଭାରତ ନିଜକୁ ବଦଳାଇଛି। ବିଶ୍ୱସ୍ତରରେ ନିଜର ସ୍ଥିତିକୁ ମଜବୁତ କରିଛି ଓ ଏସିଆ ଏବଂ ବିଶ୍ୱର ଅଭିବୃଦ୍ଧିରେ ପ୍ରମୁଖ ସଦସ୍ୟ ସାଜିଛି ବୋଲି ଆମେରିକୀୟ ବ୍ୟାଙ୍କିଂ ସଂସ୍ଥା ମୋର୍ଗାନ ଷ୍ଟାନଲୀ ତା' ରିପୋର୍ଟରେ ଦାବି କରିଛି। ସଂସ୍ଥା ତା'ର ରିପୋର୍ଟରେ କହିଛି ଯେ, ଭାରତର ଅଭିବୃଦ୍ଧି କରିଛି। ବିଶେଷ କରି ବିଦେଶୀ ସଂସ୍ଥାର ପୁଞ୍ଜିନିବେଶ କ୍ଷେତ୍ରରେ ଭାରତ ଆଗରେ ରହିଛି। ୨୦୧୩ରେ ଭାରତ ଯାହା ଥିଲା ଏବେ ଏହା ସଂପୂର୍ଣ୍ଣ ଭାବେ ବଦଳି ଯାଇଛି। ୧୦ ବର୍ଷର ଛୋଟିଆ ଅବଧିରେ ଭାରତ ପୂରା ବିଶ୍ୱରେ ନିଜର ସ୍ଥିତିକୁ ମଜବୁତ କରିଛି। ଏହି ସମୟରେ ମାଇକ୍ରୋ ଓ ମାର୍କେଟ କ୍ଷେତ୍ରକୁ ମହତ୍ତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ଫଳ ମିଳିଛି। ୧୦ ବର୍ଷରୁ କମ ସମୟରେ ଭାରତର ଚିତ୍ର କେମିତି ବଦଳି ଗଲା, ତା'ର ଉପରେ ସଂସ୍ଥା ରିପୋର୍ଟ ଦେଇଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ୧୦ଟି ବଡ଼ ପରିବର୍ତ୍ତନ ସମ୍ପର୍କରେ ମଧ ଏହି ରିପୋର୍ଟରେ କୁହାଯାଇଛି। କର୍ପୋରେଟ ଟିକସ ଓ ଭିତ୍ତିଭୂମି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ସପ୍ଲାଏ ବଢ଼ିବା ସହ ଅଭିବୃଦ୍ଧି ହୋଇଛି। ଏକାଧିକ କେନ୍ଦ୍ରୀୟ ଓ ରାଜ୍ୟ ଟିକସକୁ ପରିବର୍ତ୍ତନ କରି ଜିଏସଟି ନିୟମ ଯୋଗୁ ରାଜସ୍ୱ ବଢ଼ିଛି। ଡିଜିଟାଲ ନେଣଦେଣ ଯୋଗୁ ଅର୍ଥନୀତି ସ୍ୱାଭାବିକ ହୋଇଥିବା ସଂସ୍ଥା କହିଛି। ଯୋଗାଣ କ୍ଷେତ୍ର ପାଇଁ



ନୀତି ସଂସ୍କାର, ଅର୍ଥ ବ୍ୟବସ୍ଥାର ଫରମାଲାଇଜେସନ, ରିଏଲ୍ ଇଷ୍ଟେଟ୍ (ନିୟମାବଳୀ ଓ ବିକାଶ) ଅଧିନିୟମ, ବିଭିନ୍ନ ସେବାର ଡିଜିଟାଇଜେସନ୍, ଇନ୍ସଲଭେନ୍ସି ଓ ଦେବାଳିଆ କୋଡ୍, ଫ୍ଲେକ୍ସିବୁଲ ମୁଦ୍ରାସ୍ଫୀତି ଲକ୍ଷ୍ୟ, ଏଫଡିଆଇ ଉପରେ ଫୋକସ, କର୍ପୋରେଟ୍ ଲାଭ ପାଇଁ ସରକାରୀ ସହାୟତା ଆଦି ବଡ଼ ପରିବର୍ତ୍ତନ ୧୦ ବର୍ଷ ମଧ୍ୟରେ ହୋଇଛି। ଗତ ୧୦ ବର୍ଷ ହେଲା ଭାରତରେ କର୍ପୋରେଟ୍ ଟିକସ ହାର ୨୫ ପ୍ରତିଶତରୁ କମ୍ ଥିବାବେଳେ ମାର୍ଚ୍ଚ ୨୪ ପୂର୍ବରୁ କାର୍ଯ୍ୟ ଆରମ୍ଭ କରିବାକୁ ଥିବା ନୂଆ କମ୍ପାନୀଗୁଡିକ ପାଇଁ ଏହା ୧୫% ରହିଛି। ଭିତ୍ତିଭୂମି ବିକାଶ ଦୃଷ୍ଟିରୁ ଏହି ରିପୋର୍ଟରେ ଜାତୀୟ ରାଜପଥ, ବ୍ରଡବ୍ୟାଣ୍ଡ ଗ୍ରାହକ ଆଧାର, ଅକ୍ଷୟ ଶକ୍ତି ଓ ରେଳ ମାର୍ଗ ଭଳି ଜିନିଷକୁ ବିଚାରକୁ ନିଆଯାଇଛି। ରିପୋର୍ଟରେ ଭାରତ ଖୁବଶୀଘ୍ର ଏସିଆ ଓ ବିଶ୍ୱ ଅଭିବୃଦ୍ଧିର ପ୍ରମୁଖ ରାଷ୍ଟ୍ର ସାଜିବ ବୋଲି ଦାବି କରାଯାଇଛି। ଭାରତ ବିଶ୍ୱର ଦ୍ୱିତୀୟ ଦ୍ରୁତତମ ଅଭିବୃଦ୍ଧି ରାଷ୍ଟ୍ର ଓ ୨୫ ବର୍ଷ ହେଲା ଷ୍ଟକ ମାର୍କେଟରେ ଭଲ ପ୍ରଦର୍ଶନ କରୁଥିବା ଦେଶ ହୋଇଥିଲେ ମଧ ଦକ୍ଷତା ଅନୁସାରେ ଏହା ସେବା ଯୋଗାଇ ପାରୁ ନଥିବା ଅନେକ ନିବେଶକାରୀ ମତ ରଖୁଥିଲେ। ହେଲେ ୨୦୧୪ ପରେ ହୋଇଥିବା ପରିବର୍ତ୍ତନ ଏସବୁ ଆଭିମୁଖ୍ୟକୁ ବଦଳାଇଛି ବୋଲି ସଂସ୍ଥା କହିଛି। ଭାରତର ମୁଣ୍ଡ ପିଛା ଆୟ ୨,୨୦୦ ଆମେରକୀୟ ଡଲାରରୁ ବୃଦ୍ଧି ପାଇଁ ୨୦୩୨ ଆର୍ଥିକ ବର୍ଷ ସୁଦ୍ଧା ୫,୨୦୦ ଡଲାରରେ ପହଞ୍ଚିବ। ରିୟଲ ଟାଇମ ପେମେଣ୍ଟ ଓ ଡିଜିଟାଲ ନେଣଦେଣରେ ଭାରତ ଖୁବଶୀଘ୍ର ବିଶ୍ୱସ୍ତରୀୟ ରାଷ୍ଟ୍ର ବନିବ। ମୁଦ୍ରାସ୍ଫୀତିର ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ ନାହିଁ ବୋଲି ରିପୋର୍ଟରେ ମୋର୍ଗାନ ଷ୍ଟାନଲୀ ଦାବି କରିଛି।

# ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ଜାତିସଂଘର ପ୍ରଶଂସା



**ଭୁବନେଶ୍ୱର :** ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କରିବା ପ୍ରଣାଳୀକୁ ମିଳିତ ଜାତିସଂଘ ଉଚ୍ଚ ପ୍ରଶଂସା କରିଛନ୍ତି। ଆସନ୍ନ ବାତ୍ୟା ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ବ୍ୟାପକ ସ୍ଥାନାନ୍ତର କରିବା ତଥା ଶୂନ୍ୟ ପ୍ରାଣହାନି ସହିତ ସରକାରୀ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷାକରି ସଫଳତାର ସହ ବିପର୍ଯ୍ୟୟ ପରିଚାଳନା କରିବା ପ୍ରଣାଳୀକୁ ମିଳିତ ଜାତିସଂଘ ଉଚ୍ଚ ପ୍ରଶଂସା କରିଛନ୍ତି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆମ ରାଜ୍ୟ ସମ୍ମାନଜନକ 'ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ' ୨୦୨୩ ପୁରସ୍କାର ପାଇଛି। ନାଗରିକମାନଙ୍କୁ ବିପର୍ଯ୍ୟୟ ଗୁଡିକ ବିଷୟରେ ଆଗରୁ ସଜାଗ କରିବା ତଥା ଏସ୍‌ଏମ୍‌ଏସ୍ ଦ୍ୱାରା ସତର୍କ ବାର୍ତ୍ତା ପଠାଇବା ପାଇଁ ଉପକୂଳବର୍ତ୍ତୀ ୧୨୨ ଟି ସ୍ଥାନରେ ଆଲର୍ଟ ସାଇରନ୍ ଟାୱାର ଗୁଡିକ ସ୍ଥାପିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ଦିଆଯାଉଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ଡିଏମ୍‌ପିଏସ୍ ପୋର୍ଟାଲ ଦ୍ୱାରା ଡିବିଟି ମାଧ୍ୟମରେ ଖୁବଶୀଘ୍ର ପ୍ରଦାନ କରାଯାଇପାରୁଛି। ଅଦ୍ୟାବଧି ଏହା ମାଧ୍ୟମରେ ୯, ୮୧୬ ପରିବାରଙ୍କୁ ୩୮୭ କୋଟି ୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ (ଓଡିଆରପି) ଅଧୀନରେ ଗଞ୍ଜାମ, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ୧୬,୪୪୨ ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ସିଏସ୍‌ଆର ପାଣ୍ଠି ଅଧୀନରେ ୫୯ଟି ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। ସାତଭାୟା (ରାଜନଗର ତହସିଲ) ଅଞ୍ଚଳର ବିସ୍ଥାପିତ ୫୭୧ ପରିବାରଙ୍କୁ ବଗାପାଟିଆ ଗ୍ରାମଠାରେ ଥଇଥାନ ନିମନ୍ତେ ୩୩ କୋଟି ୮୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ଗୃହ ସହିତ ୨୦ଟି ଓଡିଆରଏଏଫ୍ ୟୁନିଟକୁ ସଶକ୍ତ କରାଯାଇଛି। ସନ୍ଧାନ ଓ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସାରେ ସହାୟତା ପାଇଁ ୩୨, ୬୩୩ ସଂଖ୍ୟକ ସ୍ୱେଚ୍ଛାସେବୀ ତାଲିମପ୍ରାପ୍ତ ହୋଇଛନ୍ତି। ବିପର୍ଯ୍ୟୟ ସମ୍ବନ୍ଧୀୟ ସତର୍କତା ପାଇଁ 'ସତର୍କ' ମୋବାଇଲ୍ ଆପ୍ ବିକଶିତ ହୋଇଛି। ୧୦,୦୦୦ ଗ୍ରାମରେ ଗୋଷ୍ଠୀ ନେତୃତ୍ୱାଧୀନ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି। ବିପର୍ଯ୍ୟୟ ପରିଚାଳନାକୁ ଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ବିପର୍ଯ୍ୟୟ ପରିଚାଳନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ତାଲିମ ଦେବା ଏବଂ ଅନ୍ତର୍ଭୁକ୍ତ କରିବା ପାଇଁ ଗଞ୍ଜାମ ଜିଲ୍ଲାରେ 'ସ୍ୱୟଂସିଦ୍ଧା' ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମିଶନ୍ ଶକ୍ତି ବିଭାଗର ସହଯୋଗରେ ଏହା ଅନ୍ୟ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରାଯିବ।

# ରାଜଧାନୀର ୫୭ ସ୍ଥାନରେ ହେବ ରଥଯାତ୍ରା

**ଭୁବନେଶ୍ୱର :** ରାଜଧାନୀର ୫୭ଟି ସ୍ଥାନରେ ହେବ ରଥଯାତ୍ରା। ସମନ୍ୱୟ ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା। ନବଦିନାତ୍ମକ ଯାତ୍ରା ପାଇଁ ସଜାଗ କମିଶନରେଟ୍ ପୋଲିସ। ରଥ ଗଡ଼ିବାରେ ସମସ୍ୟା ସାଜିବ ଅଧା ଖୋଲା ରାସ୍ତା। ଜୁନ୍ ୨୦ରେ ପ୍ରସିଦ୍ଧ ଘୋଷଯାତ୍ରା। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା, ପରିମଳ, ଗମନାଗମନ, ଆଲୋକୀକରଣ, ଆଇନଶୃଙ୍ଖଳା ରକ୍ଷା ପ୍ରସଙ୍ଗରେ ଏକ ସମନ୍ୱୟ ବୈଠକ ପୋଲିସ ସେବା ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଶୃଙ୍ଖଳିତ ରଥଯାତ୍ରା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ରଥ କମିଟିର ସୁବିଧା ଅସୁବିଧା ନେଇ ବିସ୍ତୃତ ଆଲୋଚନା ହୋଇଛି। ରାଜଧାନୀ ଓ ଉପକଣ୍ଠରେ ଚଳିବର୍ଷ ୫୭ଟି ରଥଯାତ୍ରା ହେଉଥିବା ବେଳେ ଇସ୍କନରେ ଲକ୍ଷାଧିକ ଲୋକଙ୍କ ସମାଗମ ଆଶା ରହିଛି। ଏଣୁ ପୋଲିସ, ବିଏମସି, ୱାଟ୍‌କୋ, ଆର ଆଣ୍ଡ ବି, ଓଡ୍ରାଫ ଆଦିର ସମନ୍ୱୟରେ କିଭଳି ରଥଯାତ୍ରା ହେବ ସେ ନେଇ ସହଯୋଗ ଲୋଡିଛନ୍ତି ବିଭିନ୍ନ ରଥ କମିଟିର କର୍ମକର୍ତ୍ତା। ଆଲୋଚନା ସମୟରେ ରାଜଧାନୀର ଖୋଲା ହୋଇଥିବା ରାସ୍ତା ନେଇ ଉଦବେଗ ପ୍ରକାଶ ପାଇଥିଲା। ସେହିପରି ମୁକୁଳା ଡ୍ରେନ ମରାମତି, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ସ୍ଥାନ, ଆମ୍ବୁଲାନ୍ସ, ଗଛ କାଟିବା, ପାଣି ସିଞ୍ଚନ କରିବା ଆଦି ଦିଗକୁ ଫୋକସ କରାଯାଇଥିଲା। ସେହିପରି ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଲେଡିଜ୍ ପୋଲିସ ମୁତୟନ ହେବେ ଓ କମିଟି ସଦସ୍ୟ ଯେଉଁମାନେ ରଥ କର୍ଡନ ଭିତରେ ରହିବେ। ସେମାନଙ୍କ ନିର୍ଦ୍ଦିଷ୍ଟ ପରିଚୟ ପତ୍ର ରହିବାକୁ ଗୁରୁତ୍ୱ ଦେଇଥିଲେ ଡିସିପି। ଗୁଣ୍ଡିଚା, ବାହୁଡା ଓ ସୁନାବେଶ ହେଉଥିବା ସ୍ଥାନରେ ଅପରାଧ ନିୟନ୍ତ୍ରଣ ମୂଖ୍ୟତଃ ପକେଟମାରଙ୍କ ଉପରେ ନଜର ରଖିବା ପାଇଁ ସାଦା ପୋଷାକରେ ରହିବେ ପୋଲିସ। ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, ବିଏମସି ଅତିରିକ୍ତ କମିଶନର, ଭୁବନେଶ୍ୱର ଡିସିପି, ଟ୍ରାଫିକ ଡିସିପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ମାନଚିତ୍ରରେ ଶ୍ରୀକ୍ଷେତ୍ର ପାଇବ ସ୍ୱତନ୍ତ୍ର ପରିଚୟ

## ପ୍ରସ୍ତାବିତ ଏୟାରପୋର୍ଟ ପାଇଁ ୧୧ ଶହ ୪୨ ଏକର ଜମି ଚିହ୍ନଟ



**ପୁରୀ :** ବିଶ୍ୱ ମାନଚିତ୍ରରେ ଶ୍ରୀକ୍ଷେତ୍ର ପାଇବ ସ୍ୱତନ୍ତ୍ର ପରିଚୟ। ସାକାର ହେବ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ଜାରି ରହିଛି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ। ସେଥିମଧ୍ୟରୁ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ଏକ ପ୍ରମୁଖ ଓ ମହତ୍ୱପୂର୍ଣ୍ଣ ପ୍ରକଳ୍ପ। ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବା ବେଳେ ଇତି ମଧ୍ୟରେ ପ୍ରି ଫିଜିବିଲିଟି ରିପୋର୍ଟ ପ୍ରଦାନ ସହିତ ଅବଷ୍ଟାକଲ ସର୍ଭେ ମଧ୍ୟ ସରିଛି। ବିମାନ ବନ୍ଦର ପାଇଁ ୧ ହଜାର ୧୪୨ ଏକର ଜମି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୨୨୧ ଏକର ଜମି ଅଧିଗ୍ରହଣ ନେଇ ଜଣ ଶୁଣାଣି ଆରମ୍ଭ ହୋଇଥିବା ବେଳେ ଆଜି ସିପ ସରୁବାଲି ମୌଜାର ୧୫୩ ଏକର ଜମି ଅଧିଗ୍ରହଣକୁ ନେଇ ଜଣ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଭାଗ ନେଇ ମତାମତ ପ୍ରଦାନ କରିବା ସହ ବିମାନ ବନ୍ଦର ନିର୍ମାଣକୁ ସ୍ୱାଗତ କରିଛନ୍ତି ଲୋକେ। ଆସନ୍ତାକାଲି ଷଣ୍ଢପୁର ମୌଜାର ବାକି ଏକର ଜମିର ଜନ ଶୁଣାଣି ଅନୁଷ୍ଠିତ ହେବ। ଏୟାରପୋର୍ଟ ପ୍ରତିଷ୍ଠା ହେଲେ ପର୍ଯ୍ୟଟନର ବିକାଶ ହେବା ସହ ଗମନାଗମନ ସୁବିଧା ହେବ। ବିଶ୍ୱ ମାନଚିତ୍ରରେ ପୁରୀ ଏକ ବିକଶିତ ସହରର ମାନ୍ୟତା ପାଇବ। ରାଜ୍ୟ ସରକାରଙ୍କ ଏହି ଯୋଜନା ବିଶ୍ୱ ସହ ଶ୍ରୀକ୍ଷେତ୍ରକୁ ଯୋଡିବାରେ ସହଯୋଗ କରିବ। ତେଣୁ ଏପରି ବିକାଶକୁ ନେଇ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଥିବା ବେଳେ ଏହି ପ୍ରକଳ୍ପ ନେଇ ନିଜ ଭିଟାମାଟି ଦେଇଥିବାରୁ ଗର୍ବ ଅନୁଭବ କରିଛନ୍ତି। ପୁରୀରେ ଆନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଦିଗରେ ପ୍ରଶାସନିକ ପକ୍ଷରୁ ତ୍ୱରିତ ପଦକ୍ଷେପ ଜାରିରହିଥିବା ବେଳେବେଳେ ବିମାନବନ୍ଦର ନେଇ ଚିହ୍ନଟ ଜମିରେ ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି।

# ଚମକିବ ଏକାମ୍ର କିର୍ତ୍ତୀରାଜି




**ଭୁବନେଶ୍ୱର :** ମନ୍ଦିରମାଳିନୀ ପୁରୁଣା ଭୁବନେଶ୍ୱରର ରୂପରେଖ ବଦଳିବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ସମେତ ପୁରୁଣା ଭୁବନେଶ୍ୱରରେ ଥିବା ଶତାଧିକ ମନ୍ଦିର ଓ ତାହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କାର୍ଯ୍ୟ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଶ୍ରଦ୍ଧାଳୁଙ୍କୁ ସୁଖଦ ଅନୁଭୂତି ଦେବା ଉଦ୍ଦେଶ୍ୟରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏକାମ୍ରକ୍ଷେତ୍ର ଆମିନିଟିଜ୍ ଓ ମନୁମେଣ୍ଟସ୍ ରିଭାଇଭାଲ୍ ଆର୍ବନ୍ ପ୍ଲାନ୍ (ଏକାମ୍ର ପ୍ଲାନ୍) ଅଧୀନରେ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୋମବାର ରାଜ୍ୟ କ୍ୟାବିନେଟ ପୁଣି ଥରେ ପୁରୁଣା ଭୁବନେଶ୍ୱରର ଅନେକ ମନ୍ଦିର ଓ କୀର୍ତ୍ତିରାଜିର ସାର୍ବଙ୍ଗୀନ ବିକାଶ ନିମନ୍ତେ ୧୫୬ କୋଟି ୨୧ ଲକ୍ଷ ଟଙ୍କାର ଅର୍ଥ ଅନୁମୋଦନ କରିଛନ୍ତି। ତେବେ ସରକାରଙ୍କର ଏଭଳି ପଦକ୍ଷେପକୁ ପୁରୁଣା ଭୁବନେଶ୍ୱର ସ୍ଥାନୀୟ ଲୋକେ ପ୍ରଶଂସା କରିଥିବା ବେଳେ ଏହି ଉନ୍ନୟନମୂଳକ କାର୍ଯ୍ୟ କରାଗଲେ ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସ୍ଥାପିତ ହୋଇପାରିବ ବୋଲି କହିଛନ୍ତି। ସୂଚନା ଥାଉ କି ସରକାର ଏହି ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଆସନ୍ତା ୧୮ ମାସ ମଧ୍ୟରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରିଛନ୍ତି। କ୍ୟାବିନେଟ୍ ପକ୍ଷରୁ ଏସମ୍ପର୍କରେ କୁହାଯାଇଛି ଯେ ସରକାର ପୁରୁଣା ଭୁବନେଶ୍ୱରର ବିଭିନ୍ନ ପ୍ରାଚୀନ ସ୍ମାରକୀଗୁଡ଼ିକର ପୁନରୁଦ୍ଧାର କରିବା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏକ ଘରୋଇ ଠିକା ସଂସ୍ଥା ଏହି କାର୍ଯ୍ୟ ସମ୍ପାଦନ କରିବ। ଅନ୍ୟପକ୍ଷରେ ସରକାରଙ୍କର ଏଭଳି ପଦକ୍ଷେପ ସମ୍ପର୍କରେ ସମାଜସେବୀ ଭୀଷ୍ମନାରାୟଣ ନାୟକ କହିଛନ୍ତି ଯେ, ସୁକ୍ଷ୍ମେଶ୍ୱର ମନ୍ଦିର, ତିନି ମୁଣ୍ଡିଆ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ଭଳି କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ହେଉଥିଲା। ସେହିଭଳି ଅନେକ ମନ୍ଦିରରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସାଧାରଣରେ ଦାବି ହେଉଥିଲା। ସମ୍ପ୍ରତି ସରକାର ୧୫୬ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ କ୍ୟାବିନେଟ୍ ଘୋଷଣା ଏକାମ୍ରବାସୀଙ୍କୁ ଖୁସି ଦେଇଛି। ଭୁବନେଶ୍ୱର ମନ୍ଦିର ମାଳିନୀ ସହର ଭାବେ ସାରା ରାଜ୍ୟରେ ପରିଚିତ। ଏହି ଛବି ଯେପରି ମଳିନ ନହେଉ ତାହାର ଦାୟିତ୍ୱ ସରକାର ନେଇଛନ୍ତି। ଏକାମ୍ରବାସୀ ସରକାରଙ୍କର ଏଭଳି ପଦକ୍ଷେପକୁ ସ୍ୱାଗତ କରୁଛୁ। ତେବେ କ୍ୟାବିନେଟ୍ର ଏହି ଘୋଷଣା ପରେ ଏକାମ୍ର ଭୁବନେଶ୍ୱର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ଏକାଦଶ ଶତାବ୍ଦୀର ପ୍ରାଚୀନ ଲିଙ୍ଗରାଜ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ମନ୍ଦିରଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ କ୍ୟାବିନେଟ୍ ୧୫୬ କୋଟି ଟଙ୍କାର ଅର୍ଥ ଅନୁମୋଦନ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରେ ସାଧୁବାଦ ଦିଆଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ପୁରୁଣା ଭୁବନେଶ୍ୱରର ଅନେକ କୀର୍ତ୍ତିରାଜିର ସଂରକ୍ଷଣ ଓ ପୁନରୁଦ୍ଧାର ହୋଇପାରିବ। ସେହିଭଳି ଏହି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏକାମ୍ର କ୍ଷେତ୍ରର ସ୍ୱତନ୍ତ୍ରତା ଓ ମୌଳିକତାକୁ ଦେଶ ତଥା ଦେଶ ବାହାରର ପର୍ଯ୍ୟଟକମାନେ ଅନୁଭବ କରିପାରିବେ।

## ୩ ଜିଲ୍ଲାରେ ହେବ ୨୩୧୨କୋଟିର ମେଗା ପାନୀୟ ଜଳ ପ୍ରକଳ୍ପ

# ବୁର୍ଲା ଇଞ୍ଜିନିୟରିଂ ୟୁନିଭରସିଟିକୁ ୨ହଜାର କୋଟି ଅନୁମୋଦନ

**ଭୁବନେଶ୍ୱର:** ଗଞ୍ଜାମ, ବଲାଙ୍ଗିର ଓ ଗଜପତି ଜିଲ୍ଲାରେ ମୋଟ ୨୩୧୨.୧୧କୋଟି ଟଙ୍କାର ୮ଟି ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସେହିପରି ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ୟୁନିର୍ଭସିଟି ଅଫ ଟେକ୍ନୋଲୋଜି (ଭିସୁଟ)ର ନବକଳେବର ପାଇଁ ୨ହଜାର କୋଟି ଟଙ୍କା ବ୍ୟୟବରାଦ ସମେତ ମୋଟ ୧୮ଟି ପ୍ରକଳ୍ପକୁ ଆଜି କ୍ୟାବିନେଟର ମଞ୍ଜୁରୀ ମିଳିଛି। ପଞ୍ଚମ ପାଳିର ୪ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଗ୍ରାମାଞ୍ଚଳର ଲୋକଙ୍କୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଳଜୀବନ ମିଶନ ପାଣ୍ଠିରେ ଗଞ୍ଜାମ ଜିଲ୍ଲାରେ ୧୫୦୯.୯୧କୋଟି ଟଙ୍କାର ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୨ଟି ବ୍ଲକର ୨୨୮ଟି ପଞ୍ଚାୟତର ୭୭୦ଟି ଗାଁର ପ୍ରାୟ ୯.୯୨ଲକ୍ଷ ଲୋକ ଉପକୃତ ହେବେ। ସେହିପରି ଗଜପତି ଜିଲ୍ଲାରରେ ୩୪୬ଟି ଗାଁର ୧.୩୧ଲକ୍ଷ ଲୋକଙ୍କ ସୁବିଧା ନିମନ୍ତେ ୩୭୯.୧୭କୋଟି ଟଙ୍କାର ୨ଟି ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ବଲାଙ୍ଗିର ଜିଲ୍ଲାରେ ୪୨୩କୋଟି ଟଙ୍କାର ୫ଟି ମେଗା ପାନୀୟ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏ ସମସ୍ତ ପାନୀୟ ଜଳ ପ୍ରକଳ୍ପ ଆସନ୍ତା ୨ବର୍ଷ ମଧ୍ୟରେ ଶେଷ ହେବ ଓ ରାଜ୍ୟ କ୍ୟାବିନେଟ ଆଜି ଏସବୁ ପ୍ରକଳ୍ପର ଚୂଡ଼ାନ୍ତ ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ କରିଛନ୍ତି। ସେହିପରି ଫାଇଭ-ଟି କାର୍ଯ୍ୟକ୍ରମରେ ବୁର୍ଲାସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟର ନବକଳେବର ପାଇଁ ମୋଟ ୨ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ବିନିଯୋଗ ଯୋଜନା ପାଇଁ ୨୦୨୨-୨୩ରୁ ୨୦୨୪-୨୫ ମସିହା ମଧ୍ୟରେ ୩୬୪.୪୦କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ମୋଟ ୩୩୦.୧୭କୋଟି ଟଙ୍କା ପ୍ରସ୍ତାବକୁ ମଧ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛନ୍ତି। କୋଣାର୍କ ଐତିହ୍ୟ ବିକାଶ ନିମନ୍ତେ କୋଣାର୍କ ମନ୍ଦରି କମ୍ପ୍ଲେକ୍ସ ନିର୍ମାଣ ପାଇଁ ମୋଟ ୨୦୯.୭୩କୋଟି ଟଙ୍କାର ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ସେହିପରି ଏକାମ୍ର କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ୧୫୬.୨୧କୋଟି ଟଙ୍କା ଖର୍ଚ୍ଚ କରାଯାଇ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଯାତ୍ରୀଙ୍କ ସୁବିଧା ଓ ଭିତ୍ତିଭୂମିରେ ସୁଧାର ଅଣାଯିବ। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିପରି ଚକ ଜମିଗୁଡ଼ିକର ମାଲିକାନା ହସ୍ତାନ୍ତର ନିମନ୍ତେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହାଫଳରେ ଜମି ମାଲିକମାନଙ୍କୁ ଏଣିକି ଚକଜମି ବିକ୍ରି, କିଣା ଓ ବିଭାଜନ କରିବାର ସୁଯୋଗ ମିଳିପାରିବ ତଥା ନିଜ ନାଁରେ ରେକର୍ଡ କରିପାରିବେ। ଏହାଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ ମଧ ବୃଦ୍ଧି ପାଇବ ବୋଲି ଶ୍ରୀ ଜେନା କହିଛନ୍ତି।

## ଗାଁ ରାସ୍ତା କାମ କରିବ ଗ୍ରାମ୍ୟ ଉନ୍ନୟନ ବିଭାଗ

# ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ରାସ୍ତା

**ଭୁବନେଶ୍ୱର :** ଏଣିକି ପଞ୍ଚାୟତ ଅଧୀନରେ ଥିବା ରାସ୍ତାକୁ ହାତକୁ ନେବ ଗ୍ରାମ୍ୟ ଉନ୍ନୟନ ବିଭାଗ। ଏବର୍ଷ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୧୫ ହଜାର କିମି ରାସ୍ତା ନିର୍ମାଣ କରାଯିବ। ୨୦୧୯ ନିର୍ବାଚନୀ ଇସ୍ତାହାରରେ ୩ ହଜାର ୭୩୧ କିମି ରାସ୍ତା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୬ ହଜାର ୨୪ କିମି ରାସ୍ତା ନିର୍ମାଣ ହୋଇଛି। ଆଗକୁ ୬ ହଜାର କୋଟି ଟଙ୍କାରେ ୧୫ଶହ ବିଜୁସେତୁ ନିର୍ମାଣ ଲକ୍ଷ୍ୟ ଅଛି। ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ବାର୍ଷିକ ସମୀକ୍ଷା କରିବା ପରେ ରାଜ୍ୟବାସୀଙ୍କୁ ବିଭାଗ ଏପରି ହିସାବ ଦେଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ହେବ ରାସ୍ତା ସଂଯୋଗ। ଟାର୍ଗେଟ୍ ଅନୁସାରେ ହେବ ଉଚ୍ଚମାନର କାମ। ପୂରଣ ହେବ ଶତ ପ୍ରତିଶତ ନିର୍ବାଚନୀ ପ୍ରତିଶ୍ରୁତି। ବଢ଼ିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱ। ପୂର୍ବରୁ ପଞ୍ଚାୟତର ୫ କିମି ରାସ୍ତାରୁ କମ୍ ହେଲେ ବିଭାଗ କାମ କରୁ ନଥିଲା। ଏବେ ୩ କିମି ହେଲେ ବି ନିର୍ମାଣ କରାଯିବ। ସେହିଭଳି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଆଦୃତ ହେଉଥିବାରୁ ଏବେ ବିଭାଗ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅଧିକ ରାସ୍ତା ନିର୍ମାଣ କରୁଛି। ଚଳିତବର୍ଷ ୬ ହଜାର କିମି ରାସ୍ତା ନିର୍ମାଣ କରି ଅପହଞ୍ଚ ଗାଁକୁ ସଂଯୋଗ ହୋଇଛି ସବୁଦିନିଆ ରାସ୍ତା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ପ୍ରଶସ୍ତିକରଣ ହେଉଛି। ପୂର୍ବରୁ ରାସ୍ତାର ଓସାର ସାଢ଼େ ୩ ମିଟର ଥିବା ବେଳେ ଗତ ଉତ୍କଳ ଦିବସରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ସାଢ଼େ ୫ ମିଟର ଓସାର ରାସ୍ତା ନିର୍ମାଣ ଚାଲିଛି। ଯାହାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବହୁ ପଡ଼ା ଗାଁକୁ ରାସ୍ତା ସଂଯୋଗ ହୋଇପାରୁ ନଥିବା ବେଳେ ଚଳିତବର୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପଡ଼ା ଗାଁକୁ ରାସ୍ତା ସଂଯୋଗ କରାଯାଉଛି। ୨୦୧୯ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ବାର୍ଷିକ ରିପୋର୍ଟ କାର୍ଡରେ ମନ୍ତ୍ରୀ ଏବଂ ସଚିବ ଓଡ଼ିଶାବାସୀଙ୍କ ପାଖରେ ତଥ୍ୟ ରଖିଛନ୍ତି। ବିଜୁସେତୁ ଯୋଜନାରେ ୭୫୦ଟି ସେତୁ ନିର୍ମାଣ ଲକ୍ଷ୍ୟ ଥିବାବେଳେ ୬୭୯ଟି ସେତୁ ନିର୍ମାଣ ସରିଛି। ୨୦୨୪ ସୁଦ୍ଧା ୯୦୦ଟି ସେତୁ ନିର୍ମାଣ ସରିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟ ରାଜ୍ୟ ଯୋଜନାରେ ୩ ହଜାର କିମି ସଡ଼କ ନିର୍ମାଣ ପ୍ରସ୍ତାବ ଥିବା ବେଳେ ୬୨୪୭ କିମି ରାସ୍ତା ନିର୍ମାଣ କରଛି ବିଭାଗ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଧାର୍ଯ୍ୟ ୪୩ ହଜାର କିମି ମଧ୍ୟରୁ ୩୩ ହଜାର ୩୨୬ କିମି ରାସ୍ତାର ଉନ୍ନତି ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ରାଜସ୍ୱ ବିଭାଗର ୧୬୪ଟି କୋଠା ନିର୍ମାଣ ହୋଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଖାଲଖମା ନଥିବା ରାସ୍ତା ଓ ଗମନାଗମନକୁ ସୁନିଶ୍ଚିତ କରିବା ପାଇଁ ୫୦ ହଜାର କିମି ରାସ୍ତାର ଗୁଣବତ୍ତାରେ ଉନ୍ନତି ଆଣିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଚେଷ୍ଟା କରୁଛି। ୧୮ ହଜାର ୧୬୧ଟି ଗ୍ରାମଞ୍ଚଳକୁ ସବୁଦିନିଆ ରାସ୍ତା ନିର୍ମାଣ କରିଛି ବିଭାଗ। ସର୍ବାଧିକ ଲମ୍ବା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଜାତୀୟସ୍ତରରେ ପୁରସ୍କୃତ ହୋଇଛି।

# ମାସେ ଚାଲିବ ବିଜେପିର ଜନସମ୍ପର୍କ ଅଭିଯାନ, ଓଡ଼ିଶା ଆସିବେ ମୋଦି ଓ ଶାହା



**ଭୁବନେଶ୍ୱର :** କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ୯ବର୍ଷ ପୂର୍ତ୍ତି ଅବସରରେ ବିଜେପିର ଓଡ଼ିଶା ସମେତ ଦେଶବ୍ୟାପୀ 'ମହା ଜନସମ୍ପର୍କ ଅଭିଯାନ' ଆରମ୍ଭ ହୋଇଛି। ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଏକମାସ ଧରି ଏହି ଜନସମ୍ପର୍କ ଯାତ୍ରାରେ ରାଜ୍ୟର ପ୍ରାୟ ୩କୋଟି ଲୋକଙ୍କ ପାଖରେ ପହଞ୍ଚିବାକୁ ରାଜ୍ୟ ବିଜେପି ସମ୍ପର୍କରେ ସୂଚନା ଦେଇ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟରେ ଡବଲ ଇଞ୍ଜିନର ସରକାର ଗଠନ ପାଇଁ ଦଳର ୩୭,୬୦୬ ବୁଥର ୫ ଲକ୍ଷ କର୍ମକର୍ତ୍ତା ରାଜ୍ୟର ୧ କୋଟି ପରିବାରକୁ ଭେଟି ମୋଦି ସରକାରଙ୍କ ୯ବର୍ଷର ସଫଳତା ବିଷୟରେ ଆଲୋଚନା କରିବେ। ଗତ ୯ ବର୍ଷ ହେଉଛି ଭାରତବର୍ଷ ପାଇଁ 'ନବନିର୍ମାଣ' ଏବଂ

## ଜନସମ୍ପର୍କ ମହାଯାତ୍ରାରେ ଓଡ଼ିଶାରେ ହେବ ୪ ବୃହତ୍ ଜନସଭା

ଲକ୍ଷ୍ୟ ରଖିଛି। ଏହି ଜନସମ୍ପର୍କ ମହାଯାତ୍ରାରେ ଓଡ଼ିଶାରେ ୪ଟି ବୃହତ୍ ଜନସଭା ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗ ଦେବେ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଏ 'ଗରିବକଲ୍ୟାଣ'ର ୯ବର୍ଷ। ଏକବିଂଶ ଶତାବ୍ଦୀ ହେଉଛି ଭାରତବର୍ଷର ବୋଲି ଆଜି ସମଗ୍ର ବିଶ୍ୱ କହୁଛି। ଗତ ୯ ବର୍ଷ ଭିତରେ ଭାରତବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ଦଳର 'ଆମ ପରିବାର, ଆମ ବିକାଶ' କୁ ପରିତ୍ୟାଗ କରି 'ସବକା ସାଥ, ସବକା ବିକାଶ'ର କାହାଣୀ ଲେଖିଛି। 'ଜାତିବାଦ', 'ପରିବାରବାଦ', 'ଭ୍ରଷ୍ଟାଚାର' ଏବଂ 'ତୁଷ୍ଟିକରଣ'ର ରାଜନୀତିକୁ ଅନ୍ତ କରି 'ବିକାଶବାଦ୍ ରାଜନୀତି'ର ପ୍ରତିଷ୍ଠା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସକ୍ଷମ ହୋଇଛନ୍ତି। ତେଣୁ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବକଲ୍ୟାଣର ଗତ ୯ ବର୍ଷର ସଫଳତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ପାଇଁ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ୍ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶରେ ମେ' ୩୧ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ 'ମହା ଜନସଂପର୍କ ଅଭିଯାନ'ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ରାଜସ୍ଥାନର ଆଜମେରଠାରେ ମହାର୍ଯାଲି କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆଗାମୀ ୧ ମାସରେ ସମଗ୍ର ଦେଶରେ ଏହି ଭଳି ୫୧ଟି ମହାର୍ଯାଲିର ଆୟୋଜନ କରାଯିବ। କେନ୍ଦ୍ରର ଶୀର୍ଷ ନେତୃତ୍ୱ ଏହି ଅଭିଯାନରେ ସାମିଲ ହେବେ। ଏହି କ୍ରମରେ ଓଡ଼ିଶାରେ ୪ଟି ମହା ଜନସଭା ହେବ ଓ ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗ ଦେବେ। ରାଜ୍ୟରେ ମହା ଜନସଂପର୍କ ଅଭିଯାନକୁ ସଫଳ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଏକ ରାଜ୍ୟ କମିଟି ଗଠନ କରାଯାଇଛି। ଦଳ ପକ୍ଷରୁ ରାଜ୍ୟର ୨୧ଟି ଲୋକସଭା କ୍ଷେତ୍ରକୁ ମୋଟ ୬ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟଙ୍କ ସମେତ ଓଡ଼ିଶାର ୩ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶର ଟୁଡୁ ପ୍ରମୁଖ ଏହି ମହା ଜନସଂପର୍କ ଅଭିଯାନରେ ସାମିଲ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି। ମୋଦିଙ୍କ ୯ବର୍ଷର ସଫଳତାକୁ ନେଇ ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ୱେବସାଇଟ୍ ଲୋକାର୍ପଣ ହୋଇଛି। ଜନସଂପର୍କ ଏବଂ ଜନତାଙ୍କଠାରୁ ସମର୍ଥନ ପାଇଁ ବିଜେପି ଏକ ମିସ୍‌ଡ କଲ୍ ନମ୍ବର ୯୦୯୦୯୦୨୦୨୪ ଜାରି କରିଛି। ଏହି ମହାସମ୍ପର୍କ ଅଭିଯାନ ଅବସରରେ ଜୁନ୍ ୨୧ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ପ୍ରତ୍ୟେକ କାର୍ଯ୍ୟକ୍ରମ ସ୍ଥଳରେ କେନ୍ଦ୍ର ସରକାରଙ୍କ ୯ ବର୍ଷର ସଫଳତାକୁ ନେଇ ପ୍ରଦର୍ଶନୀ ଆୟୋଜିତ ହେବ। ଜୁନ୍ ୨୩ ତାରିଖ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିରେ ପ୍ରଧାନମନ୍ତ୍ରୀ ମୋଦି ଡିଜିଟାଲ ର୍ଯାଲି ମାଧ୍ୟମରେ ଦେଶର ୧୦ ଲକ୍ଷ ବୁଥରେ ସମର୍ଥକ, ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ କଥାବାର୍ତ୍ତାର୍ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି।




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


ଭୁବନେଶ୍ୱର, ୫ - ୧୧ ଜୁନ୍, ୨୦୨୩

# ଚର୍ଚ୍ଚାରେ ରହିବାକୁ ବିବାଦ ସୃଷ୍ଟି

ସମ୍ପାଦକୀୟ

ତାରକ ମହାନ୍ତି



ନିକଟରେ ଦେଶର ନୂଆ ସଂସଦ ଭବନ ଉଦ୍ଘାଟନକୁ ନେଇ କଂଗ୍ରେସ ସହ କିଛି ବିରୋଧୀ ଦଳ ଯେଉଁ କାର୍ଯ୍ୟ କଲେ ତାହାକୁ ଅଧିକାଂଶ ଭାରତୀୟ ପସନ୍ଦ କରିନାହାନ୍ତି। କାରଣ ଗଣତନ୍ତ୍ରର ପବିତ୍ର ପିଠ ସଂସଦ ଭବନ କୌଣସି ବ୍ୟକ୍ତିର ନୂହେଁ। ଏହା ଆମ ରାଷ୍ଟ୍ରର ପରିଚୟ ଓ ଗୌରବ। ଏହାର ମୂଲ୍ୟବୋଧ ସମଗ୍ର ଭାରତବାସୀ ଅନୁଭବ କରିବା ଉଚିତ। ବିଶ୍ୱର ବଡ ବଡ ରାଷ୍ଟ୍ର ଆମ ନୂତନ ସଂସଦ ଭବନକୁ ନେଇ ବହୁତ ପ୍ରସଂଶା କରୁଥିଲା ବେଳେ ପଡୋଶୀ ରାଷ୍ଟ୍ର ଚୀନ୍ ଯିଏକି ଭାରତର ଶତ୍ରୁ ଭାବେ ପରିଚିତ ସିଏ କିନ୍ତୁ ନୂଆ ସଂସଦ ଭବନର ଭବ୍ୟତାକୁ ନେଇ ଜୋରଦାର ପ୍ରଶଂସା କରିବା ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ମଧ୍ୟ ପ୍ରସଂଶା କରିବାକୁ ପଛାଇନାହିଁ। ଯେଉଁ ଚୀନ ଭାରତକୁ ଗୌଣ ଦେଖାଇ ଆସୁଥିଲା ଏବେ ସିଏ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ସ୍ୱୀକାର କରିଛି। ଭାରତର ବିକାଶ ମୋଦୀଙ୍କ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହିଛି ଚୀନ। କିନ୍ତୁ ଅନ୍ୟପକ୍ଷେ ରାହୁଲ ଗାନ୍ଧୀ ବିଦେଶ ମାଟିରେ ଭାରତରେ ଅନେକ ସମସ୍ୟା ଥିବା କହି ୨୦୨୪ ରେ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି, ଯାହା ଏତେ ସହଜ ନୂହେଁ। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱରେ ଯେଉଭଳି ସମ୍ମାନ ମିଳିଛି ତାହା ଅକଳ୍ପନୀୟ। ସେ ଏଭଳି ଜଣେ ଲୋକପ୍ରିୟ ନେତା ଯିଏ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିପାରିବେ। ଏଭଳି ଆକଳନ ଭାରତ ଅପେକ୍ଷା ଆମେରିକା, ବ୍ରିଟେନ୍ ଓ ଚୀନ ଭଳି ଦେଶ କରୁଛନ୍ତି। ସମ୍ପ୍ରତି ଭାରତ ଗସ୍ତରେ ଆସିଛନ୍ତି ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'। ସେ ଦିଲ୍ଲୀରେ ମୋଦୀଙ୍କୁ ସାକ୍ଷାତ କରି ଶକ୍ତି, ସଂଯୋଗୀକରଣ ଓ ବାଣିଜ୍ୟ ପ୍ରଭୃତି ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପ୍ରଚଣ୍ଡ –ମୋଦୀ ସାକ୍ଷାତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଆମେ ଭାରତ- ନେପାଳ ବନ୍ଧୁତାକୁ ହିମାଳୟ ପରି ଉଚ୍ଚତାକୁ ନେଇଯିବାକୁ ପ୍ରତିଶ୍ରୁତିବଦ୍ଧ'। ଏଥିସହିତ ଭାରତ ନେପାଳ ସହଭାଗିତାକୁ ଭବିଷ୍ୟତରେ 'ସୁପର ହିଟ' ପର୍ଯ୍ୟାୟକୁ ଉନ୍ନୀତ କରିବା ପାଇଁ ଆମେ ଦୃଢ଼ପରିକର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ପାଇଁ ନେପାଳର ଯଥେଷ୍ଟ ଗୁରୁତ୍ୱ ରହିଛି। ଦୁଇ ଦେଶ ମଧ୍ୟରେ କାହିଁ କେଉଁ ପ୍ରାଚୀନ କାଳରୁ 'ରୋଟି- ବେଟୀ' ସମ୍ପର୍କ ରହିଆସିଛି। ଅର୍ଥାତ୍ ଦୁଇ ଦେଶର ଲୋକଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ରହିଛି। ନେପାଳ-ଭାରତ ପରସ୍ପର ସହ ୧,୮୫୦ କିମି ସୀମା ଭାଗ କରୁଛନ୍ତି, ଯେଉଁ ସୀମାକୁ ଭାରତର ସିକ୍କିମ୍, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟ ଲାଗି ରହିଛି। ଦୁଇଦେଶ ଭିତରେ ବିଭିନ୍ନ ଦ୍ରବ୍ୟ ଓ ସେବାର ପରିବହନ ହୋଇଥାଏ। ଭାରତ ଦେଇ ନେପାଳ ସମୁଦ୍ରକୁ ଯାଇପାରେ। ଭାରତରୁ ଏହା ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆମଦାନୀ କରେ। ୧୯୫୦ ମସିହାରେ ନେପାଳ ଓ ଭାରତ ମଧ୍ୟରେ ଶାନ୍ତି ଓ ବନ୍ଧୁତା ନେଇ ଚୁକ୍ତି ହୋଇଥିଲା। ପ୍ରଚଣ୍ଡଙ୍କ ସହ ଭାରତ ଆସିଥିବା ନେପାଳର ବୈଦେଶିକ ମନ୍ତ୍ରୀ ଏନ୍‌ପି ସୌଦ ଗତ ବୁଧବାର କହିଥିଲେ ଯେ, ଦୁଇଦେଶ ଭିତରେ ବାଣିଜ୍ୟ, ପରିବହନ, ସଂଯୋଗୀକରଣ ଓ ସୀମା ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଗସ୍ତରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ବିରୋଧୀ ଏକତା ପ୍ରସଙ୍ଗରେ ଟିପ୍ପଣୀ ରଖିଥିଲେ। ସେ କହିଥିଲେ ବିରୋଧୀ ଦଳ ଗୁଡିକ ଖୁବ୍ ଭଲ ଭାବରେ ଏକଜୁଟ୍ ହେଲେଣି। ୨୦୨୪ ନିର୍ବାଚନ ଫଳ ସମସ୍ତଙ୍କୁ ଆଚମ୍ଭିତ କରିଦେବ।

# ଜମି ଜିହାଦର ଅନ୍ୟନାମ ଦ୍ୱାରକା



ସୌମେନ୍ଦ୍ର ଜେନା

ଗୁଜରାଟ ରାଜ୍ୟର ସମୁଦ୍ରକୂଳରେ ଏବଂ ସମୁଦ୍ର ମଧ୍ୟରେ ତିନୋଟି ଦ୍ୱାରକା ରହିଛି, ସେଗୁଡିକ ହେଲା ମୂଳ ଦ୍ୱାରକା, ବେଟ (ଭେଣ୍ଟ) ଦ୍ୱାରକା ଏବଂ ଗୋମତୀ ଦ୍ୱାରକା। ବେଟ ଦ୍ୱାରକାକୁ ଶ୍ରୀକୃଷ୍ଣ ବନ୍ଧୁ ସୁଦାମାଙ୍କଠାରୁ ଉପହାରସ୍ୱରୂପ ପାଇଥିଲେ। ଦ୍ୱାରକାରେ ଶାସନ କଲାବେଳେ ଶ୍ରୀକୃଷ୍ଣ ବେଟ ଦ୍ୱାରକାରେ ବାସ କରୁଥିଲେ ବୋଲି କୁହାଯାଏ । ଜମି ଜିହାଦ ମାଧ୍ୟମରେ ହିନ୍ଦୁମାନଙ୍କ ଧର୍ମକ୍ଷେତ୍ରକୁ ଦଖଲ କରିବା ପାଇଁ ସଂପ୍ରତି ମୁସଲିମ ୱାକଫ ବୋର୍ଡ ଯୋଜନା କରିଚାଲିଛି । ଦେବଭୂମି ଦ୍ୱାରକାର ବେଟ ଦ୍ୱାରକାରେ ଥିବା ଦୁଇଟି ଟାପୁକୁ ନିଜର ବୋଲି ଗୁଜରାଟ ହାଇକୋର୍ଟଙ୍କୁ ୱାକଫ ବୋର୍ଡ ଦର୍ଶାଇଥିଲା। ଉକ୍ତ ମାମଲା ବିଚାରପତି ସଙ୍ଗୀତା ବିସେନଙ୍କ ଖଣ୍ଡପୀଠରେ ବିଚାର ହୋଇଥିଲା । କିନ୍ତୁ ଅଦାଲତ ଶ୍ରୀକୃଷ୍ଣଙ୍କ ନଗରୀକୁ ୱାକଫ ବୋର୍ଡ ନିଜର ବୋଲି କିପରି ଦାବି କରୁଛି ବୋଲି କହି ମାମଲାଟିକୁ ଖାରଜ କରିଦେଇଥିଲେ। ଓଖା ବନ୍ଦରରୁ ବୋଟ ଯୋଗେ ଅଧଘଣ୍ଟା କରେ ବଟ ଦ୍ୱାରକାରେ ପହଞ୍ଚିହୁଏ। ମୂଳତଃ ବୋଟଗୁଡିକର ମାଲିକମାନେ ଏଠାରେ ବସବାସ କରୁଛନ୍ତି। ସେମାନଙ୍କୁ ବାଦ ଦେଲେ ମାଛ ଧରାଳୀ ଲୋକେ ମଧ୍ୟ ରହିଛନ୍ତି।

ଦ୍ୱାରକା ୫୦୦୦ ବର୍ଷ ତଳର ସହର ବୋଲି କୁହାଯାଇଥାଏ। ସମୁଦ୍ର ମଧ୍ୟରେ ଥିବା ବେଟ ଦ୍ୱାରକା ଟାପୁକୁ ଦଖଲ କରିବା ଲାଗି ମଜାର, ଦରଘା, ମସଜିଦ୍ ଏବଂ ଗୋଦାମ ସବୁ ଜବରଦଖଲ କରି ନିର୍ମାଣ ହୋଇଥିଲା, ଯାହା ବିରୁଦ୍ଧରେ ଗତବର୍ଷଠାରୁ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଗତବର୍ଷ ଅକ୍ଟୋବର ମାସରେ ମାତ୍ର ୪ଦିନ ମଧ୍ୟରେ ଏକଲକ୍ଷ ବର୍ଗ ଫୁଟ ଅଞ୍ଚଳକୁ ମୁକ୍ତ କରାଯାଇପାରିଥିଲା। ଚଳିତବର୍ଷ ମାର୍ଚ୍ଚମାସରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଏଥିରେ ଜଙ୍ଗଲ ଜମି ମଧ୍ୟ ରହିଥିଲା। କାରଣ ଅତୀତରେ ଦଖଲକାରୀମାନେ ଆକ୍ରମଣ କରିବାରୁ ଉଚ୍ଛେଦ ଅଭିଯାନକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବନ୍ଦ କରିବାକୁ ହୋଇଥିଲା। ଯୋଜନାବଦ୍ଧ ଭାବେ ଆନ୍ତର୍ଜାତିକ ଜଳସୀମା ନିକଟରେ ଥିବା ଏବଂ ସୁରକ୍ଷା ଦୃଷ୍ଟିରୁ ସ୍ପର୍ଶକାତର ଏହି ଅଞ୍ଚଳ ଭିନ୍ନ ଭିନ୍ନ ସ୍ଥାନରୁ ଏପରିକି ପାକ୍‌ରୁ ମଧ୍ୟ ମୁସଲିମ ଲୋକେ ପ୍ରବେଶ କରି ସାମୁଦ୍ରିକ ପଥରେ ତସ୍କରି ପାଇଁ ଟାପୁରେ ଗୋଦାମ ନିର୍ମାଣ କରି ଚୋରା କାରବାର ଚଳାଇ ଆସିଥିଲେ। ଗତ ୮ବର୍ଷ ମଧ୍ୟରେ ଏହିସବୁ ଟାପୁରେ ପ୍ରଥମେ ଝୁମ୍ପୁଡି ଘର ନିର୍ମାଣ କରି ପରେ ବଡ ବଡ କୋଠାଘର ମଧ୍ୟ ସରକାରୀ ଜମିରେ ନିର୍ମାଣ କରାଯାଇଥିଲା। ଏହି ଟାପୁରୁ ସେପ୍ଟେମ୍ବର ୨୦୨୧ରେ ୧୦୦କୋଟି ଟଙ୍କା ମୂଲ୍ୟର ହେରୋଇନ ଅନୱାର ଅନୁ ନାମକ ଜଣେ ମୁସଲିମ ଘରୁ ଜବତ ହୋଇଥିଲା। ଜଳପଥରେ ପାକିସ୍ଥାନରୁ ଏହି ନିଶାଦ୍ରବ୍ୟ ବୋଟ ଯୋଗେ ବେଟ ଦ୍ୱାରକାକୁ ଆସୁଥିଲା। ସେଠାରୁ ସାରା ଭାରତକୁ ନିଶା ଚାଲାଣ ହେଉଥିଲା। ବେଟ ଦ୍ୱାରକାଠାରୁ ୧୦୫ କି.ମି ଦୂରରେ ପାକ୍‌ର କରାଚୀ ବନ୍ଦର ରହିଛି। ହାଜିଗନି ପିଲାନୀ ନାମକ ଜଣେ ମୁସଲିମ ବ୍ୟକ୍ତି ପାକ୍ ଓ ଭାରତରେ ନିଶା କାରବାର କରୁଥିଲା। ତାର ଗୋଟିଏ ପୁଅ ପାକ୍ ଜେଲରେ ଥିଲାବେଳେ ଅନ୍ୟଜଣକ ଭାରତରେ ନିଶା କାରବାର ପାଇଁ ଜେଲଯାଇଛି। ଗତବର୍ଷ ଅକ୍ଟୋବର ଏବଂ ଚଳିତବର୍ଷ ମାର୍ଚ୍ଚ ମାସରେ ବେଟ ଦ୍ୱାରକାକୁ ଜବରଦଖଲରୁ ମୁକ୍ତ କରିବାଲାଗି ୧୦୦୦ପୁଲିସ ବାହିନୀ ଉପସ୍ଥିତିରେ ଡ୍ରୋନ କ୍ୟାମେରାର ନିରୀକ୍ଷଣ ମଧ୍ୟରେ ଦଖଲ ଉଚ୍ଛେଦ ହୋଇଥିଲା। ବେଟ ଦ୍ୱାରକାର ୪୨ଟାପୁରୁ ମାତ୍ର ୬ଟି ଟାପୁରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ୭୮ଘର, ୨୫ ମଜାର ସେତେବେଳେ ଭଙ୍ଗାଯାଇଥିଲା। ମଜାର ଉପରେ ଲାଇଟ ହାଉସ ରହିଥିଲା ଯାହା ରାତିରେ ଚୋରା କାରବାର ପାଇଁ ବୋଟଗୁଡିକୁ ଦିଗ ନିର୍ଦ୍ଦେଶ କରୁଥିଲା। ଇସଲାମିକ ଝଣ୍ଡାକୁ ଜଙ୍ଗଲ ଜମିରେ ପୋତିଦେଇ ଲୋକେ ଅଞ୍ଚଳକୁ ଦଖଲକୁ ନେଉଥିଲେ। କାର୍ଯ୍ୟାନୁଷ୍ଠାନ ବେଳେ ଆଲମଶାପୀର, ହଜରତ ଦୌଲତଶା , ଦଗଘା ସିଦ୍ଧି ବାବା, ଦରଘା ବାଲାପର, କମରୁଦ୍ଦୀନ ପୀର ଆଦି ସଂପୂର୍ଣ୍ଣ ସରକାରୀ ଜମିରେ ବେଆଇନ ଭାବେ ନିର୍ମିତ ହୋଇଥିବାର ଦେଖିବାକୁ ମିଳିଥିଲା। ଏଠାରେ ସଫର ପାଞ୍ଜାରୀ ନାମକ ଜଣେ ବ୍ୟକ୍ତି ଏନ୍‌ଆର୍‌ସି -ସିଏଏ ବିରୋଧରେ ମୁସଲିମ ଲୋକଙ୍କୁ ସଂଗଠିତ କରି ସଂଘର୍ଷ ପାଇଁ ଆହ୍ୱାନ ଦେଇଥିଲା । ୨୦୧୯ରେ ଜଖାଉ କୂଳରୁ (କଚ୍ଛ) ୫୦୦ କୋଟିର ନିଶା କାରବାରରେ ରମଜାନ ଗନିପିଲାନୀ ଗିରଫ ହୋଇଥିଲା।

ଏକଥା ସତ ଯେ ଚୋରା ନିଶା କାରବାରରୁ ଯେଉଁ ଅର୍ଥ ଆସୁଥିଲା ତାହା ଅଳ୍ପ ସମୟରେ ବେଆଇନ ନିର୍ମାଣରେ ଲାଗିପାରୁଥିଲା। ଘରଗୁଡିକ ସମୁଦ୍ରମୁହାଁ ରହିଥିଲା। ସାଲେହ ମହମ୍ମଦ ସଙ୍ଗର, ଅୟୁବ ସୁମନିଆ, ତାଲିବ ଲତିଫ, ହମିଦ ଜାଡେଜା, ହୁସେନ ଏଲେନା ଜାଡେଜା ପରି ବଡ ଦଖଲକାରୀ ଜମି ଜିହାଦ ପଛରେ ରହିଥିବା ଜଣାପଡିଥିଲା। ବେଟ ଦ୍ୱାରକାରେ ଦ୍ୱାରିକାଧୀଶ ମୁଖ୍ୟ ମନ୍ଦିର ରହିଛି। ଏଠାରେ ପହଞ୍ଚିବା ପାଇଁ ବୋଟ ଯୋଗେ ଯିବାକୁ ହୋଇଥାଏ। ଗୁଜରାଟର ଉପକୂଳରୁ ଏସବୁ ଟାପୁକୁ ଯିବାକୁ ହେଉଥିବା ହେତୁ ସାଧାରଣ ଲୋକେ ଏଠାରେ ରହିବା ପାଇଁ ଆଗ୍ରହୀ ନଥିଲେ। ଏହାର ସୁଯୋଗରେ ଷଡଯନ୍ତ୍ରକାରୀମାନେ ଟାପୁ ଦଖଲରେ ମାତିଗଲେ। ବୋଟ ବ୍ୟବସାୟରେ ଭଲ ଲାଭ ହେଉଥିବା ଯୋଗୁ ନିଶା ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ଅର୍ଥ ଏଥିରେ ବିନିଯୋଗ କଲେ। ବୋଟରେ ଯାତ୍ରା ପାଇଁ ଦ୍ୱାରକା -ସୋମନାଥ ୮୦୦୦ ଟଙ୍କା , ଦ୍ୱାରକା ୯୭୫୦ଟଙ୍କା, ଦ୍ୱାରକା- ସୋମନାଥ - ଗିର ୧୧,୭୫୦ଟଙ୍କା ଦ୍ୱାରକା - ସୋମନାଥ- ଡିଉ- ଗିର ୧୪୦୦୦ ଟଙ୍କା ଦେବାକୁ ହେଉଛି। ତେଣୁ ସାମୁଦ୍ରିକ ପର୍ଯ୍ୟଟନରେ ବହୁ ଲାଭ ଥିବାରୁ ରାଜ୍ୟ ବାହାରୁ ମୁସଲିମ ବୋଟଚାଳକମାନେ ମଧ୍ୟ ଏହି ବ୍ୟବସାୟରେ ରହିଛନ୍ତି। ଇକୋ ଟୁରିଜିମ୍ ପାଇଁ ସରକାର ଏହାକୁ ବାଛିଥିବା ହେତୁ ଖରାଦିନରେ ପର୍ଯ୍ୟଟକମାନେ ଟେଣ୍ଟ ନିର୍ମିତ କ୍ୟାମ୍ପରେ ରହିବାକୁ ଏଠାକୁ ଆସିଥାନ୍ତି।

ପୁରାଣ ପ୍ରସିଦ୍ଧ ଦ୍ୱାରକା ଦୁର୍ଗ ସହରକୁ ବିଶ୍ୱକର୍ମା ନିର୍ମାଣ କରିଥିବାର ଜଣାଯାଏ। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମୁଦ୍ର ଦେବତାଙ୍କଠାରୁ ଜମିଗ୍ରହଣ କଲାପରେ ନିର୍ମାଣ କାର୍ଯ୍ୟ ହୋଇଥିଲା। ପୁରାଣକାଳରୁ ପଶ୍ଚିମ ଉପକୂଳ ଦେଇ ଲୋକେ ଦ୍ୱାରକା ମଧ୍ୟ ଦେଇ ଭାରତକୁ ଆସୁଥିଲେ। ତେଣୁ ଦ୍ୱାରକାକୁ ଅତୀତ ଦିନରେ ଭାରତର ପ୍ରବେଶ ଦ୍ୱାର ବୋଲି ମଧ୍ୟ କହୁଥିଲେ। ଓଖା ଉପକୂଳରୁ ଦୁଇ କିଲୋମିଟର ଦୂରରେ ବେଟ ଦ୍ୱାରକା ରହିଛି। ଓଖା ବନ୍ଦରରୁ ଫେରି ଯୋଗେ ଏଠାରେ ପହଞ୍ଚିବାକୁ ୩୦ମିନିଟ୍ ସମୟ ଲାଗିଥାଏ । ପୂର୍ବେ ଏହା ରମଣଦ୍ୱୀପ, କୃଷ୍ଣ ବିଳାସ ନଗରୀ ଏବଂ କାଲାରକୋଟ ନାମରେ ମଧ୍ୟ ପରିଚିତ ଥିଲା। ଶଙ୍ଖୋଦ୍ଧାର ତୀର୍ଥ ଭାବେ ଏହା ପ୍ରସିଦ୍ଧ। ଗର୍ଗ ସଂହିତାରେ ନାରଦମୁନି ଏହାର ମହାତ୍ମ୍ୟ ବିଷୟରେ କହିଥିବାର ପଢିବାକୁ ମିଳିଥାଏ। ଯଦୁବଂଶର ଲୋକମାନଙ୍କୁ ଶ୍ରୀକୃଷ୍ଣ ବେଟ ଦ୍ୱାରକାର କୁଶାସ୍ଥଳୀକୁ ପ୍ରଥମେ ଆଣିଥିଲେ। ସମୁଦ୍ର ଓ ପାହାଡ ଦ୍ୱାରା ଘେରି ହୋଇ ରହିଥିବା ହେତୁ ଏହାକୁ ଅଧିକ ସୁରକ୍ଷିତ ସ୍ଥାନ ଭାବେ ଗ୍ରହଣ କରାଯାଇଥିଲା। ମହାଭାରତରେ ବେଟ ଦ୍ୱାରକାକୁ ଅର୍ନ୍ତଦ୍ୱୀପ ଭାବେ ବର୍ଣ୍ଣନା କରାଯାଇଛି। ମତ୍ସ୍ୟାବତାର ବେଳେ ଭଗବାନ ବିଷ୍ଣୁ ଶଙ୍ଖାସୁରକୁ ଯେଉଁଠାରେ ବଧ କରିଥିବା କଥା କୁହାଯାଏ, ସେଠାରେ ଏବେ ଶଙ୍ଖ ସରୋବର ରହିଛି । ଏହି ଦ୍ୱୀପରେ ବହୁପ୍ରକାରର ଶଙ୍ଖ ଦେଖିବାକୁ ମିଳିଥାଏ । ଗର୍ଗ ସଂହିତାର ଦ୍ୱାରକା ଖଣ୍ଡରେ ବର୍ଣ୍ଣନା ରହିଛି ଯେ ଶ୍ରୀକୃଷ୍ଣ ତୀର୍ଥ ମୁନିଙ୍କର ଭକ୍ତମାନଙ୍କୁ କକ୍ଷିବଣରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଠାରେ ସୁଦାମା ଓ ଶ୍ରୀକୃଷ୍ଣଙ୍କ ଭେଟ ହୋଇଥିବା କଥା କୁହାଯାଏ । ଅତୀତରେ ବରୋଦା ରାଜ୍ୟ ଅନ୍ତର୍ଗତ ଏବଂ ଗାଏକୱାଡଙ୍କ ଶାସନାଧୀନ ଥିବା ବେଟ ଦ୍ୱାରକା ଉପରେ ଖ୍ରୀ.୧୮୫୭ରେ ବଘେରମାନେ ଆକ୍ରମଣ କରି ଅଧିକାରକୁ ନେଇଥିଲେ। କିନ୍ତୁ ପରେ ଗାଏକୱାଡ ରାଜାଙ୍କ ଅଧିନକୁ ଆସି ଏହା ଖ୍ରୀ.୧୯୪୭ ପର୍ଯ୍ୟନ୍ତ ରହିଥିଲା । ହରପ୍ପା ଏବଂ ମୌର୍ଯ୍ୟ ସମୟର ଅନେକ ସାମଗ୍ରୀ ଏଠାରୁ ମିଳିଛି। ପ୍ରାଚୀନ କାଳର ପୋତରୁ ମିଳିଥିବା ପ୍ରମାଣ ଅନୁଯାୟୀ ସଂସ୍କୃତ ଦ୍ୱାରକାର ଲୋକଭାଷା ରହିଥିଲା। ଦ୍ୱାରକାଧୀଶଙ୍କୁ ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମିଣୀ ପୂଜା କରୁଥିଲେ । ତ୍ରିବିକ୍ରମ ମନ୍ଦିର, ମାଧବରାଇଜୀ ମନ୍ଦିରର, ଦେବକୀ ମନ୍ଦିର,ପୁରୁଷୋତ୍ତମ ମନ୍ଦିର, କଲ୍ୟାଣ ରାଇଜୀ ମନ୍ଦିର ପରି ଛୋଟ ଛୋଟ ମନ୍ଦିର ଦ୍ୱାରକାଧୀଶ ମନ୍ଦିର ଅନ୍ତର୍ଗତ। ଏଠାରେ ଶ୍ରୀକୃଷ୍ଣଙ୍କୁ ରୁକ୍ମିଣୀ ଏବଂ ଶ୍ରୀରାଧାଙ୍କ ପକ୍ଷରୁ ପ୍ରତିଦିନ ୧୩ଭୋଗ ଅର୍ପଣ କରାଯାଇଥାଏ। ବେଟ ଦ୍ୱାରକାର ଯେଉଁ ସ୍ଥାନରେ ହନୁମାନ ଦଣ୍ଡୀ ରହିଛି ସେଠାରେ ପୁରାଣକାଳରେ ମକରଧ୍ୱଜ ଓ ହନୁମାନଙ୍କ ମଧ୍ୟରେ ଲଢେଇ ହୋଇଥିଲା ବୋଲି କୁହାଯାଏ। ବେଟ ଦ୍ୱାରକାରେ ଅଭୟମାତା ମନ୍ଦିର, ମୀରାବାଈ ମନ୍ଦିର, ରଣଛୋର ତଲାବ, ନୀଳକଣ୍ଠ ମହାଦେବ ମନ୍ଦିର, କ୍ଷେତ୍ରପାଳ ମନ୍ଦିର, ଶ୍ରୀ ଚୌର୍ଯ୍ୟସିଧୁନା ସିଦ୍ଧିପୀଠ ରହିଛି। ମୁସଲିମ ଶାସକ ମହମୁଦ ବେଗଡା ଖ୍ରୀ ୧୪୭୨ରେ ପ୍ରାଚୀନ ଦ୍ୱାରକାଧୀଶ ମନ୍ଦିର ଉପରେ ଆକ୍ରମଣକରି ଧ୍ୱଂସ କରିଥିଲା। ପରେ ୧୫-୧୬ଶ ଶତାବ୍ଦୀରେ ମନ୍ଦିରର ପୁନଃନିର୍ମାଣ କରାଯାଇଥିଲା। ଆଦି ଶଙ୍କରାଚାର୍ଯ୍ୟ ୮ମ ଶତାବ୍ଦୀରେ ଏହି ମନ୍ଦିରକୁ ଦର୍ଶନ କରିଥିଲେ।

ଗତବର୍ଷ ୧ ଅକ୍ଟୋବରରୁ ବେଟ ଦ୍ୱାରକାରେ ବେଆଇନ ବାଣିଜ୍ୟିକ ଏବଂ ଆବାସିକ ଗୃହ ଉଚ୍ଛେଦ ଅଭିଯାନ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିଲା। ୧୧କି.ମି ପରିବ୍ୟାପ୍ତ ଏହି ଟାପୁ ନିଶାଚାଲାଣ, ଚୋରାସୁନା, ଜାଲନୋଟ କାରବାରର କେନ୍ଦ୍ର ଥିଲା। ଜମିଦଖଲ ପାଇଁ ଲୋକେ ଇସଲାମିକ ଝଣ୍ଡାକୁ ବ୍ୟବହାର କରୁଥିଲେ। ମୂଳ ଦ୍ୱାରକାଠାରୁ ବେଟ ଦ୍ୱାରକା ୩୫କି.ମି ଦୂରରେ ଅବସ୍ଥିତ। ପୂର୍ବରୁ ଏଠାକେ କାଁ ଭାଁ ମସଜିଦ୍ ଥିଲାବେଳେ ବିଗତ ଦିନରେ ଅନେକ ମସଜିଦ୍ ନିର୍ମାଣ କରାଯାଇଥିଲା। ଏଠାକାର ପୁଅ ଝିଅମାନଙ୍କର ପାକିସ୍ଥାନୀଙ୍କ ସହ ବିବାହ ହୋଇଥାଏ। ୧୯୬୦ ଜନଗଣନା ଅନୁସାରେ ଏଠାରେ ୬୦୦ମୁସଲମାନ ଏବଂ ୨୭୮୬ ହିନ୍ଦୁ ବାସ କରୁଥିଲେ। କିନ୍ତୁ ଏବେ ୯୫୦୦ ମୁସଲିମ ଜନସଂଖ୍ୟା ଥିଲାବେଳେ ୨୫୦୦ ହିନ୍ଦୁ ଜନସଂଖ୍ୟା ରହିଛି।

ଆଗାମୀ ଦିନରେ କାଶୀ ବିଶ୍ୱନାଥ, ମହାକାଳ ଲୋକ ପରି ଦେବଭୂମି କରିଡର ଏଠାରେ ସରକାର ନିର୍ମାଣ କରିବେ। ବେଟ ଦ୍ୱାରକାକୁ ଯିବା ପାଇଁ ଓଖା- ବେଟ ଦ୍ୱାରକା ମଧ୍ୟରେ ୨୩୨୦ ମିଟର ଦୀର୍ଘ ୪ଲେନ ବିଶିଷ୍ଟ ସେତୁ ସଡକ ନିର୍ମାଣ ଜାରିରହିଛି। ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କର ୧୦୮ ଫୁଟ ଉଚ୍ଚର ଏକ ବିଶାଳ ମୂର୍ତ୍ତି ଏଠାରେ ସ୍ଥାପନା କରାଯିବ। ଗୋମତୀ ନଦୀର କୂଳରେ ପଞ୍ଚକୁଇଠାରେ ଏହାକୁ ପ୍ରତିଷ୍ଠା କରାଯିବ। ଜଳକ୍ରୀଡା ପାର୍କ, ଡଲଫିନ୍ ଗ୍ୟାଲେରୀ ନିର୍ମାଣ କରାଯିବ। ଦ୍ୱାରକାଧୀଶ ମନ୍ଦିର ସହ ରୁକ୍ମିଣୀ ବଳରାମ ମନ୍ଦିର, ସନଓ୍ୱାଲିୟାଜ ମନ୍ଦିର,ଗୋବର୍ଦ୍ଧନନାଥ ମନ୍ଦିର, ମହାପ୍ରଭୁ ବୈଠକ, ବାସୁଦେବ, ହନୁମାନ ମନ୍ଦିର, ନାରାୟଣ ମନ୍ଦିରକୁ ସଂଯୋଗ ପଥ ରହିବ। ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଥିବା ବୃକ୍ଷ ମୂଳେ ଋଷି ଦୁର୍ବାସା ତପସ୍ୟା କରିଥିବା କୁହାଯାଏ। ସ୍ଥାନୀୟ ଗୋପୀ ସରୋବରକୁ ସରକାର ନୂତନ ଭାବେ ନିର୍ମାଣ କରିବାର ଯୋଜନା ରଖିଛନ୍ତି। ମହାଭାରତରେ ଏହା ଗୋପୀଚନ୍ଦନ ଭାବେ ବର୍ଣ୍ଣିତ। ଧର୍ମପୀଠ ବେଟ ଦ୍ୱାରକାକୁ ଜିହାଦି ଲୋକେ ଦଖଲ କରି ପାକ୍‌ର କଲୋନୀ ନିର୍ମାଣ ଚାଲୁ ରଖିଥିଲେ । ସରକାରଙ୍କ ସଡକ ସଂଯୋଗୀକରଣ ଏବଂ ତୀର୍ଥ କ୍ଷେତ୍ର ନିର୍ମାଣ ପରେ ବେଟ ଦ୍ୱାରକା ଭାରତବାସୀଙ୍କ ପାଇଁ ଅଧିକ ଆକର୍ଷଣର କେନ୍ଦ୍ର ହେବ। ଓଖା ସହର ଅଧିନରେ ଥିବା ଏହି କ୍ଷେତ୍ରରେ ଯାତ୍ରୀଙ୍କ ପାଇଁ ହୋଟେଲ, ଧର୍ମଶାଳା ଆଦି ନିର୍ମିତ ହେବ। ସଡକପଥ ଯୋଗାଯୋଗ ପରେ ଏହା ଏକ ନୂତନ ଛୋଟ ନଗରୀର ରୂପ ନେବ, ଏଥିରେ ସନ୍ଦେହ ନାହିଁ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ପ୍ରାକୃତିକ ଚିକିତ୍ସା ଓ ଯୋଗ ସାଧନା

## ବିଜୟ କୁମାର ପୃଷ୍ଟି

ପ୍ରକୃତି ଯେତେଦିନ ପର୍ଯ୍ୟନ୍ତ ରହିଛି, ମଣିଷ ସେତେଦିନ ପର୍ଯ୍ୟନ୍ତ ରହିବ। ମଣିଷ ସାଥିରେ ରୋଗ ମଧ୍ୟ ରହିବ। କିନ୍ତୁ ପ୍ରକୃତି ପ୍ରଦତ୍ତ ଜୀଇଁବାର କଳା ଦ୍ୱାରା ଜୀବନ ବିତାଇଲେ ରୋଗ ଅବଶ୍ୟ ଦୂରେଇ ଯିବ। ସେଥିପାଇଁ ଗାନ୍ଧିଜୀଙ୍କର ଅଧୁରା ସ୍ୱପ୍ନ ଥିଲା - ଭାରତର ପ୍ରତ୍ୟେକ ଗାଁ ଗଣ୍ଡାରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ସ୍ଥାପନା ହେଉ। ତେଣୁ ପ୍ରଥମେ ସେ ସ୍ଥାପନା କଲେ ଏକ ଆଦର୍ଶ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପୁନେସ୍ଥିତ ଉରଲିକାଞ୍ଚନ ଠାରେ। ଏ ଚିକିତ୍ସା ପାଇଁ ଦରକାର ତିନୋଟି ସଂକଳ୍ପ - ପ୍ରଥମରେ ଶରୀର ପ୍ରତି ଶ୍ରଦ୍ଧା, ଦ୍ୱିତୀୟରେ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ଶେଷରେ ଦୈନନ୍ଦିନ ଜୀବନରେ ଏହାର ଅଭ୍ୟାସ। ତାହେଲେ ଯାଇ ଏକ ସୁସ୍ଥ, ସୁନ୍ଦର ଶରୀର ସମ୍ଭବ। ଛୋଟ ଛୋଟ କଥାକୁ ଜୀବନର ଅଭ୍ୟାସରେ ପରିଣତ କରିଦେଲେ ଜୀବନ ସୁଖମୟ ଓ ନିରାମୟ ହୋଇଯାଏ। ଯେମିତି ମୁହଁ-ହାତ ଧୋଇ ଭୋଜନ କଲେ ରୋଗ ଦୂରେଇ ଯାଏ, ସେମିତି ସଅଳ ଶୋଇ ସଅଳ ଉଠିଲେ ପ୍ରାଣ ଶକ୍ତି ଭରିଯାଏ। ପ୍ରତ୍ୟେକ ଦିନ ଫଳଟିଏ ଖାଅ, ଡାକ୍ତରଙ୍କ ଠାରୁ ଦୂରେଇ ରୁହ। ଅଳପ ଖାଇବ ପିଇବ ପାଣି, ଦେହକୁ ରଖିବ ହାଲୁକା କରି। ଦିନରେ ଦି'ଥର ଯାଏ ଯେ ଝାଡ଼ା, ବଇଦ ତାହାର ନହୁଏ ଲୋଡ଼ା। ଏସବୁ ହେଲା ପ୍ରକୃତିର ନିୟମ। ଜୀବନଯାପନର ଉଚିତ ଢ଼ଙ୍ଗ ବା ବଞ୍ଚିବାର ଜୀବନଶୈଳୀ। ବୟସ ବଢ଼ିଲେ ଜୀବନର ଢ଼ଙ୍ଗ ବଦଳାଇବା ବଡ଼ କଷ୍ଟ। କିନ୍ତୁ ସେମାନଙ୍କୁ କର୍ମକ୍ଷମ ହୋଇ ରହିବାକୁ ହେଲେ ଦରକାର ଉଚିତ ଜୀବନଶୈଳୀ। ମଣିଷ କେମିତି ଦୀର୍ଘକାଳ ବଞ୍ଚିବ ଏବଂ ନିରୋଗ ରହିବ ତାହାହିଁ ଆଜିର ପ୍ରଶ୍ନ। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ରୋଗ ନଥାଇ ଶାନ୍ତିରେ ମରଣ ଆମର ଲକ୍ଷ୍ୟ ହେଉ। କିନ୍ତୁ ଆଜିର ଛୋଟ ଛୋଟ ଶିଶୁମାନେ ହିଁ କାଲିର ସୁନେଲି ଭବିଷ୍ୟତ। ସେଇ ଶିଶୁମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଏବଂ ନିରୋଗ ଜୀବନ କେବଳ ସମ୍ଭବ ହେବ, ଯଦି ପ୍ରତ୍ୟହ ସେମାନଙ୍କୁ ଉତ୍ତମ ଜୀବନ ପ୍ରଣାଳୀ ସହିତ ସନ୍ତୁଳିତ ଆହାର ଦିଆଯାଏ, ତା ହେଲେ ଶିଶୁ ମୁହଁରେ ହସ ଫୁଟିବ, ସେଇ ହସରେ ଆମ ଦେଶ ହସିବ। ହସିବା ଶିଖରେ ମୋର ଭାଇ, ସବୁ ରୋଗର ଏହି ଦଓ୍ୱାଇ। ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆଜି ପ୍ରାକୃତିକ ଚିକିତ୍ସା ଓ ଯୋଗ ଶିକ୍ଷାର ପାଠ୍ୟକ୍ରମ ଅନୁସାରେ ବିଷୟବସ୍ତୁକୁ ଏହି ପୁସ୍ତକରେ ଦେବାକୁ ଚେଷ୍ଟା କରିଛୁ। ଆଜିର ଉଦ୍ୟମ ସେତିକି ମାତ୍ର, ଛାତ୍ର-ଛାତ୍ରୀ ମାନଙ୍କର ଜୀବନଶୈଳୀକୁ କିଛି ମାତ୍ରାରେ ସ୍ୱାସ୍ଥ୍ୟକର କରିବା ପାଇଁ ଏକ ନୂତନ ଯୋଜନା – 'କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ ?' ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଜ୍ଞାନର ଏକ ପ୍ରତିଯୋଗିତା ମାତ୍ର, ଯାହାକି ଜଣେ ଛାତ୍ରକୁ ଶୃଙ୍ଖଳିତ, ସଞ୍ଜମୀ, ଉତ୍ତମ ଚରିତ୍ରବାନ ତଥା ସ୍ୱାସ୍ଥ୍ୟବାନ କରି ଗଢ଼ି ତୋଳିଲେ ବହିଟି ସାର୍ଥକ ହେବ। କଥାରେ ଅଛି ପ୍ରକୃତି ହିଁ ଶ୍ରେଷ୍ଠ ଚିକିତ୍ସକ। ଶରୀରରେ ଯେକୌଣସି ପ୍ରକାରର ଅସନ୍ତୁଳନ ଅବସ୍ଥାକୁ ସୁଧାରି ପୁନଃ ସନ୍ତୁଳିତ ଅବସ୍ଥାକୁ ଫେରାଇ ଆଣିବା ଲାଗି ପ୍ରକୃତି ହିଁ ସର୍ବପ୍ରଥମେ ସ୍ୱତଃ ଚେଷ୍ଟା କରିଥାଏ। ପ୍ରକୃତିର ଏହି ପ୍ରକ୍ରିୟାରେ ଆମେ ସହଯୋଗ କଲେ ରୋଗ ଶୀଘ୍ର ଦୂରୀଭୂତ ହୋଇଥାଏ। ଏପରି ନିରେଖି ଦେଖିଲେ ଜଣାପଡ଼େ ଯେ, ଆମେ ଯାହାକିଛି ଚିକିତ୍ସା ପଦ୍ଧତି (ପ୍ରାକୃତିକ ଚିକିତ୍ସା ଶାସ୍ତ୍ରରେ) ଅନୁକରଣ କରୁ, ତାହା କେବଳପ ପ୍ରକୃତିର ରୋଗ ଉପଚାର ପ୍ରକ୍ରିୟାରେ ଏକ ସହଯୋଗ ଛଡ଼ା ଆଉ କିଛି ନୁହେଁ। ଯଦି କୌଣସି ରୋଗ ଉପଶମ ହେବା ପାଇଁ ପ୍ରକୃତି ନିଜର ସାଧାରଣ ଉପଚାର ପ୍ରଣାଳୀରେ ସାତଦିନ ନେଇଥାନ୍ତା ତାହାକୁ ଆମେ ମାଟି ପଟୀ, ଗରମ ସେକ, ବାମ୍ଫ ସ୍ନାନ ବା ଏପରି କିଛି ପ୍ରାକୃତିକ ଉପଚାର ପ୍ରଣାଳୀ ସହ ଯୋଡ଼ିଦେଲେ ହୁଏତ ରୋଗ ଉପଶମ ଚାରି ଦିନରେ ମଧ୍ୟ ହୋଇଯାଇପାରେ। ଏଠାରେ ଏକ ପ୍ରଶ୍ନ ମନକୁ ଆସେ ଯେ, ଯଦି କାହାର ଶରୀର ମଧ୍ୟରେ କୌଣସି ହାଡ଼ ଭାଙ୍ଗି ଯାଇଥାଏ, ତେବେ ଆମେ କୌଣସି ଉପଚାର ନ କଲେ ପ୍ରକୃତି କ'ଣ ତାହାକୁ ସ୍ୱତଃ ଯୋଡ଼ିଦେବ ? ପ୍ରକୃତି ଏକ ନିର୍ଦ୍ଦିଷ୍ଟ ସ୍ତର ବା ପର୍ଯ୍ୟାୟ ପର୍ଯ୍ୟନ୍ତ ନିଜର ଉପଚାର ପ୍ରକ୍ରିୟାକୁ ସକ୍ରିୟ ଭାବେ କରିଥାଏ। ଉକ୍ତ ସୀମା ପାର ହୋଇଗଲା ପରେ ଏହି ଉପଚାର କ୍ରିୟା କିଛି ମାତ୍ରାରେ ଶିଥିଳ ହୋଇଯାଇପାରେ। ଏହା ଆମର ସ୍ଥୂଳ ଚକ୍ଷୁକୁ ପ୍ରାୟତଃ ନିଷ୍କ୍ରିୟ ପରି ଜଣାପଡ଼ିବା କିଛି ଅସମ୍ଭବ ନୁହେଁ।

*ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨*

# ମାନସ ମନ୍ଥନ

**ପଙ୍କଜ କୁମାର ପାଣିଗ୍ରାହୀ**

କୌଣସି ବସ୍ତୁ, ପଦାର୍ଥ ହେଉକି ବିଷୟକୁ ମନ୍ଥନ କରିବା ଦ୍ୱାରା ତା'ର

ଭୌତିକ, ରାସାୟନିକ ଏବଂ ତାତ୍ତ୍ୱିକ ପରିବର୍ତ୍ତନ ହେବା ଏକ ପ୍ରକୃତି ସମର୍ଥିତ ସଂଯୋଗ।

ଉଦ୍ଧୃତ ଭାଗଶେଶ, କେତେବେଳେ ଅମୃତ, ତ କେତେବେଳେ ବିଷ, ନ ଜାଣନ୍ତି ବ୍ରହ୍ମଦେବ !

ଆଉ ମଣିଷ ତ ନିମିତ୍ତ ମାତ୍ର... !!

ସାଗର ମଂଥନେ କେଶବେ କମଳା ଗରଳ ଲଭିଲେ ଶିବ...। ଏହି ମର୍ମରେ ଯେତେବେଳେ ସମୁଦ୍ରକୁ ମନ୍ଥନ କରାଗଲା କେତେବେଳେ ସାଗର କନ୍ୟା ମହାଲକ୍ଷ୍ମୀ ତ ଆଉ କେତେବେଳେ ଐରାବତ ହସ୍ତୀ ସହିତ ଅମୃତ ହାଣ୍ଡି ଓ ବିଷ ହାଣ୍ଡି ମଧ୍ୟ ଉଦ୍ଧୃତ ହୋଇଥିବା କିମ୍ବଦନ୍ତୀ ରହିଛି ହିନ୍ଦୁ ଧର୍ମରେ। ସମୟୋଚିତ ମୂଲ୍ୟାୟନ କରି ପ୍ରାପ୍ତି ହୋଇଥା'ନ୍ତି ବିଜ୍ଞ / ନିର୍ବୋଧ । କେତେବେଳେ କାହା କପାଳରେ କ'ଣ ଲେଖା ହୋଇଛି କାହାକୁ ଗୋଚର ନାହିଁ। ଠିକ୍ ସେହିଭଳି ମନେହୁଏ ସତେ ଯେମିତି ସାଗର ମନ୍ଥନର ଉଦ୍ଧୃତି ସମ୍ବନ୍ଧରେ କୌଣସି ନିଶ୍ଚିତତା ଜଣା ନଥିଲା କାହାକୁ ?! ଏହି କଥାର କୌଣସି ଦୃଶ୍ୟ ଶ୍ରାବ୍ୟ କିମ୍ବା ପଟ୍ଟଚିତ୍ର ପ୍ରମାଣ ନଥିଲେ ମଧ୍ୟ ହିନ୍ଦୁ ମାନଙ୍କର ଏହି ବିଷୟ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ସ୍ୱୀକାର୍ଯ୍ୟ । ତପସ୍ୟା କରି ବହୁ ମୁନିଋଷି ଅନେକ ଜ୍ଞାନ ଅର୍ଜନ କରି ଅନେକ କଥା / ବିଷୟ ଜାଣିପାରୁଥିବା ମଧ୍ୟ କିମ୍ବଦନ୍ତୀ ରହିଛି ଭାରତୀୟ ସାଂସ୍କୃତିକ ବିଚାରରେ ଯାହା ସମସ୍ତେ ଜାଣନ୍ତି । ହେଲେ ସାଗର ମନ୍ଥନ ବିଷୟ କେତେଦୂର ଯୁକ୍ତିଯୁକ୍ତ ଏବଂ ଗ୍ରହଣୀୟ ତାହାର କୌଣସି ଧାର୍ଯ୍ୟ ବିକଳ୍ପ ନଥିଲେ ମଧ୍ୟ ସାଧାରଣ ବସ୍ତୁ ଗୁଡିଏ ମନ୍ଥନ / ବିଶ୍ଳେଷଣ କରି ମଣିଷ ନିଜ କ୍ଷମତା ମଧ୍ୟରେ ଅନେକ କିଛି ପାଇପାରୁଥିବା ଅସ୍ୱୀକାର କରିହେବ ନାହିଁ। ଉଦାହରଣ ସ୍ୱରୂପ ଦେଖିଲେ କ୍ଷୀରକୁ ମନ୍ଥନ କଲେ ଘିଅ ବାହାରୁଥିବା ଅନୁଭୂତି ରହିଛି ସମସ୍ତଙ୍କର। ଇତି ମଧ୍ୟରେ ମାନସ ମନ୍ଥନ କ'ଣ ଏବଂ ତଦ୍ୱାରା ମଣିଷର କ'ଣ ପ୍ରାପ୍ତି ହୋଇଥାଏ କିଛି ଲୋକଙ୍କୁ ଜଣାଥାଇ ପାରେ, କି'ନ୍ତୁ ଅଧିକାଂଶ ମଣିଷ ସେଇଥିରୁ ବାଦ୍ ପଡିଛନ୍ତି ଆଜି ସମୟରେ ଯାହାର ଅନୁଶୀଳନ କରିବା...।

ମଣିଷ ମସ୍ତିଷ୍କର ଗଭୀରତା ଆକଳନ କରିବାକୁ ଗଲେ ଜାଣିହେବ ଯେ ତାହା ସମୁଦ୍ର ଠାରୁ ଅଧିକ ଗଭୀର ଏବଂ ଅନ୍ତରୀକ୍ଷ ଠାରୁ ମଧ୍ୟ ଅନନ୍ତ ଅମାପ। ସେହି ଅମାପ ଗଭୀରକୁ ମନ୍ଥନ କରିବା ଦ୍ୱାରା ଯାହାସବୁ ପ୍ରାପ୍ତି ହେବାର ସମ୍ଭାବନା ରହିଥାଏ ତାହା ମଧ୍ୟ ଆକଳନ କରିହେବ ନାହିଁ। ମାନସ ମନ୍ଥନ ଏକ ଭୌତିକ କ୍ରିୟା ଯାହା କରିବା ଦ୍ୱାରା ଶରୀର ତଥା ମସ୍ତିଷ୍କରେ କିଛି ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ସେହି ପ୍ରତିକ୍ରିୟା ହେତୁ ମସ୍ତିଷ୍କରେ ରହିଥିବା କୋଷ ଗୁଡିକର ପରିବର୍ତ୍ତନ / ପରିପକ୍ୱତା ଆସିଥାଏ। ମସ୍ତିଷ୍କର କୋଷ ଗୁଡିକ ପରିପକ୍ୱ ହେବାକୁ ଲାଗିଲେ ତନ୍ମଧ୍ୟରେ ମଣିଷର ବିଚାରଧାରାରେ ପରିବର୍ତ୍ତନ ହୋଇଥାଏ । ସେହି ପରିବର୍ତ୍ତିତ ବିଚାରଧାରା ଜନିତ ଜ୍ଞାନ, ବୁଦ୍ଧି, ବିଚକ୍ଷଣତା, ଚତୁରତା ଭଳି ଆହୁରି ଅନେକ ଅନେକ ବିଭିନ୍ନତା ବିଶିଷ୍ଟ ଅନ୍ତର୍ନିହିତ ଶକ୍ତି ମଣିଷ ମସ୍ତିଷ୍କରେ ସୃଷ୍ଟି ହୋଇଥାଏ। କହିବାକୁ ଗଲେ ଅନ୍ତର୍ଜ୍ଞାନ, ବୁଦ୍ଧି ଇତ୍ୟାଦି ଅମୃତ ସଦୃଶ୍ୟ କାର୍ଯ୍ୟ କରୁଥିବା ବେଳେ ଚତୁରତାକୁ ମଣିଷ ବିଷ ଭଳି ବ୍ୟବହାର କରିଥାଏ ଯାହା ଦ୍ୱାରା ସିଏ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାରେ ସମର୍ଥ ହୋଇପାରେ। ତେଣୁ ଅଧିକାଂଶ କ୍ଷେତ୍ରରେ ଚତୁର ମଣିଷ ଗୁଡିକ ଅନ୍ତର୍ଜ୍ଞାନୀ, ବୁଦ୍ଧିମାନ ମାନଙ୍କ ତୁଳନାତ୍ମକ ଅତ୍ୟଧିକ ଅସାମାଜିକ / ଅନୈତିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ଅତଏବ ସାଗର ମନ୍ଥନ ଭଳି ମାନସ ମନ୍ଥନ କରିବା ଦ୍ୱାରା ମଣିଷ ମଧ୍ୟ କେତେବେଳେ ଅମୃତ ତ ଆଉ କେତେବେଳେ ବିଷ ପ୍ରାପ୍ତି ହୋଇ ନିଜ ଜୀବନ ଶୈଳୀକୁ ପରିଚାଳିତ କରିବାରେ ସମର୍ଥ ହେଉଥିବା ଦେଖିବାକୁ ମିଳିବ ଉପଯୁକ୍ତ ସମୀକ୍ଷା କଲେ । ମିଛ, ମାୟା ସଂସାରରେ ମଣିଷ ନକାରାତ୍ମକ ବିଚାର ତଥା ଚତୁରତା ପ୍ରତି ଅତ୍ୟନ୍ତ ଆକର୍ଷଣ ଭାବ ରଖିଥିବା ଦେଖିବାକୁ ମିଳିବ ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଯେଉଁଠି ସକାରାତ୍ମକ ବିଚାର ତଥା ଅନ୍ତର୍ଜ୍ଞାନ, ବୁଦ୍ଧି ଇତ୍ୟାଦି ଆହରଣ କରିବା ପାଇଁ ଆଗ୍ରହୀ ମଣିଷଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଆଜି ସମୟରେ। ତେଣୁ ମଣିଷ ନିଜକୁ ନିଜେ ପରିମାର୍ଜିତ କରିବା ଲକ୍ଷ ରଖି ମାନସ ମନ୍ଥନ ପୂର୍ବକ ମାନବିକ ଚେତନା ଜ୍ଞାନ ଆହରଣ କରିବା ପାଇଁ ଆଗ୍ରହୀ ନହେଲେ କୌଣସି ସୂତ୍ରରେ ତାକୁ ପରିବର୍ତ୍ତନ କରିବା ଅସମ୍ଭବ।

ମାନସ ମନ୍ଥନ କ'ଣ ଓ ତଦ୍ୱାରା ମଣିଷ କି ଫଳ ପ୍ରାପ୍ତି ହେବ ଏବଂ ତାହା କିପରି କରାଯାଇ ପାରିବ ବିଚାର କରି ଦେଖିବା... ! ଉପର ଲିଖିତ ବିଷୟ ଉପରେ ଆଧାରିତ ମାନସ ମନ୍ଥନ ଦ୍ୱାରା ମଣିଷର ମସ୍ତିଷ୍କ ପରିପକ୍ୱ ହୋଇ ଜ୍ଞାନ, ବୁଦ୍ଧି ତଥା ଚତୁରତା ଭଳି ଆହୁରି ଅନେକ ଆଚରଣରେ ପରିବର୍ତ୍ତନ ହୋଇଥାଏ । ମାନସ ମନ୍ଥନ କରିବା ଲକ୍ଷ ରଖିଥିବା ମଣିଷଟି ସ୍ୱଚେଷ୍ଟାରେ ଅନ୍ତର୍ଜ୍ଞାନ ସୃଷ୍ଟି କରିବା ଲକ୍ଷ ରଖିଲେ ଅନେକ ସକାରାତ୍ମକ ମାନବିକ ଚେତନା ଜ୍ଞାନ ଉଦୟ ହେବା ସହିତ ସତ୍ୟ / ଅସତ୍ୟର ବ୍ୟବଚ୍ଛେଦ କରିବାରେ ସମର୍ଥ ଲାଭ କରି ପାରିବ। ସୁଦୂର ବିଚାରି ଅନେକ ଭୂତ / ଭବିଷ୍ୟତ ବିଚାର / ଜ୍ଞାତ ବିଷୟ ଉପରେ ପାରଦର୍ଶିତା ଲାଭ କରି ପାରିବ। ମନ ଉପରେ ନିୟନ୍ତ୍ରଣ ରଖି ବିବେକକୁ ନିଜ ଆୟତ୍ତାଧିନ କରିବାରେ ସାମର୍ଥ୍ୟ ଲାଭ କରିପାରିବ। ବିବେକ ନିୟନ୍ତ୍ରିତ ଜୀବନ ଶୈଳୀରେ ପରିଚାଳିତ ହେବା ଦ୍ୱାରା ମଣିଷର ସଂଯମତା, ମାନବିକତା ତଥା ସାମାଜିକ ପାରିପାର୍ଶ୍ୱିକ ପରିବେଷ୍ଟନୀରେ ଚେତନା ଜ୍ଞାନ ଜଡିତ ଆଚରଣ ଦେଖିବାକୁ ମିଳିବ ଯାହା ମଣିଷକୁ ଅତ୍ୟନ୍ତ ଆନନ୍ଦରେ ବଂଚିବାର ସୁଯୋଗ ସୃଷ୍ଟି କରିବ। ମନରୁ ଭୟ ଦୂର ହୋଇ କୌଣସି ସମୟରେ ମସ୍ତିଷ୍କ ବିଚଳିତ ନହୋଇ ନିର୍ବିକାର ଜୀବନ ଯାପନ କରିବାରେ ମଣିଷ ସମର୍ଥ ହୋଇପାରିବ। ଅନ୍ତର୍ଜ୍ଞାନ ବଜାରରେ ମିଳୁଥିବା ଦେୟଯୁକ୍ତ ପଦାର୍ଥ ନୁହେଁ କିମ୍ବା କୌଣସି ପୋଥିଗତ ବିଦ୍ୟାକୁ ଆୟତ୍ତ କରି ସେଇଥିରୁ ଆହରଣ କରିବା ବିଷୟ ନୁହେଁ! ଅନ୍ତର୍ଜ୍ଞାନ, ବିଚକ୍ଷଣ ବୁଦ୍ଧି ଅନେକାଂଶରେ ଜିନ୍ ଗତ ହୋଇଥିବା ବେଳେ ଅନ୍ୟ ପକ୍ଷରେ କେବଳ ମାନସ ମନ୍ଥନ ଦ୍ୱାରା ହିଁ ସମ୍ଭବ ହୋଇ ପାରିବ।

ମାନସ ମନ୍ଥନ ହେଉଛି ପ୍ରକୃତ ଯୋଗର ଏକ ରୂପାନ୍ତରିତ ବିକଳ୍ପ । ଆଜି ସମୟରେ ଯୋଗ ବୋଲି କୁହା ଯାଉଥିବା ବିଭିନ୍ନ ବ୍ୟାୟାମ, ପ୍ରାଣାୟାମ, ଆସନ ଗୁଡିକ ଏକ କୁହେଳିକା ଯାହା ସବୁ ପ୍ରକୃତ ଯୋଗର ଗୋଟିଏ ଗୋଟିଏ କ୍ଷୁଦ୍ର ଅଂଶ ବିଶେଷ ମାତ୍ର। ଯେଉଁମାନେ ଆଜି ଯୋଗ ଶିକ୍ଷା ଦେଉଛନ୍ତି ସେମାନଙ୍କୁ ପ୍ରକୃତ ଯୋଗ କ'ଣ ଏବଂ ତାହା କିପରି କରାଯାଏ ଏବଂ ତାହା କି କାର୍ଯ୍ୟ କରିଥାଏ ସେସବୁ ବିଷୟ ହୁଏତ କାହାକୁ ଜଣାଥିବ ସନ୍ଦେହ ?! ପ୍ରକୃତ ଯୋଗ ମାଧ୍ୟମରେ ହିଁ ମାନସ ମନ୍ଥନ କରାଯାଇ ଥାଏ ଯାହା ବୁଝିବା ଏକ ଜଟିଳ ବିଷୟ ! ସାମାଜିକ ପ୍ରହେଳିକାରେ ବ୍ୟବସାୟୀକରଣ କରି ବିତରଣ କରାଯାଉଥିବା ଯୋଗ- ବ୍ୟାୟାମ, ପ୍ରାଣାୟାମ, ଆସନ ଗୁଡିକ ଶାରୀରିକ ସୁସ୍ଥତା ପ୍ରତି ସହାୟକ ହେଉଥିଲେ ହେଁ ମାନସିକ ସ୍ତରରେ ତାହାର କୌଣସି ପ୍ରଭାବ ପଡ଼ିନଥାଏ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ : ୯୪୩୭୩୨୪୯୧୭*


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ଏକମାତ୍ର

ଉଲ୍ଲାସ

ଭୁବନେଶ୍ୱର, ୫ - ୧୧ ଜୁନ୍, ୨୦୨୩



## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୬୨



(ପୂର୍ବପ୍ରକାଶ ଉତ୍ତାରୁ)

ଏ ସମସ୍ତେ ତାର ହତ୍ୟାକାରୀ..! ତାକୁ ଟିକିଟିକି କରି ହାଣିଚାଲିଛନ୍ତି ଅଲକ୍ଷ୍ୟରେ। କେତେବେଳେ ତାକୁ ଶ୍ୱାସରୁଦ୍ଧା କରିଛନ୍ତି ତ କେତେବେଳେ ପଙ୍ଗୁ କରି ଦେଇଛନ୍ତି। କେତେବେଳେ ଆଖିତଳୁ ସ୍ୱପ୍ନ ଛଡାଇ ନେଇଛନ୍ତି ତ ପୁଣି କେତେବେଳେ ତାକୁ ତାର ବୟସ ଅନୁସାରେ ବଡ ବନାଇ ଦେଇ ହାତରେ କାମ ଓ ମନରେ ଆଶାର ପାହାଡ ଧରାଇଦେଇ କହିଛନ୍ତି- ଏହା ହିଁ ତୋର କାମ ଓ କର୍ତ୍ତବ୍ୟ। ସେ ମାନିନେଇଛି ସେସବୁକୁ ଅତିଆଦରରେ। ତାକୁ କିଏ ମାରିନାହିଁ ଯେ! କିଏ ତା ଶବ ଉପରେ ପାଦ ଦେଇ ସିଡି ଚଢିନି ଯେ! ତଥାପି ତାକୁ ମାରିଥିବା ଲୋକମାନଂକୁ ସେ ଭଲପାଏ। ସେହିମାନଙ୍କ ହାତରେ ସେ ବାରମ୍ବାର ମରିବାକୁ ଇଚ୍ଛାକରେ। ଲାଗେ ସେ ଯେପରି ସେହି ବାନ୍ଛିତ ମୃତ୍ୟୁରେ ବାରମ୍ବାର ନିର୍ବାଣ ଲଭୁଛି! ମୁକ୍ତିପାଉଛି।

ଏମିତି ଭାବୁଭାବୁ ସାନବାବୁ ପଚାରିଲେ- କଣ ଭାବୁଛୁ ଏତେ ବେଳଯାଏଁ? କି ଚିନ୍ତାରେ ଆଛନ୍ନ ତୁ? କିଛି କହୁନୁ କାହିଁକି?

ବାବୁ, ତୁମେ ଶୋଇପଡ। ଅନେକ ରାତି ହେଲାଣି! ବେଶୀ ସମୟ ଅନିଦ୍ରା ରହିଲେ ଦେହ ଅବଶ ଲାଗି ସକାଳୁ।

ହେଲେ ମୋ ଆଖିରେ ନିଦ ନାହିଁ ଏବେ। ମୋତେ ଅନେକ କଥା ଭାବିବାକୁ ଅଛି। ଅନେକ କିଛି କରିବାକୁ ବି ଅଛି।

କାଲି ଅଫିସ୍ ଯିବ ପରା! କଣ ଗୋଟାଏ ମିଟିଙ୍ଗ୍ ଥିଲାବୋଲି କହୁଥିଲ ଯେ!

ନଗଲେ ବି ଚଳିବ! ଏବେ ମୋ ପାଇଁ ବେଶି ଇମ୍ପୋର୍ଟାଂଟ୍ ମୋର ଭବିଷ୍ୟତ..ଯାହାକୁ ଏବେ ଗଢିବାର ଅଛି!

ତାହେଲେ ମୁଁ ଯାଉଛି ଶୋଇବି। ସକାଳୁ ଅନେକ କାମ ଅଛି କରିବାକୁ।

ସବୁବେଳେ ତ କାମ ହିଁ କରୁଛୁ। ଆଜିଟା ଯାଆନି,ମୋ ପାଖରୁ। ମନତଳେ ଅନେକ ଅକୁହା ଯନ୍ତ୍ରଣା। ନୀରବ ଝଡ। ଖୁବ୍ ଅସହ୍ୟ..। ତୋ ବିନା ମୁଁ ଆଗକୁ କିପରି ବଢିବି ଲୀନା? ତୁ ହିଁ ତ ମୋତେ ତୋମନସ୍କ କରିଦେଇଛୁ। ତୋ ବ୍ୟତୀତ ଅନ୍ୟ କିଛି ସ୍ୱାଧୀନ ଭାବରେ ମୁଁ ଚିନ୍ତା କରିପାରିନି କେତେବେଳେ। ତୁ ହିଁ ମୋ ଅଲକ୍ଷ୍ୟରେ ମୋତେ ଓ ମୋର ବ୍ୟବହାରକୁ ନିୟନ୍ତ୍ରିତ କରିଛୁ ସବୁବେଳେ। ଯାହା ମୁଁ ଆଗରୁ ବୁଝିପାରୁନଥିଲି। ଆଉ ମୁଁ ଆଜି ବୁଝିପାରୁଛି ମୋ ଭିତରେ ଥିବା ତୋର ତୀବ୍ର ଓ ପ୍ରଚ୍ଛନ୍ନ ଅବସ୍ଥିତିକୁ! କାରଣ ତୋ ସହିତ ଅଭ୍ୟସ୍ତ ହୋଇଆସିଛି ମୁଁ ସବୁକାଳେ। ଏବେ ମୋଠାରୁ ଅଲଗା ହେବା କଥା ଭାବୁନୁ ତ?

ଆଉ କିଛି କହିଲାନି ଲୀନା। ତଳକୁ ଚାହିଁ ପାଦରେ ଗାର ଟାଣିଲା ସେ ତଳେ।

ମୋ ପାଖକୁ ଆସିବୁନି? ତୁ କଣ ମୋତେ ଭୟ କରୁଛୁ?

ନା ବାବୁ ମୋ ସ୍ଥିତି ମୁଁ ଭୁଲିନି..ମୁଁ କେବଳ ଏ ଘରର ଚାକରାଣୀ! ଏ ଘର ଓ ତାର ସଦସ୍ୟମାନଙ୍କ ଯତ୍ନ ନେବା ମୋର କାମ। ଆଉ ମୋର କାମ ହିଁ ମୁଁ ସମାପନ କରିଛି ବିଶ୍ୱସ୍ତ ଭାବେ। ତେଣୁ ସେଥିପାଇଁ କୃତଜ୍ଞତା ମୋର ଆବଶ୍ୟକ ନାହିଁ। ତୁମେ ବରଂ ନିଜ କଥା ଚିନ୍ତା କର।

ଆଉ ତୋ କଥା..? ଅଚାନକ୍ ସାନବାବୁଂକ ଏ ପ୍ରଶ୍ନରେ ଚମକି ପଡିଲା ଲୀନା।

ମୋ କଥା କଣ ବାବୁ! ମଉଳା ଫୁଲର କଥା ଭାବି ଲାଭ କଣ ଆଉ! ମୋ ଆଈ ଏ ଘର ପାଇଁ କରିକରି ଶେଷରେ ଚାଲିଗଲା। ଆଉ ମୁଁ ବି ତୁମପାଇଁ,ତୁମ ପିଲାମାନଙ୍କ ପାଇଁ କରିକରି ଚାଲିଯିବି! ନିଜକୁ କଥା ଦେଇଛି ମୁଁ..ମୋ କାହାଣୀ ତ ଆରମ୍ଭ ନହୋଇ ସରିଯାଇଛି ବାବୁ! ସୂକ୍ଷ୍ମମୃତ୍ୟୁ ତ କୋଉ କାଳରୁ ହୋଇସାରିଲାଣି ମୋର। ସ୍ଥୁଳଭାବରେ ମୃତ୍ୟୁଟା ମୋଭାଗ୍ୟରେ ଯାହା ବାକିଅଛି ଆଉ! ମୋ ପାଇଁ ବଂଚିବାକୁ ଜୀବନ ଆଉ ନାହିଁ ସାନବାବୁ। ସେ ପୂର୍ବ ଲୀନା ତ କେବେଠାରୁ ମରିସାରିଛି!

ଏପରି କଥାକହି ତୁ କଣ ତାହେଲେ ମୋତେ ପୁଣି ଆଘାତ ଦେବାକୁ ଚାହୁଁ?

ନା, ନା! ତା କଣ ମୁଁ କେବେ ସ୍ୱପ୍ନରେ କଳ୍ପନା କରିପାରେ ସାନବାବୁ! ମୁଁ ତ କେବଳ ତୁମକୁ ସୁଖୀ ଦେଖିବାକୁ ଚାହେଁ।

ଯଦି ମୋ ଉପରେ ତୋର ଏତେ ମୋହ ମାୟା, ତେବେ ମୋତେ ସ୍ୱୀକାର କରିବାରେ ତୋର ଏତେ କୁଣ୍ଠା କାହିଁକି? ତୁ କଣ କାହାକୁ ଭୟ କରୁଛୁ? ମୋ ଠାରୁ ଅନ୍ୟ କାହାକୁ ତୁ କଣ ବେଶୀ ଗୁରୁତ୍ୱ ଦେଉଛୁ? ଭଲପାଇବା ପାଇଁ ସବୁଝଡର ମୁକାବିଲା କରାଯାଇପାରେ ଲୀନା! ସବୁକାଳେ ପ୍ରେମକୁ ଅଗ୍ନିପରୀକ୍ଷା ଦେବାକୁ ହୁଏ!

ମୁଁ ମଉଳା ଫୁଲଟିଏ। ଯାହା ଅତୀତର ଝଡରେ ଝରିଯାଇଛି। ଯାହାର ଭଲ ପାଇବାରେ ଅଧିକାର ନାହିଁ। ସେ ଏବେ କୀଟଦ୍ରଂଷ୍ଟା! ଈଶ୍ୱରଙ୍କୁ ସେ ଫୁଲ କଣ ଲାଗି କରାଯାଏ ସାନବାବୁ? ତୁମେ ନାରୀ ମନର ସେ ବିକ୍ଷିପ୍ତ ଚିତ୍କାରକୁ ବୁଝିପାରିବ ନାହିଁ, ଯାହାପାଇଁ ପ୍ରତିଟି ମୁହୂର୍ତ୍ତରେ ସେ କ୍ଷୁର୍ଣ୍ଣହୁଏ। ତାର ସୁଖୀ ହେବାର ଅଧୀକାର ବି ଛଡାଇ ନିଆଯାଏ ତାଠାରୁ। ମୁଁ ଗ୍ରହଣରେ ମ୍ଲାନ ଜହ୍ନଟିଏ..ରୁଗ୍ଣ..ବିପର୍ଯ୍ୟସ୍ତ! ମୋ ଦେହରେ ସେ ଔଜ୍ଜଲ୍ୟ ଆଉ କାହିଁ ସାନବାବୁ। ସେ ଲୀନା ପ୍ରକୃତରେ ଆଉ ନାହିଁ!

ମୁଁ ଯଦି କହିବି ମୋର ଏଇ ମଉଳା ଫୁଲଟି ହିଁ ଦରକାର ବୋଲି, ତୁ କଣ ଦେବୁନି? ମୁଁ ଯଦି କହିବି ସେହି ମ୍ଲାନ ଜହ୍ନରେ ମୁଁ ମୋ ସୁଖର ସଂସାର ଗଢିପାରିବି ଆଉ ତାର ଝାପ୍ସା କିରଣରେ ଆଗକୁ ମଧ୍ୟ ବଢିପାରିବି ବୋଲି ତୁ କଣ ମୋ କଥାକୁ ଅସ୍ୱୀକାର କରିବୁ? ତୋତେ ଆଉ କେତେ ପ୍ରମାଣ ଦରକାର କହତ?

ମୁଁ ଚାକରାଣୀଟିଏ ସାନବାବୁ, ସେ ସ୍ୱପ୍ନ ମୋତେ ଦେଖିବାକୁ ମନା। ମୋ ସୀମା ବାହାରର ସ୍ୱପ୍ନ ମୁଁ ଦେଖେନି ଆଉ କେବେ!

ତେବେ ମୋ ସୀମା ଭିତରର ସ୍ୱପ୍ନ ଦେଖିବାରେ ତୁ କଣ ବାଧାଦେବୁ?

ତୁମେ ସୁଖରେ ରୁହ ବୋଲି ମୁଁ ସବୁବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରେ।

କାହିଁକି, ମୁଁ ତୋର କିଏ?

ତୁମେ ମୋ ଜୀବନଠାରୁ ବଳି ବେଶୀ ନିଜର..ଯାହାପାଇଁ ଜୀବନର ସବୁତକ ସୁଖ, ଚିନ୍ତା, ସ୍ୱପ୍ନ, ଆଶା, ଆକାଂକ୍ଷା....! କହୁକହୁ ଅଟକିଗଲା ସେ। ହୁଏତ ସେ ଜାଣିପାରିଲା ଯେ କେବେ ମଧ୍ୟ କାହାରିକୁ ନକହିବା କଥାଟି ଆଜି ସାନବାବୁଂକ ସମ୍ମୁଖରେ ଉଦ୍‌ଭାସିତ ହୋଇଯାଇଛି। ତା ଉପରେ ଥିବା ସେହି ନିର୍ଦ୍ଦିଷ୍ଟ ପରସ୍ତଟି ଖୋଲି ଯାଇଛି ଅବେଳଟାରେ ସକଳ ଅନିଚ୍ଛା ସତ୍ତ୍ୱେ। ତା ଜୀବନରେ ଘୋଟିଥିବା ଗୋଟେ ଅନ୍ଧକାର ଦିଗଟିକୁ ସାନବାବୁ ସ୍ପର୍ଶ କରିଯାଇଛନ୍ତି ଆଜି! ନୀରବିଗଲା ସେ.. ସତ୍ୟଟି ଉନ୍ମୋଚନ ହୋଇସାରିଥିବା ଦ୍ୱନ୍ଦ୍ୱ ଓ ଅବଶୋଷରେ! ସାନବାବୁଙ୍କ ଓଠରେ ହସର ସୁସ୍ପଷ୍ଟ ରେଖାଟିଏ..ଅନେକ ଦିନପରେ..। ବୋଧହୁଏ ଅନେକ ମାସପରେ!

ତେବେ ମୋ ପାଖକୁ ଆସିବାକୁ ତୋର ଏତେ ଭୟ କାହିଁକି? ହଜିଲା ସାଙ୍ଗଟିଏ ପରି ଦେହକୁ ଦେହ ଲଗାଇ ସେ ପାଖରେ ବସିପଡି କହିଲେ- ଦେଖ୍ ଝର୍କା ବାହାରର ସେ ଗଛମାନଙ୍କୁ। ତା ଡାଳରେ କେତେ ଫୁଲ। ସେ ଫୁଲମାନଙ୍କ ଭିତରେ ତୁ ତ ନୀଳ ପରୀଟିଏ। ଯାହାକୁ ବୁଝିନପାରି ଜୀବନରେ ମୁଁ ହାରିଯାଇଛି! ମୋ ମନାକାଶରେ ତୁ ନୀଳ ତାରାଟିଏ..ଯେ ମୋତେ ଅହରହ ତା ଭିତରେ ଆତ୍ମବିସ୍ମୃତ କରାଇଛି, ତଲ୍ଲୀନ କରାଇଛି। ଅଥଚ ମୁଁ ତାକୁ କେବେ ବି ଠିକ୍‌ରେ ବୁଝି ପାରିନାହିଁ। ତାକୁ ଠିକ୍ ଭାବେ ବୁଝିଲାବେଳକୁ ମୁଁ ମୋ ସଂସାରକୁ ହଜାଇ ସାରିଛି। ମୋ ଆଦର୍ଶରୁ ବିଚ୍ୟୁତ ହୋଇଯାଇଛି! ହୁଏତ ମୋର ସ୍ଖଳନ ଘଟିଛି!

ନା ବାବୁ! ଏଥିରେ ତୁମର କେବେ, କିଛି ବି ଦୋଷ ନାହିଁ। ତୁମେ ତୁମର କର୍ତ୍ତବ୍ୟ କରିଆସିଛ ସବୁବେଳେ। ହେଲେ ଭାଗ୍ୟ ତ ତୁମ ହାତରେ ନାହିଁ ନା!

(କ୍ରମଶଃ)

## ସାରସ୍ୱତ ସାଧକ

ନିରଞ୍ଜନ ସାହୁ





ସୌମ୍ୟରଞ୍ଜନ ବାବୁ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ। ଯଦିଓ ସିଏ ବିଜ୍ଞାନର ଛାତ୍ର, ତଥାପି ତାଙ୍କର ମାତୃଭାଷା ପ୍ରତି ଅହେତୁକ ଦୁର୍ବଳତା ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟ ଦିଗକୁ ସର୍ବଦା ମନ ବଳେଇଥାନ୍ତି। ସମୟ ସୁବିଧା ପାଇଲେ ଓଡ଼ିଆ ଭାଷାର ବିଭିନ୍ନ ପୁସ୍ତକ, ଗ୍ରନ୍ଥ, ପତ୍ରପତ୍ରିକା ଅଧ୍ୟୟନ କରନ୍ତି। ଏମିତିକି ପ୍ରତି ମାସର ଖର୍ଚ୍ଚ ବଜେଟରେ ସେ ପୁସ୍ତକ ଓ ପତ୍ରପତ୍ରିକା କ୍ରୟ ନିମନ୍ତେ ଅର୍ଥରାଶି ବରାଦ କରନ୍ତି। ବିଭିନ୍ନ ସାହିତ୍ୟିକମାନଙ୍କ ସହିତ ସିଏ ଯୋଗସୂତ୍ର ରକ୍ଷାକରନ୍ତି। ଯେଉଁ ଲେଖାଟି ତାଙ୍କର ପସନ୍ଦ ହୁଏ ତାହାର ସ୍ରଷ୍ଟାଙ୍କ ସହିତ ସେ ସେହି ଲେଖାର ବିଭିନ୍ନ ଦିଗ ଉପରେ ଆଲୋଚନା କରନ୍ତି। ବିଭିନ୍ନ ସାରସ୍ୱତ ସଭା, ପୁସ୍ତକ ମେଳା ଇତ୍ୟାଦିରେ ସେ ଯୋଗଦାନ କରନ୍ତି। ଏମିତିକି ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ କ୍ରୟ ସହିତ ଉପହାର ସ୍ୱରୂପ ମିଳିଥିବା ପୁସ୍ତକକୁ ନେଇ ପାଠାଗାରଟିଏ କରିଛନ୍ତି ସୌମ୍ୟରଞ୍ଜନ ବାବୁ।

ବିଭିନ୍ନ ସାହିତ୍ୟିକମାନଙ୍କ ସହିତ ପାଠକୀୟ ଭାବ ବିନିମୟ ହେଉହେଉ ବିଭିନ୍ନ ଲେଖକମାନେ ତାଙ୍କୁ ଲେଖାଲେଖି କରିବା ପାଇଁ ଉତ୍ସାହିତ କରନ୍ତି। ସେମାନଙ୍କ ଅନୁରୋଧକୁ ରକ୍ଷାକରି ସେ କଲମ ଚାଳନା ଆରମ୍ଭ କରନ୍ତି। ଛୋଟ ଛୋଟ ପିଲାମାନେ ସ୍ଲେଟରେ ଅକ୍ଷର ମଡ଼ାଉ ମଡ଼ାଉ ଯେପରି ଅଭ୍ୟାସବଶତଃ ଅକ୍ଷର ସବୁ ଗୋଲ ହୋଇଯାନ୍ତି, ଠିକ ସେହିପରି କ୍ରମେ କ୍ରମେ ସୌମ୍ୟରଞ୍ଜନ ବାବୁଙ୍କ ଲେଖାର ମାନ କ୍ରମଶଃ ବୃଦ୍ଧିପାଏ। ବିଭିନ୍ନ ସାହିତ୍ୟିକମାନଙ୍କୁ ଓ ସହକର୍ମୀମାନଙ୍କୁ ତାଙ୍କ ଲେଖା ପଢି ଶୁଣାଇ ଅନେକ ପ୍ରଶଂସା ସାଉଣ୍ଟନ୍ତି। ବିଭିନ୍ନ ବନ୍ଧୁ, ଶୁଭେଚ୍ଛୁ ଓ ସାରସ୍ୱତ ସାଧକମାନେ ତାଙ୍କୁ ତାଙ୍କର ଲେଖାଗୁଡିକୁ ବିଭିନ୍ନ ପତ୍ରପତ୍ରିକାକୁ ପଠାଇବା ନିମନ୍ତେ ଅନୁରୋଧ କରନ୍ତି। ସୌମ୍ୟରଞ୍ଜନ ବାବୁ ସମସ୍ତଙ୍କ ଅନୁରୋଧ ରକ୍ଷାକରି ନିଜର ଲେଖାଗୁଡିକୁ ବିଭିନ୍ନ ପତ୍ରପତ୍ରିକାକୁ ପଠାନ୍ତି। କ୍ରମେକ୍ରମେ ତାଙ୍କ ଲେଖାଗୁଡିକ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନପାଏ। ତାଙ୍କ ଲେଖାର ପ୍ରଶଂସା କରି ତାଙ୍କ ନିକଟକୁ ଅନେକ ଚିଠି ଓ ଫୋନ କଲ ଆସେ। ଏଥିରେ ସେ ଖୁବ ଉତ୍ସାହିତ ହୋଇ ପ୍ରତ୍ୟେକ ଦିନ କାର୍ଯ୍ୟବ୍ୟସ୍ତତାରୁ କିଛି ସମୟ ବାହାର କରି ଲେଖାଲେଖିରେ ମନୋନିବେଶ କରି ନିୟମିତ ବିଭିନ୍ନ ପତ୍ରପତ୍ରିକାକୁ ଲେଖା ପ୍ରେରଣ କରନ୍ତି। ଫଳସ୍ୱରୂପ ତାଙ୍କର ବହୁତ ସଂଖ୍ୟକ ଲେଖା ପ୍ରକାଶ ପାଏ ଓ ସେ ଜଣେ ସାହିତ୍ୟିକ ଭାବେ ପ୍ରତିଷ୍ଠା ଅର୍ଜନ କରନ୍ତି।

ଧୀରେଧୀରେ ଆଜିକାଲିକା ଯୁଗରେ ମୋବାଇଲରେ ଚାଲୁଥିବା ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ହ୍ୱାଟ୍ସଆପ ଗ୍ରୁପର ଆଡ଼ମିନମାନେ ସୌମ୍ୟରଞ୍ଜନ ବାବୁଙ୍କ ହ୍ୱାଟ୍ସଆପ ନମ୍ବରକୁ ସେମାନଙ୍କ ତରଫରୁ ସେମାନଙ୍କ ଗ୍ରୁପରେ ସଂଯୋଗ କରିବା ଦ୍ୱାରା ସୌମ୍ୟରଞ୍ଜନ ବାବୁ ତାଙ୍କର ବିଭିନ୍ନ ଲେଖା ଓ ପତ୍ରପତ୍ରିକାରେ ପ୍ରକାଶିତ ଲେଖା ପୋଷ୍ଟ କରନ୍ତି। ବିଭିନ୍ନ ହ୍ୱାଟ୍ସଆପ ଗ୍ରୁପରେ ହେଉଥିବା ପ୍ରତିଯୋଗିତାରେ ଭାଗ ନେଇ ମାନପତ୍ର ପାଆନ୍ତି। କେବେହେଲେ ସେ କୌଣସି ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପକୁ ତାଙ୍କ ନମ୍ବରକୁ ସଂଯୋଗ କରିବା ପାଇଁ ଅନୁରୋଧ ନ କଲେ ମଧ ଦିନକୁ ଦିନ ତାଙ୍କୁ ନୂଆନୂଆ ହ୍ୱାଟ୍ସଆପ ଗ୍ରୁପରେ ସଂଯୋଗ କରାଯିବାରୁ ମୋବାଇଲ ହ୍ୟାଙ୍ଗ ହେବା ଅବସ୍ଥାକୁ ଆସିଯାଏ। ଗ୍ରୁପମାନଙ୍କରେ ପାଠକମାନେ ମଧ ତାଙ୍କ ଲେଖାର ଭୁରିଭୁରି ପ୍ରଶଂସା କରିବା ସହିତ ମତାମତ ଦେଉଥିବାରୁ ସେ ଖୁବ ଉତ୍ସାହିତ ହୋଇ ଆଗ ଅପେକ୍ଷା ଅଧିକରୁ ଅଧିକ ଲେଖାଲେଖି ପୋଷ୍ଟ କରନ୍ତି ଓ ବିଭିନ୍ନ ପତ୍ରପତ୍ରିକାରେ ଆଗ ଅପେକ୍ଷା ଅଧିକ ଲେଖା ପଠାଇ ପ୍ରକାଶ ପାଇବାକୁ ଯୋଗ୍ୟ ହୁଅନ୍ତି। ଏହାପରେ ସେ ତାଙ୍କ ପ୍ରକାଶିତ ଲେଖାକୁ ସଂଗ୍ରହ କରି କେତେଖଣ୍ଡ ପୁସ୍ତକ ପ୍ରକାଶ କରି ସାରସ୍ୱତ ମହଲରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି।

ଏମିତି ଭାବରେ ସୌମ୍ୟରଞ୍ଜନ ବାବୁଙ୍କର ସାରସ୍ୱତ ଜୀବନ ଭଲରେ ଚାଲୁଥାଏ। ମାତ୍ର କିଛିଦିନ ପରେ ସେ ଅନୁଭବ କରନ୍ତି ଯେ ତାଙ୍କର ଏହି ସଫଳତା ଅନେକଙ୍କ ପକ୍ଷରେ ଅସହ୍ୟ ହୋଇ ପଡ଼ିଲାଣି। ଅସହିଷ୍ଣୁ ଗୋଷ୍ଠି ତାଙ୍କର ନିୟମିତ ଲେଖା ପ୍ରକାଶ ପାଇବା, ସେ ବିଭିନ୍ନ ଲେଖା ଫେସବୁକ ଓ ହ୍ୱାଟ୍ସଆପରେ ପୋଷ୍ଟ କରିବା, ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେବା ଆଦୌ ସହ୍ୟକରି ନପାରି ତାଙ୍କର କୁତ୍ସା ରଟନା କରିବା ଆରମ୍ଭ କରିଦିଅନ୍ତି। କ୍ରମେକ୍ରମେ ତାଙ୍କ ମୋବାଇଲରୁ ବିଭିନ୍ନ ସାରସ୍ୱତ ଗ୍ରୁପ ତାଙ୍କୁ ଡିଲିଟ କରିବା ଆରମ୍ଭ କରିଦିଅନ୍ତି। କେହିକେହି ତାଙ୍କ ମୋବାଇଲ ନମ୍ବରକୁ ଗ୍ରୁପରେ ଏମିତି କରିଦିଅନ୍ତି ଯେ ସେ ମୋବାଇଲରେ ଟାଇପ କରିଥିବା ଲେଖା ଚବିଶ ଘଣ୍ଟା ପରେ ମନକୁ ମନ ଡିଲିଟ ହୋଇଯାଏ। ସୌମ୍ୟରଞ୍ଜନ ବାବୁ ଏସବୁ ହେବାର କାରଣ ସହଜରେ ବୁଝିପାରନ୍ତି ନାହିଁ। ଧୀରେଧୀରେ ବିଭିନ୍ନ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପରୁ ତାଙ୍କୁ ଡିଲିଟ କରାଯାଏ। ଅନ୍ୟ ଉପାୟ ନ ପାଇ ସୌମ୍ୟରଞ୍ଜନ ବାବୁ ଗଭୀର ମାନସ୍ତାପରେ ରହନ୍ତି।

ଦିନେ ଗୋଟିଏ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପର ଜୈନିକ ଆଡ଼ମିନଙ୍କୁ ତାଙ୍କୁ କାହିଁକି ଗ୍ରୁପରୁ ବାହାର କରାଗଲା ବୋଲି ପ୍ରଶ୍ନ ପଚାରି ସେ ଯେଉଁ ଉତ୍ତର ପାଇଥିଲେ ସେଥିରେ ସେ ହତବମ୍ବ ହୋଇ ଯାଇଥିଲେ। ଉତ୍ତର ଥିଲା ଏହା ଯେ :-- 'ଆପଣ ଆପଣଙ୍କର ପତ୍ରପତ୍ରିକାରେ ବାହାରୁଥିବା ବହୁତ ଲେଖା ଗ୍ରୁପରେ ପୋଷ୍ଟ କରିବା ସହିତ ଅନ୍ୟାନ୍ୟ ଲେଖା ପୋଷ୍ଟ କରୁଥିବାରୁ ଗ୍ରୁପର ଅନ୍ୟାନ୍ୟ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରୁଥିବାରୁ ଆପଣଙ୍କୁ ଗ୍ରୁପରୁ ଡିଲିଟ କରିବାକୁ ବାଧ ହୋଇଛୁ।'

ସୌମ୍ୟରଞ୍ଜନ ବାବୁ ଏକାନ୍ତରେ ଭାବୁଥିଲେ। ସେ ତ କେଉଁ ହ୍ୱାଟ୍ସଆପ ସାହିତ୍ୟ ଗ୍ରୁପକୁ ଅନୁରୋଧ କରି ନଥିଲେ ତାଙ୍କୁ ଗ୍ରୁପରେ ସଂଯୋଗ କରିବା ପାଇଁ। ତେବେ ସେ ପ୍ରଥମେ ଲେଖାଗୁଡ଼ିକ ପୋଷ୍ଟ କରିବାବେଳେ ତ ତାଙ୍କୁ ଉଚ୍ଚ ପ୍ରଶଂସା ମିଳୁଥିଲା। ଅଥଚ ଏବେ ତାଙ୍କୁ ଡିଲିଟ କରାଯାଉଛି କାହିଁକି? ଏହା ବୋଧେ ଅନ୍ୟମାନଙ୍କ ପାଇଁ ଅସହଣୀ ହୋଇଯାଉଛି। ତାଙ୍କର ସଂଖ୍ୟାଧିକ ଲେଖା ପ୍ରକାଶ ପାଇବା, ମାନପତ୍ର ମିଳିବା, ସାରସ୍ୱତ ସଭା ସମିତିକୁ ନିମନ୍ତ୍ରିତ ହେବା ଅନ୍ୟମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଶାଗଖିଆ ପେଜଖିଆକୁ ନ ଦେଖି ପାରିବା ଭଳି ଅନ୍ୟମାନେ ତାଙ୍କ ସଫଳତାକୁ ସହ୍ୟ କରିପାରି ନାହାନ୍ତି। ଫଳରେ ତାଙ୍କୁ ଏ ଦଶା ଭୋଗିବାକୁ ପଡିଛି। ଆମ ଓଡ଼ିଆ କଙ୍କଡାମାନଙ୍କ ଗୋଡ଼ଟଣା ନୀତି ତାଙ୍କୁ ଏ ଅବସ୍ଥାରେ ଆଣି ପକାଇଛି।

ସୌମ୍ୟରଞ୍ଜନ ବାବୁଙ୍କ ଆତ୍ମ ଅଭିମାନ ତାଙ୍କ ଆଖିରେ ଲୁହ ଜକେଇ ଆଣିଥିଲା। ସେ ମନେମନେ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀ ଓ ବିଦ୍ୟାଦାତା ପ୍ରଭୁ ଶ୍ରୀଗଣେଶଙ୍କୁ ସ୍ମରଣ କରି ନିଜ ସାରସ୍ୱତ ଜୀବନରେ ପୂର୍ଣ୍ଣଛେଦ ପକାଇ ଦିଅନ୍ତୁ ବୋଲି ପ୍ରାର୍ଥନା କରୁଥିଲେ। ମାତ୍ର ସେତିକିବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ତାଙ୍କ ରଚିତ ଗୋଟିଏ କବିତା ପୁସ୍ତକ ପାଇଁ ମନୋନୀତ କରାଯାଇ ଚଳିତ ବର୍ଷ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିବା ଖବର ତାଙ୍କର ଜଣେ ବନ୍ଧୁ ତାଙ୍କୁ ଫୋନ କରି ଜଣାଉଥିଲେ। ସୌମ୍ୟରଞ୍ଜନ ବାବୁ ଏତେ ଦୁଃଖ ଭିତରେ ଥାଇ ମଧ ଓଡ଼ିଆ ଭାଷା ଓ ସାହିତ୍ୟର ଜୟଗାନ କରି ଖୁବ ମନଖୁସିରେ କହୁଥିଲେ, 'ଓଡ଼ିଆ ଭାଷା ଓ ସାହିତ୍ୟର ଜୟ ହେଉ, କଲମର ଜୟ ହେଉ, ଜୟ ମାଆ ସରସ୍ୱତୀ, ଜୟ ପ୍ରଭୁ ଶ୍ରୀଗଣେଶ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପା ମୋ ଓଡ଼ିଆ ମାତୃଭାଷା ଉପରେ ସର୍ବଦା ରହିଥାଉ।'

*ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ*
*ଦୂରଭାଷ: ୯୯୩୮୭୪୧୫୮୩*

## ବିଶେଷ କବିତା

### ଆତ୍ମୀୟ ସଂଳାପ

ଡକ୍ଟର ମନୋରଞ୍ଜନ ବିଷୋୟୀ



ଦୁଃଖରେ ହିଁ ବେଶି
ନିଜର ଲାଗନ୍ତି ଈଶ୍ୱର
ଇଚ୍ଛାହୁଏ କହି ଦେବାକୁ
ସବୁ ମନ କଥା ମୋର ।
ଦୁଃଖରେ ହିଁ ବେଶି
ଖୋଜେ ମମତା ମୋ ବୋଉର
ତା' କୋଳର ମୁଣ୍ଡ ରଖି
ତାଳିପାରେ ଲୁହ ଧାର ଧାର ।
ଦୁଃଖରେ ହିଁ ବେଶି
ଭାବୁଥାଏ କଥା ବାବାଙ୍କର
ସେ ମତେ ଗଢ଼ିବାକୁ ଯାଇ
କାନ୍ଦୁଥିବା କ୍ଳାନ୍ତ କାରିଗର ।
ଦୁଃଖରେ ହିଁ ବେଶି
ମନେପଡ଼େ ଉପଦେଶ ଗୁରୁଙ୍କର
ସେ ବିଶ୍ୱାସର ବରଗଛ ମୋ ଜୀବନର।
ଦୁଃଖରେ ହିଁ ବେଶି ଜଣା ପଡ଼ିଥାଏ
କିଏ ଆପଣାର ଆଉ କିଏ ଅବା ପର ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ: ୮୮୯୫୧୪୧୭୨୭*

### ଗୋଟିଏ ସ୍କେଚ : ପ୍ରେମର

ଅସୀମା ସାହୁ



ଆଜି ସଞ୍ଜରେ ଆସନ୍ତନି
ଡ୍ରଇଂ ରୁମ୍‌ରେ ଟିକେ ଗପିବା
ମନଭରି କେତେ କଣ
ହଳେ ଆଖି ଦିହିଁଙ୍କର
ଦିଟି ଚୌକି
କେତେ ଦିନ ଖାଲି ପଡିଛି ସେମିତି
ତମେ ଆସିବ ବୋଲି।
ମଝିରେ ପ୍ରତୀକ୍ଷାର ଗୋଲ ଟି ପୟ ଉପରେ
ବିଶ୍ୱାସର ରଙ୍ଗୀନ ଫୁଲଦାନୀ
ସମ୍ବନ୍ଧର ଫୁଟନ୍ତା ଗୋଲାପ
ସେଇଠି ସାମ୍ନାସାମ୍ନି ବସି
ପ୍ରେମ କପର ଧୂଆଁରେ
ଆସ୍ତେ ଆସ୍ତେ ଓଠ ବୁଡାଇବା
ଶୋଷର ଠିକଣା ଖୋଜୁ ଖୋଜୁ କେଜାଣି
ଭୋକର ଭୂଗୋଳ ଦେଖୁଥିବା।
ବେଲଗାମ ଫାଜିଲି ଇଚ୍ଛା ତ
ମେଞ୍ଚାଏ ରଙ୍ଗୀନ ପ୍ରଜାପତି
ଆକାଂକ୍ଷାର ଉପତ୍ୟକାରେ ଫୁରକିନା ଉଡନ୍ତି
ରଙ୍ଗୀନ ଲାଗିବ ମେହେଫିଲ
ମୋ ଘରର କୁହୁଡିଲିପା କାଚ ଝର୍କାରେ
ଆଖିସବୁ ଖୋଜୁଥିବେ ଅପରାଧୀଙ୍କୁ
ପୁଲିସ ବାଲାଙ୍କ ଆଖିରେ
ଖୋଜନ୍ତୁ ପ୍ରିୟତମ
ଅଦୂରେ ବୁଦୁ ବୁଦୁକିଆ ଜଙ୍ଗଲରେ ଲୁଚିଯିବା
ହେଲେ ହୃଦୟ ତ ନିବୁଜ କିଲ୍ଲା
କେତେ ମଜା, ସନ୍ଦେହୀ ଆଖିକୁ ଫୁଙ୍କି
ଅଙ୍କେ ଅଙ୍କେ ଖସି ଯାଉଥିବା।

*ମଧୁବନ, ବାରିପଦା*
*ଦୂରଭାଷ : ୯୪୩୭୩୮୦୭୭୦*

### ଭିନ୍ନ ଏକ ଜହ୍ନରାତି



ଶରତ କୁମାର ଦାସ

ଯେତେବେଳେ ଅନ୍ଧାର ଚିରି ଜହ୍ନ ଓହ୍ଲାଇ ଆସେ
ଚେନାଏ କଇଁଫୁଲିଆ ହସ
ଗଜୁରିଉଠେ ଫଟାମାଟିର ଭାଗ୍ୟରେ।
ରାତି ଦୀପ ଜାଳେ ଥିରିଥିରି ନୀରବରେ
ସଜେଇହୁଏ, ନାଚେ, ଗାଏ
ଜ୍ୟୋସ୍ନାରେ ଭିଜି ଭିଜି।
ପବନ ହୁଏ ବାଉଳା କୋଉ ଆଦିମ ତୃଷ୍ଣାରେ
ଘୋଡା ଚଢି ଆସନ୍ତି ଉନ୍ମାଦ ଇଚ୍ଛାମାନେ
ରଙ୍ଗ ମାଖନ୍ତି ମଲା ସ୍ୱପ୍ନମାନଙ୍କର
ନିର୍ଜୀବ ଡେଣାରେ।
ଜହ୍ନ ମୁରୁକି ହସେ
ସଜଫୁଟା କଇଁର ଭାଗ୍ୟକୁ ଦେଖି
ଆକାଶ ଖୋଜୁଥାଏ ଚାଖଣ୍ଡେ ସାହାରା
ଥାପିବାକୁ ପାଦ ହାତେ ଧରି କେରାଏ ଆୟୁଷ
ତାରାଫୁଲମାନେ ଧରାଦିଅନ୍ତି
ହାତ ପାପୁଲିରେ ଖୁବ୍ ସନ୍ତର୍ପଣେ।
କେହି କିଛି ନ ଜାଣିବା ପୂର୍ବରୁ କାହିଁକି କେଜାଣି
ହଠାତ୍ ଜହ୍ନ ରାତିର ପ୍ରଶସ୍ତ ଛାତି ବଦଳିଯାଏ
ନିର୍ବାଣର ଅର୍କକ୍ଷେତ୍ରରେ,
ଯେଉଁଠି କାମନା, ବାସନା, ଜରା
ରୋଗ, ଶୋକ ଓ ବ୍ୟାଧିଙ୍କର ମୃତ୍ୟୁ ଘଟେ
ଆଖି ପଲକରେ।
ଅସରନ୍ତି ଶୋଷ ଯେତେ ବୁଡିଯାଆନ୍ତି
ସମୁଦ୍ରର ମୁକୁଳା ବକ୍ଷରେ
ହାଲୁକାଲାଗେ ଜୀବନର ବୋଝ
ଦୁଃଖମାନେ ଧାଉଁଥାନ୍ତି ଉତ୍ତପ୍ତ ମରୁର ଛାତିରେ
ମନ ହୁଏ ବୋଧିସତ୍ତ୍ୱ।
ଶେଷହୀନ ଯନ୍ତ୍ରଣାକ୍ତ ଜୀବନର
ଶୂନ୍ୟ ସୂଚୀପତ୍ର ବିମଣ୍ଡିତ ହୁଏ
ଓଁକାର ଶବ୍ଦରେ
ଧସେଇ ପଶେ ପ୍ରଶାନ୍ତିର ଉନ୍ମୀଳିତ ଛାୟା
କାହିଁ କୋଉ ଯୁଗର
ଥକିପଡିଥିବା ଉଦାସ ଆଖିହଳକରେ।
ମୁଗ୍ଧ ଚେତନାର ଯାଦୁକାରୀ ମନ୍ତ୍ରରେ
ରାଜାପୁଅ ଉଡିବୁଲେ
ସୁଖ ସୌଭାଗ୍ୟର ଉଲ୍ଲସିତ ଭବିଷ୍ୟକୁ
ପଦାଘାତ କରି
ଆହ୍ଲାଦର ଚିର ଉନ୍ମୁକ୍ତ ଦିଗନ୍ତରେ।
ମାଟି ହୋଇଯାଏ ମୁଠାଏ ଅର୍ଘ୍ୟର ବୈକୁଣ୍ଠ
ସବୁ ବୃକ୍ଷ ପାଲଟିଯାଆନ୍ତି ବୋଧିଦ୍ରୁମ ଏକାଥରେ
ନିଃସ୍ୱ ନିଃଶ୍ୱାସ ଲେଖେ ବିଶ୍ୱାସର କାବ୍ୟ
ମେଞ୍ଚା ମେଞ୍ଚା ଗ୍ଲାନିର ଅନ୍ଧାରୁଆ
ରାସ୍ତା ଭେଦ କରି
ସେଇ ଜହ୍ନ ରାତି ଗାଉଥାଏ ଜୀବନବୋଧର
ଭିନ୍ନ ଏକ ମଙ୍ଗଳ ସ୍ତୋତ୍ର।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡବିଲ,କେନ୍ଦୁଝର*
*ଦୂରଭାଷ : ୮୨୪୯୧୩୭୦୯୧*

### ଅଫେରା ସମୟ

ଦୀନବନ୍ଧୁ ବେଜ





ତୁମ ସନ୍ତାନ ତୁମ ପାରୁଷରେ
ଆହାକି ସୌଭାଗ୍ୟ
ତାକୁ କୋଳାଇ ନିଅ ଜଲଦି
ସେ ନେଉଛି ବିଶ୍ରାମ।

ତୁମ ଶରୀର ଅତି ନିକଟକୁ
ତାକୁ ଡାକି ନିଅ
ତା ଶିହରିତ ଶ୍ୱାସ ପ୍ରଶ୍ୱାସକୁ
ଆଘ୍ରାଣ କରି ଦିଅ।
ଅପତ୍ୟର ବାତ୍ସଲ୍ୟ ପ୍ରେମ
ପକ୍ଷୀ ଢେଣା ଲାଗିଲେ
ଉଡିଯାଏ ଆକାଶ ମାର୍ଗକୁ
ବାହୁକୁ ବଳ ଆସିଲେ।

ସନ୍ତାନ ଡିଆଁମାରି ଏକଦମ ଛୁ
ମଥାକୁ ପାଇଗଲେ ହାତ
ଆଉ କଣ ଢ଼େରେ ଇଚ୍ଛା କରି
ଏମିତି ଜାବୁଡି ପାରୁଛେ...?
ନା ସମୟ କାହା ପାଇଁ ଅଟକିବ
ତା ପାଖରେ ଶୋଇବାକୁ
ନା ସେ ସୁଯୋଗ ପୁନଶ୍ଚ ମିଳିବ
ଏତେ ଅନ୍ତରଙ୍ଗ ହେବାକୁ

ସହକାରୀ ଶିକ୍ଷକ
*ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ,*
*ଶିଖାପାଲ୍ଲୀ, ମାଲକାନଗିରି*
*ଦୂରଭାଷ : ୭୬୮୩୯୨୦୨୨୧*

# ୧୯ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କୋଣାର୍କ:** ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ନିମଗ୍ନ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଯାତ୍ରୀନିବାସଠାରେ ମାଟ୍ରିକ ମେଧା ସମ୍ମାନ - ୨୦୨୩ ଆୟୋଜିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଗୋପ ବ୍ଲକର ୧୯ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ବିଶ୍ୱଜିତ ଘୋଷ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଡ଼. ଘୋଷ ଚୀନ ସାହିତ୍ୟର ଗୋଟିଏ ଗଳ୍ପର ଅବତାରଣା କରି ଆଜିର ଦେବଶିଶୁ କିପରି ପରିଣତ ବୟସରେ ନରପଶୁକୁ ରୂପାନ୍ତରିତ ହେଉଛି, ତା'ର ଉଦାହରଣ ମାଧ୍ୟମରେ ଜୀବନରେ ମାନବୀୟ ମୂଲ୍ୟବୋଧର



ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ କିଟ୍ର ପ୍ରତିଷ୍ଠାତା ସଦସ୍ୟ ଡକ୍ଟର ଚିରଞ୍ଜନ ମିଶ୍ର ଯୋଗଦେଇ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିବା ବେଳେ ଚଳନ୍ତି ପ୍ରତିମା ପିତାମାତାଙ୍କୁ ଭକ୍ତି କରିବା ସହ ଗୁରୁ ଓ ଗୁରୁଜନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏତଦବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ରୂପେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଶିକ୍ଷାବିତ୍ ଗୋପୀନାଥ କର, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ମନମୋହନ ସ୍ୱାଇଁ, ଶ୍ରୀ ସାହିତ୍ୟର ସଂପାଦକ କୃଷ୍ଣ ନାୟକ, ବାନରସେନା ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିରଞ୍ଜନ ବିଶ୍ୱାଳ, ସମାଜସେବୀ ନିରଞ୍ଜନ ସାହୁ ଓ ରବୀନ୍ଦ୍ର ପ୍ରଧାନ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବହୁତ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଅତିଥିମାନେ ଗୋପ ବ୍ଲକର ଯୁଗ୍ମ ଟପର ଇପ୍ସିତା ମିଶ୍ର ଓ ଏମ୍.ଏସ୍. ସୂର୍ଯ୍ୟାଂଶ ସାସମଲଙ୍କ ସମେତ ୧୯ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର, ମେଡାଲ୍ ଓ ପାଠ୍ୟୋପକରଣ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୟାହାଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକ, ଛଇଡନା ହାଇସ୍କୁଲ ଶିକ୍ଷକ ଦେବେନ୍ଦ୍ର କୁମାର ସ୍ୱାଇଁ, ମେଧାବୀ ଛାତ୍ରୀ ଇପ୍ସିତା ମିଶ୍ର ଓ ଅନୁରୂପା ସ୍ୱାଇଁଙ୍କ ସମେତ ଅନ୍ୟମାନେ ଶୈକ୍ଷିକ ସଫଳତା ହାସଲ ସଂପର୍କରେ ନିଜ ନିଜର ଅନୁଭୂତି ବଖାଣି ଥିଲେ। କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ମାଟ୍ରିକ ମେଧା ସମ୍ମାନ ଆୟୋଜନର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ ଓ କୋଣାର୍କ ସାହିତ୍ୟ ସଂସଦର ସହସଂପାଦକ ମହେନ୍ଦ୍ର କୁମାର ଦାଶ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମାଜସେବୀ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗଙ୍ଗାଧର ରାଉତ, ସମାଜସେବୀ ନିରଞ୍ଜନ ତ୍ରିପାଠୀ, ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଓ ଯୋଗାଚାର୍ଯ୍ୟ ବାମଦେବ ଆଲୁକ ପ୍ରମୁଖ ପରିଚାଳନା କରିଥିଲେ।

## ଆଳଙ୍ଗପୁର ପଞ୍ଚାୟତରେ ମେସିନ୍‌ରେ କାମ କରି ଅର୍ଥ ହରିଲୁଟ୍ ମସୁଧା



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଅଠଟିରା ଗ୍ରାମରେ ମନରେଗାରେ ଏକ ବଡ ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳିଛି। ଆଗୁଆ ମେସିନିରେ କାମକରି ସେହି କାର୍ଯ୍ୟକୁ ମନରେଗାରେ ଅନ୍ତର୍ଭୁକ୍ତ କରି ଅର୍ଥ ହରିଲୁଟ କରିବାକୁ ଯୋଜନା କରୁଥିବା ଜଣାପଡିଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ,ମୁଖ୍ୟ ଶାସନ ସଚିବ, ଓ ପୁରୀ ଜିଲ୍ଲାପାଳଙ୍କୁ ଟୁଇଟ କରାଯାଇଥିବା ଜଣାପଡିଛି। ମିଳିଥିବା ଖବର ଅନୁଯାଇ ଚତୁର୍ଭୁଜ ବାରିକ ଘର ଠାରୁ ଟାବ ରାସ୍ତା ଓ ଧରଣୀ ମହାନ୍ତି ଘର ଠାରୁ ପୁରୁଣା ବନ୍ଧ ପର୍ଯ୍ୟନ୍ତ ରାସ୍ତା କାମକୁ ଜବକାର୍ଡ ହିତାଧିକାରୀମାନେ ନ କରି ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଗ୍ରାମ ରୋଜଗାର ସାଥିଙ୍କ ମିଳିତ ତତ୍ତ୍ୱାବଧାନରେ ମେସିନିରେ କାମ କରାଇଥିବା ଟ୍ୱିଟି ରେ ଦର୍ଶାଯାଇଛି।ଚଞ୍ଚକତା କରି ମାଷ୍ଟରଲ କାଢି ବ୍ଲକ କାର୍ଯ୍ୟାଳୟରେ ବିଲ କରିବା ପାଇଁ ଗୁପ୍ତ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ସମସ୍ତ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ବେନିୟମ ଭାବେ ଅର୍ଥ ଉଠାଇବା ପାଇଁ ସମସ୍ତ କଳବଳ ଲଗାଇ ଦେଇଥିବା ଜଣାପଡିଛି। ବ୍ଲକ ପ୍ରଶାସନ ସବୁ ଜାଣିଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ କହିଲେ ଏ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। ଲିଖିତ ଅଭିଯୋଗ ପାଇଲେ ଘଟଣାର ତଦନ୍ତ କରିବୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଜବକାର୍ଡ଼ ହିତାଧିକାରୀ ମାନେ କାମ ନ କରି ପ୍ରତିକ୍ରିୟାଶୀଳ ହୋଇ କହିଛନ୍ତି ଯେ ଏ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ। ଏହି ଘଟଣା ସମ୍ପର୍କରେ ପୁରୀ ଜିଲ୍ଲାପାଳ, ବ୍ଲକ ବିଡ଼ିଓ ନିରପେକ୍ଷ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ବାହାର କରିବା ଜବକାର୍ଡ଼ଧାରୀ ମାନେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁଠୁ ଭୟଙ୍କର ...

ରାଜ୍ୟ ସରକାର ଉଦ୍ଧାର କାର୍ଯ୍ୟ କରିବା ସହ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ଏଥିରେ ପଶ୍ଚିମବଙ୍ଗର ଡାକ୍ତରୀ ଦଳ ମଧ୍ୟ ବାଲେଶ୍ୱରରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଦୁର୍ଘଟଣା ଦିନ କ୍ଷତିପୂରଣ ଘୋଷଣା କରାଯାଇଥିଲା। ଏହା ବିଷୟରେ ତଦନ୍ତ ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି। ବାଲେଶ୍ୱରଠାରୁ ୨୨ କିମି ଦୂର ବାହାନଗା ରେଳ ଷ୍ଟେସନ୍ ପଣପଣାଠାରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଘଟିଛି ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ହାୱଡ଼ା ଯାଉଥିବା ଯଶୋବନ୍ତପୁର ସୁପରଫାଷ୍ଟ ଟ୍ରେନର ଦୁଇଟି ବଗି ଲାଇନ୍‌ଚ୍ୟୁତ ହେବାର କିଛି ସମୟ ମଧ୍ୟରେ ହାୱଡ଼ାରୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ ତା' ଉପରେ ଚଢ଼ିଯିବାରୁ ୧୭ଟି ବଗି ଓଲଟି ପଡ଼ିଛି। ସ୍ଥାନୀୟ ଲୋକେ ଦେବଦୂତ ସାଜି ଅନେକ ଲୋକଙ୍କୁ ଉଦ୍ଧାର କରିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଦୁଇଟି ଏକ୍ସପ୍ରେସ ଟ୍ରେନ ସହିତ ଏକ ମାଲଗାଡ଼ି ମଧ୍ୟ ଏହି ଦୁର୍ଘଟଣାରେ ସଂପୃକ୍ତ ରହିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ରେଳ ମନ୍ତ୍ରୀଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ, ଗୁରୁତର ଆହତଙ୍କୁ ୨ ଲକ୍ଷ ଓ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି।ପ୍ରାଣ ହରାଇଥିବା ମୃତକଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଘଟଣାସ୍ଥଳରେ ମୃତକଙ୍କ ପରିବାର ପହଞ୍ଚୁଥିବାର ପରିଲକ୍ଷିତ ହେଉଛି। ଯେଉଁମାନେ ମୃତକଙ୍କୁ ଚିହ୍ନଟ କରୁଛନ୍ତି, ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଉଛି। ସୂଚନାଥାଉ କି, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଡାଉନ୍ ଲାଇନ୍‌ରେ ବାଙ୍ଗାଲୁରୁରୁ ହାୱଡ଼ା ଯାଉଥିବା ଯଶୋବନ୍ତପୁର-ହାୱଡା ସୁପରଫାଷ୍ଟ ଟ୍ରେନ୍ (ନଂ ୧୨୮୬୪)ର ୨ଟି ବଗି ବାହାନଗା ଷ୍ଟେସନ୍ ଉତ୍ତର କ୍ୟାବିନ୍ ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏହି ସମୟରେ ଅପ୍ ଲାଇନରେ ଆସୁଥିବା ଶାଲିମାର ହାୱାଡା-ଚେନ୍ନାଇ କରମଣ୍ଡଳ ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ ନଂ ୧୨୮୪୧) ସହ ଧକ୍କା ହୋଇ ତା' ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ କରମଣ୍ଡଳ ଟ୍ରେନ୍‌ର ୫ଟି ବଗି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିବା ବେଳେ ୧୪ରୁ ଅଧିକ ବଗି ଲାଇନ୍‌ରୁ ଖସି ପାଖ ଟ୍ରାକ୍‌ରେ ଥିବା ଯଶୋବନ୍ତପୁର ଟ୍ରେନ୍ ବଗି ଉପରେ ଚଢ଼ିଯାଇଥିଲା। ମୃତାହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବା ପରେ ଘଟଣାସ୍ଥଳରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ସ୍ୱତନ୍ତ୍ର ରିଲିଫ୍ କମିସନର ସତ୍ୟବ୍ରତ ସାହୁ, ଅଗ୍ନିଶମ ବିଭାଗର ଡିଜି ଡ.ସୁଧାଂଶୁ ଷଡ଼ଙ୍ଗୀ, ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମା, ବଳୱନ୍ତ ସିଂହ, ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ, ଏସ୍ପି ସାଗରିକା ନାଥ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସିଡିଏମ୍ଓ ଦୁଲାଲସେନ୍ ଜଗଦ୍ଦେବ, ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦର, ଏସ୍ପି ବରୁଣ ଗୁଣ୍ଟୁପାଲି, ଭଦ୍ରକ ସିଡିଏମ୍ଓ ଡାକ୍ତର ସନ୍ତୋଷ ପାତ୍ରଙ୍କ ସମେତ ୫୦ରୁ ଅଧିକ ପ୍ରଶାସନିକ ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଆହତ ଯାତ୍ରୀମାନଙ୍କୁ ଆଶୁ ଚିକିତ୍ସା ଯୋଗାଇବା ଲାଗି କଟକ ଏସ୍‌ସିବି, ବାଲେଶ୍ୱର ମେଡିକାଲ କଲେଜ, ଭଦ୍ରକ ଓ ଯାଜପୁର ଡାକ୍ତରଖାନା ସମେତ ଆଖପାଖ ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଘଟଣାସ୍ଥଳରେ ଏନ୍‌ଡିଆରଏଫର ୩ଟି ଟିମ୍, ଓଡ୍ରାଫର ୪ଟି ଟିମ, ୫୦ରୁ ଅଧିକ ଅଗ୍ନିଶମ ଟିମ୍, ୧୦୦ରୁ ଅଧିକ ଆମ୍ବୁଲାନ୍ସ, ରେଳ ସୁରକ୍ଷା ବାହିନୀ ଓ ରାଜ୍ୟ ପୋଲିସର କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଆସ୍କା ଲାଇଟ୍ ଓ ଗ୍ୟାସ କଟର୍ ଯୋଗେ ବଗିଗୁଡ଼ିକୁ କଟାଯାଇ ଯାତ୍ରୀମାନଙ୍କୁ ବାହାର କରାଯାଇଥିଲା।

### ଅସୁରକ୍ଷିତ ...

ମେୟର ମୋହିନୀଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। କଟକ ଭଳି ସହରର ପ୍ରମୁଖ ରାସ୍ତା ସଂକୀର୍ଣ୍ଣ ହୋଇଥିବାବେଳେ ବର୍ଷା ଦିନ ପୂର୍ବରୁ ବିଭିନ୍ନ ସ୍ଥାନରେ ଚାଲିଥିବା ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ କରିବା ମହାନଗର ନିଗମ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ପାଲଟିଛି। ସ୍ଥାନୀୟ କର୍ପୋରେଟର, ମେୟର, ବିଧାୟକ ଓ ଅଫିସରମାନେ ନିୟମିତ ଭାବେ ସେସବୁ ମାର୍ଗରେ ଯାଉଥିଲେ ମଧ୍ୟ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ କ'ଣ ପଦକ୍ଷେପ ନିଆଯାଇଛି ତାକୁ କାହିଁକି ତଦାରଖ କରୁନଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ମୋହିନୀ ଯେଉଁ ସ୍ଥାନରେ ପ୍ରାଣ ହରାଇଥିଲେ, ସେଠାରେ ଏପର୍ଯ୍ୟନ୍ତ କୌଣସି ପ୍ରକାରର ସୁରକ୍ଷା ବ୍ୟବସ୍ଥା ହୋଇନଥିବା ଜଣାପଡ଼ିଛି। ନିର୍ମାଣ କାର୍ଯ୍ୟବେଳେ ସୁରକ୍ଷା ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେବା ସହ ନିର୍ଦ୍ଦିଷ୍ଟ ଏସପିଓ ପାଳନ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି କହି ମେୟର ନିଜର ଦାୟିତ୍ୱ ଛଡ଼ାଇବାକୁ ଉଦ୍ୟମ କରିଛନ୍ତି। ପ୍ରାୟ ଏକ ବର୍ଷ ଧରି ମେୟର ହେବା ପରେ କାହିଁକି ଏପର୍ଯ୍ୟନ୍ତ ଉନ୍ନୟନ ନାଁରେ କଟକରେ ଅସୁରକ୍ଷିତ ଅବସ୍ଥାରେ ଚାଲିଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିନାହାନ୍ତି ? ଯଦି କରିଥିଲେ ତା'ହେଲେ ୨ଟି ଜୀବନ ଅକାଳରେ ଚାଲିଗଲା କେମିତି ?

### କେବଳ ଦିନ ...

ଅତ୍ୟାଧୁନିକ ସୁବିଧା ସହିତ ଦୈନିକ ୨ହଜାର ବସ୍ ଚଳାଚଳ କରିପାରିବ। ଏବେ ୧୧ଏକର ପରିମିତ ଅଞ୍ଚଳରେ ୧୮୦କୋଟି ଟଙ୍କା ବ୍ୟୟରେ ଟର୍ମିନାଲ ନିର୍ମାଣ ହେଉଥିବାବେଳେ ଭବିଷ୍ୟତରେ ସମ୍ପ୍ରସାରଣ ପାଇଁ ବାକି ୪ଏକର ଜମି ରହିଛି। ଏଠାରୁ ଦେଶର ବିଭିନ୍ନ ସ୍ଥାନ ଯଥା-ବିଶାଖାପାଟଣା, ହାଇଦ୍ରାବାଦ, ରାୟପୁର, ରାଞ୍ଚି, କୋଲକାତା ଓ ବେଙ୍ଗାଲୁର ଭଳି ପ୍ରମୁଖ ସ୍ଥାନକୁ ବସ୍ ଚଳାଚଳ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଶ୍ନ ଉଠୁଛି, ଫାଇଭ-ଟି ଉପକ୍ରମରେ ବରମୁଣ୍ଡା ବସଷ୍ଟାଣ୍ଡ ନବକଳେବରର କାର୍ଯ୍ୟ ଚାଲିଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାରେ ଏତେ ବିଳମ୍ବ କିଭଳି ହେଉଛି। ମାତ୍ର ୧୮ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଇତିମଧ୍ୟରେ ୫ବର୍ଷ ବିତିଲାଣି। ଉଲ୍ଲେଖଯୋଗ୍ୟ, ବରମୁଣ୍ଡା ବସଷ୍ଟାଣ୍ଡର ନବକଳେବର ପାଇଁ ୨୦୧୭ ମସିହାରେ ରାଜ୍ୟ ସରକାର ଯୋଜନା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୮ ମସିହାରେ ଏହି ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିବା ସହ ୨୦୧୯ ଏପ୍ରିଲ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦେଇଥିଲେ। ତେବେ ଏହି ବସଷ୍ଟାଣ୍ଡ ନିର୍ମାଣ ପ୍ରକଳ୍ପକୁ ୨୦୧୯ ସେପ୍ଟେମ୍ବର ୨୬ତାରିଖରେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲେ। ୨୦୨୦ ଡିସେମ୍ବରରେ କାର୍ଯ୍ୟ ଆରମ୍ଭ ହେବାପରେ ୨୦୨୨ ଜୁନ୍ ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୨୨ ଡିସେମ୍ବରରେ କାମ ଶେଷ ହେବ ବୋଲି କୁହାଗଲା। ଏବେପୁଣି ଜୁଲାଇ ମାସ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଫାଇଭ-ଟି ଉପକ୍ରମରେ କୌଣସି ପ୍ରକଳ୍ପ ସାମିଲ ହେବାପରେ ବି କିଭଳି ତା'ର ସମୟସୀମା ଅବଧି ବାରମ୍ବାର ବୃଦ୍ଧି ହେଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ବରମୁଣ୍ଡା ବସଷ୍ଟାଣ୍ଡର ନବକଳେବର କାର୍ଯ୍ୟ ଚାଲିଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନଙ୍କୁ ଆନୁସଙ୍ଗିକ ସୁବିଧା ଅଭାବରୁ ବେଶ୍ ହଇରାଣ ହେବାକୁ ପଡୁଛି।

### ବଞ୍ଚିତ ହେବେ ...

ରାଜ୍ୟ ସରକାରଙ୍କ ଦ୍ୱାରା ଏହି 'ମୋ ଘର' ଯୋଜନାର ସୁବିଧା ନେବାରେ ରାଜ୍ୟର ସିଡ୍ୟୁଲ ଏରିଆରେ ରହୁଥିବା ଆଦିବାସୀମାନେ ସକ୍ଷମ ହେବେ ନାହିଁ। ଓଡ଼ିଶା ଅଧିନିୟମ ସଂଖ୍ୟା- ୨(୧୯୫୬)ର ପ୍ରାବଧାନ-୩ ଅନୁସାରେ ସିଡ୍ୟୁଲ ଏରିଆରେ ରହୁଥିବା ଆଦିବାସୀମାନେ ନିଜର ଜମିକୁ କୃଷି ଋଣ ବ୍ୟତୀତ ଅନ୍ୟ କୌଣସି ଋଣ ପାଇଁ ବ୍ୟାଙ୍କରେ ବନ୍ଧକ ରଖିପାରିବେ ନାହିଁ। ଅର୍ଥାତ୍ ନିଜ ଘର ନିର୍ମାଣ ପାଇଁ ଆଦିବାସୀ ପରିବାର ଚାହିଁଲେ 'ମୋ ଘର' ଯୋଜନାର ଲାଭ ନେଇପାରିବ ନାହିଁ। ରାଜ୍ୟର ସିଡ୍ୟୁଲ ଏରିଆ ଭାବେ ୧୨ଟି ଜିଲ୍ଲା ଯଥା ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କୋରାପୁଟର ସମ୍ପୂର୍ଣ୍ଣ ଅଞ୍ଚଳ ସମେତ ରାୟଗଡ଼ା, କଳାହାଣ୍ଡି କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, କନ୍ଧମାଳ, ବୌଦ୍ଧ, ଗଞ୍ଜାମ ଓ ବାଲେଶ୍ୱରର କେତେକ ଅଞ୍ଚଳ ଏବେ ସିଡ୍ୟୁଲ ଏରିଆ ଭାବେ ପରିଗଣିତ ହେଉଛି। ଏସବୁ ଅଞ୍ଚଳରେ ରାଜ୍ୟର ପ୍ରାୟ ୨୨% ଆଦିବାସୀ ରହୁଥିବାବେଳେ ବାକି ଜିଲ୍ଲାଗୁଡ଼ିକରେ ପ୍ରାୟ (୦.୮୪%) ଆଦିବାସୀ ରହୁଛନ୍ତି। ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ପ୍ରାୟ ୯୫ଲକ୍ଷରୁ ଏକ କୋଟି ମଧ୍ୟରେ ହେବ। ରାଜ୍ୟର ବହୁ ଆଦିବାସୀବହୁଳ ଜିଲ୍ଲାରେ ଏବେବି ଆଦିବାସୀମାନେ ଝାଟିମାଟି ଘରେ ରହିବାକୁ ବାଧ୍ୟ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୬ଲକ୍ଷରୁ ଅଧିକ ଘର ଆବଣ୍ଟନ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଘର ଯୋଜନାରେ ଏପର୍ଯ୍ୟନ୍ତ ପ୍ରାୟ ୨.୦୫ଲକ୍ଷ ଘର ଆବଣ୍ଟିତ ହୋଇ ସାରିଛି। ସେହିପରି ବିଜୁ ପକ୍କାଘର (ମାଇନିଂ) ଓ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ମଧ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଏସବୁ ମାଧ୍ୟମରେ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପ୍ରାୟ ୩୧.୪୩ଲକ୍ଷ ଘର ନିର୍ମାଣ କରିସାରିଛନ୍ତି। ଏବେ ଆଉ ୯.୫୯ଲକ୍ଷ ଘରର କାର୍ଯ୍ୟାଦେଶ ଗରିବ ହିତାଧିକାରୀଙ୍କୁ ଦିଆଯିବ। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟ ସରକାର ନିଜସ୍ୱ ବିଜୁ ପକ୍କାଘର ଯୋଜନା ସହ ଅନ୍ୟାନ୍ୟ ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଏସବୁ ଯୋଜନାର ସର୍ତ୍ତାବଳୀକୁ କୋହଳ କରି କାହିଁକି ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ସେଥିରେ ସାମିଲ କଲେନି। ଓଲଟା ଗରିବ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦିଦେବାକୁ ବ୍ୟାଙ୍କ ପାଖରେ ସେମାନଙ୍କର ଜମି ପଟ୍ଟାକୁ ବନ୍ଧକ ରଖିବାର ସୁଯୋଗ ସୃଷ୍ଟି କରିଛନ୍ତି। ତା'ଛଡ଼ା କେତେ ଲୋକ ଏହି ଆର୍ଥିକ ଦୁର୍ବଳ ବର୍ଗରେ ରହିଛନ୍ତି ତାକୁ ସରକାର ଚିହ୍ନଟ କଲେ କେମିତି ? କାହିଁକି ସରକାର ଏସବୁ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ସିଧାସଳଖ ନିଜସ୍ୱ ଯୋଜନାରେ ଛାତଘର ନଦେଇ ପରୋକ୍ଷରେ ସେମାନଙ୍କର ଭବିଷ୍ୟତକୁ ବ୍ୟାଙ୍କ ହାତରେ ଛାଡ଼ିଲେ ? ବିଜେଡି ସରକାର ୨୩ବର୍ଷର ଶାସନ ପରେ ବି ଯଦି ଜଣେ ଗରିବ ଲୋକ ଛାତଘରରୁ ବଞ୍ଚିତ ରହିଛି ତା'ହେଲେ ପ୍ରାୟଶ୍ଚିତ ପାଇଁ କାହିଁକି ନିଜେ ବ୍ୟାଙ୍କ ପାଖରେ ଗ୍ୟାରେଣ୍ଟର ରହିଲେ ନାହିଁ ? ସରକାର ଏସବୁ ହିତାଧିକାରୀ ନିଜେ ଚିହ୍ନଟ କଲାପରେ ବି ଜଣେ ହିତାଧିକାରୀ ଯଦି ବ୍ୟାଙ୍କର ସର୍ତ୍ତାବଳୀ ପୂରଣ କରୁନଥିବ ତା'ହେଲେ ଏହି ଯୋଜନାରେ ଘର ପାଇବାର ସମ୍ଭାବନା କ୍ଷୀଣ।

### 'ମହିଳା ସଶକ୍ତିକରଣର ...

କିରିବାକୁ ବ୍ୟାଙ୍କ ମାନଙ୍କୁ ଅନୁରୋଧ କରିଛନ୍ତି। ଏସ୍‌ଏଲ୍‌ବିସିର ୧୭୧ତମ ବୈଠକ ଅବସରରେ ବ୍ୟାଙ୍କ ଗୁଡ଼ିକୁ ଏଭଳି ଅନୁରୋଧ କରିଛନ୍ତି ମିଶନ ଶକ୍ତି ସଚିବ। ସଚିବ କହିଛନ୍ତି, ସ୍କୁଟର ଋଣ ବେଳେ ବ୍ୟାଙ୍କଗୁଡ଼ିକ ମାର୍ଜିନ ମନି ବା ଡାଉନପେମେଣ୍ଟ ଅର୍ଥ ଗ୍ରାହକଙ୍କୁ ଦେବାକୁ କହୁଛନ୍ତି। ଏହାଦ୍ୱାରା ବହୁ ଏସ୍‌ଏଚ୍‌ଜି ମହିଳା ସ୍କୁଟର ନେବା ଲାଗି ଅସମର୍ଥ ହେଉଛନ୍ତି। ତେଣୁ ଏହି ମାର୍ଜିନ ମନି ଛାଡ଼ କରିବାକୁ ସେ ବ୍ୟାଙ୍କ ଗୁଡ଼ିକୁ ଅନୁରୋଧ କରିଛନ୍ତି। ଏହାଛଡ଼ା ପଞ୍ଚାୟତ ସ୍ତରରେ ଥିବା ଏସ୍‌ଏଚ୍‌ଜି ଫେଡରେସନ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ କ୍ଷେତ୍ରରେ କ୍ୟାଶ ହ୍ୟାଣ୍ଡଲିଂ ଚାର୍ଜ ଛାଡ଼ ଲାଗି ମଧ୍ୟ ସେ ବ୍ୟାଙ୍କ ଗୁଡ଼ିକୁ ଅନୁରୋଧ କରିଛନ୍ତି। ବ୍ୟାଙ୍କ୍ ଋଣ ଏବଂ ସୁଧ ଫେରସ୍ତ ସମ୍ପର୍କିତ ବ୍ଲକ୍ ପ୍ରଶିକ୍ଷକଙ୍କ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ବର୍ତ୍ତମାନ ସୁଦ୍ଧା ୨ଟି ପର୍ଯ୍ୟାୟରେ ୨୦ ଟି ଜିଲ୍ଲାର ପ୍ରାୟ ୭୦୦ ରୁ ଊର୍ଦ୍ଧ୍ୱ ବ୍ଲକ ଓ ଜିଲ୍ଲା ମହାସଙ୍ଘର ସଦସ୍ୟା ତଥା ମିଶନ ଶକ୍ତି ବିଭାଗର କ୍ଷେତ୍ର କର୍ମଚାରୀମାନେ ଯୋଗଦାନ କରିଥିଲେ। ବ୍ୟାଙ୍କ ଋଣ ବ୍ୟବସ୍ଥାକୁ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଖେ ପହଞ୍ଚାଇବା, ନିୟମିତ ଋଣ ପରିଶୋଧ କରି ସୁଧ ରିହାତି ପାଇବା ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ବ୍ଲକ ଓ ଜିଲ୍ଲା ମହାସଙ୍ଘର ଲିଡରମାନଙ୍କୁ ଏହି ପ୍ରଶିକ୍ଷଣ ମାଧ୍ୟମରେ, ଏ ସମ୍ପର୍କିତ ତାଲିମ ଦିଆଯାଇଛି, ଯେଉଁମାନେ କି ବ୍ଲକ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ମହାସଂଘର ସଦସ୍ୟାମାନଙ୍କୁ ସଚେତନ କରାଇବେ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସୁଧ ଫେରସ୍ତ ବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଏହି ବ୍ଲକ ଓ ଜିଲ୍ଲା ମହାସଙ୍ଘର ଲିଡରମାନେ ସମସ୍ତ ଏସଏଚଜି ସଦସ୍ୟାମାନଙ୍କୁ ସଚେତନ କରାଇବେ। ମିଶନ ଶକ୍ତି ବିଭାଗର ଏହି ପ୍ରୟାସ ମାଧ୍ୟମରେ ରାଜ୍ୟର ୧୦୧୪ ଜଣ ବ୍ଲକ ଓ ଜିଲ୍ଲା ମହାସଙ୍ଘର ଲିଡରମାନେ ବିଭିନ୍ନ ତାଲିମ ଓ ସଚେତନ କାର୍ଯ୍ୟକ୍ରମ ନିମନ୍ତେ ବିଶେଷଜ୍ଞ ଗୋଷ୍ଠୀ (ରିସୋର୍ସ ଗୋଷ୍ଠୀ) ଭାବେ କାର୍ଯ୍ୟ କରିବେ। ରାଜ୍ୟରେ ବିଗତ ୮ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ରାଶିର ପରିମାଣ ୧୯ ଗୁଣ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ବ୍ୟାଙ୍କ ଋଣ ରାଶି ବୃଦ୍ଧିପାଇ ୧୧୦୦୦ କୋଟି ଟଙ୍କାରେ ପହଞ୍ଚିପାରିଛି। ଏ ବର୍ଷ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ଏସଏଚଜିମାନଙ୍କୁ ୧୫,୦୦୦ କୋଟି ଟଙ୍କାର ଋଣ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତୃଣମୂଳ ସ୍ତରରେ ଏ ସମସ୍ତ ବିଷୟରେ ପ୍ରଶିକ୍ଷଣ ଓ ସଚେତନ କରାଇବାରେ ବ୍ଲକ ଓ ଜିଲ୍ଲାସ୍ତରୀୟ ଏହି ବିଶେଷଜ୍ଞ ଗୋଷ୍ଠୀ ଯଥେଷ୍ଟ ସହାୟକ ହେବେ ବୋଲି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

### ବିନାଶ ପଥେ ...

ଏହି ପରିବର୍ତ୍ତନ ଆଞ୍ଚଳିକ ସାମାଜିକ ଅର୍ଥନୀତି ଉପରେ ପ୍ରଭାବ ପକାଇପାରେ। ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ରହିଥିବା ଅଧିକାଂଶ ବ୍ୟବସ୍ଥା ଏବେ ବିପଦ ଜୋନ ମଧ୍ୟରେ ରହିଛନ୍ତି। ଯେଉଁ ଭଳି ଜଣେ ବ୍ୟକ୍ତିଙ୍କର ବାର୍ଷିକ ମେଡିକାଲ ଚେକଅପ କରାଯାଏ ସେଭଳି ଚେକଅପ ଯଦି ପୃଥିବୀର କରାଯିବ, ତା'ହେଲେ ଡାକ୍ତରମାନେ ନିଶ୍ଚିତ କହିବେ ଯେ ପୃଥିବୀ ଏବେ ରୁଗଣ ଅବସ୍ଥାରେ ରହିଛି। ପୃଥିବୀର ବିଭିନ୍ନ ପ୍ରାନ୍ତରେ ଏହି ରୋଗ ସବୁ ଦେଖାଦେଇଛି ବୋଲି ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ବିଜ୍ଞାନ ସ୍ପଷ୍ଟ ଭାବେ ଦେଖାଉଛି ଯେ ପୃଥିବୀରେ ଥିବା ସମସ୍ତ ପ୍ରକାରର ଅନ୍ୟ ବାୟୋଫିଜିକାଲ ବ୍ୟବସ୍ଥା ଓ ପ୍ରକ୍ରିୟା ଆମକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। ପୃଥିବୀରେ ଥିବା ଜୀବସତ୍ତାକୁ ଆମକୁ ନିଶ୍ଚିତ କରିବାକୁ ହେବ। ପୃଥିବୀ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ସୀମାକୁ ଅତିକ୍ରମ କରି ସାରିଲାଣି। ସ୍ୱାଭାବିକ ଠାରୁ ତାପାମାତ୍ରା ୧.୫ ଡିଗ୍ରୀ ଅଧିକ ହୋଇସାରିଲେଣି। ଜଳବାୟୁ ପରିବର୍ତ୍ତନ ଯୋଗୁ କୋଟି କୋଟି ଲୋକ ପ୍ରଭାବିତ ମଧ୍ୟ ହୋଇଛନ୍ତି। କୋଇଲା, ତେଲ ଓ ଅନ୍ୟ ପ୍ରାକୃତିକ ଗ୍ୟାସର ବ୍ୟବହାରରେ ପରିବର୍ତ୍ତନ ସହ ଜମି ଓ ପାଣିର ବ୍ୟବହାରକୁ ଠିକ ଭାବେ କରିପାରିଲେ ପୃଥିବୀ ପୁଣି ସୁସ୍ଥ ହୋଇପାରିବ। କିନ୍ତୁ ଆମେ ଏବେ ଭୁଲ ଦିଗରେ ଯାଉଛେ। ଆମେ କେମିତି ଏହାକୁ ବଦଳାଇବା, ସେ ବିଷୟରେ ମଧ୍ୟ ଚିନ୍ତା କରିବାକୁ ହେବ ବୋଲି ଗବେଷକମାନେ କହିଛନ୍ତି।

## ଶିମିଳିପାଳ ଜାତୀୟ ଉଦ୍ୟାନର ସୁରକ୍ଷାକୁ ନେଇ ଭଞ୍ଜ ସେନାର ପଦଯାତ୍ରା

**ବାରିପଦା,(ବିଜୁ ସିଂ) :** ଅଖଣ୍ଡ ମୟୁରଭଞ୍ଜର ମୁକୁଟ ଶିମିଳିପାଳ ସୁରକ୍ଷା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ସାଧାରଣଜନତାଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନା ପକ୍ଷରୁ ଠାକୁରମୁଣ୍ଡା ବ୍ଲକ ସ୍ଥିତ ବଜାରରେ ଥିବା ପ୍ରଭୁ ହନୁମାନଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରୀ ଦଳଙ୍କୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା। ଠାକୁରମୁଣ୍ଡା ରୁ ପଦଯାତ୍ରୀ ଦଳ କରଞ୍ଜିଆ ଅଭିମୁଖେ ଆଗମନ କରିଥିଲେ ଏବଂ ୩ଶହରୁ ଉର୍ଦ୍ଧ୍ୱ କିଲୋମିଟର ପଦଯାତ୍ରା ଅତିକ୍ରମ କରି କପ୍ତିପଦା ବ୍ଲକ ରେ ସମାପ୍ତ ହେବ। ଭଞ୍ଜସେନା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ନେତୃତ୍ୱରେ ଉପାଧକ୍ଷ ତଥା ଚିତ୍ରଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମ, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ବିଘ୍ନେଶ୍ୱର ବାସ୍କେ, ରାମଚନ୍ଦ୍ର ମାରାଣ୍ଡି, ମୋହନ



ଲାଲ ହେମ୍ବ୍ରମ, ସାଇବା ଟୁଡୁ, ମିଶ୍ର ମହାନ୍ତ, ସାରଜନ ହେମ୍ବ୍ରମ, ସୁଜିତ ସାହୁ,ପ୍ରମୁଖ ପଦଯାତ୍ରା ରେ ସାମିଲ ଥିଲେ। ଏହି ପଦଯାତ୍ରା ଆରମ୍ଭ ବେଳେ ଜିଲ୍ଲା କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଜିଲ୍ଲା ଉପସଭାପତି ସନ୍ତୋଷ ଗିରି, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଂମ୍ପୂର୍ଣ୍ଣ ହେମ୍ବ୍ରମ, ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ଶିବଶଙ୍କର ମାନା ପ୍ରମୁଖ ଉପସ୍ଥିତ ଥିଲେ।

**ସାମ୍ନାକୁ ଆସିଲା ଆକାଉଣ୍ଟସ ଯାଞ୍ଚ କମିଟି ରିପୋର୍ଟ**

## ନକଲି ରସିଦ୍ ବ୍ୟବହାର କରି ୨୩ ଲକ୍ଷ ଲୁଟିଛନ୍ତି ମହିଳା କିରାଣୀ

**କୋଣାର୍କ :** କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂର୍ବତନ ମହିଳା କିରାଣୀ ଶିଳାକୀର୍ତ୍ତି ପାତ୍ରଙ୍କ ଅର୍ଥ ହରିଲୁଟ ସଂପର୍କିତ ପ୍ରଥମ ପର୍ଯ୍ୟାୟ ରିପୋର୍ଟ ଲୋକଲୋଚନକୁ ଆସିଛି। ଶିଳାକୀର୍ତ୍ତି ୨୦୧୭ମସିହାରୁ ୨୦୨୨ମସିହା ଡିସେମ୍ବର ମାସ ମଧ୍ୟରେ ନକଲି ରସିଦ୍ ବ୍ୟବହାର କରି ୨୨ଲକ୍ଷ ୮୭ହଜାର ୩୭୫ଟଙ୍କା ହଡ଼ପ କରିଥିବା ଆକାଉଣ୍ଟସ ଯାଞ୍ଚ କମିଟି କୋଣାର୍କ କଲେଜ୍ ଅଧ୍ୟକ୍ଷଙ୍କୁ ଗତ ୨୮ତାରିଖରେ ରିପୋର୍ଟ ପ୍ରଦାନ କରିଛି। କୋଣାର୍କ କଲେଜ୍ ଅଧ୍ୟକ୍ଷ ଅବତାର ମିଶ୍ର ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଗତ ୨୯ ତାରିଖରେ ପତ୍ର ଲେଖି ଶିଳାକୀର୍ତ୍ତିଙ୍କ ଏହି କାରନାମା ସଂପର୍କରେ ଅବଗତ କରିବା ସହିତ ଶିଳାକୀର୍ତ୍ତିଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଛନ୍ତି। ତେବେ ଏତେ ସବୁ ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେବି କୋଣାର୍କ କଲେଜ୍ ଅଧ୍ୟକ୍ଷ ମିଶ୍ର ଶିଳାକୀର୍ତ୍ତିଙ୍କ ବିରୁଦ୍ଧରେ କୋଣାର୍କ ଥାନାରେ



ଏଫ୍‌ଆଇଆର୍ ନଦେବା କୋଣାର୍କବାସୀଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜ୍ ଅଧ୍ୟକ୍ଷ ମିଶ୍ର କାହା ଚାପରେ ପୋଲିସରେ ଅଭିଯୋଗପତ୍ର ଦାଖଲ କରୁନାହାନ୍ତି, ଏନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ଦୁଇଦିନ ମଧ୍ୟରେ ଶିଳାକୀର୍ତ୍ତିଙ୍କ ବିରୁଦ୍ଧରେ କୋଣାର୍କ ଥାନାରେ ଏଫ୍‌ଆଇଆର୍ ଦିଆ ନଗଲେ କଲେଜରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇବାକୁ ପୁରାତନ ଛାତ୍ର ସଂଘ ସଭାପତି ହୃଦାନନ୍ଦ ସେଠୀ, ଭାଗିରଥୀ ସ୍ୱାଇଁ, ପୁରାତନ ଛାତ୍ର ତଥା ମାନବାଧିକାର କର୍ମୀ ଏନ୍.ଏ.ଶାହା ଅନସାରୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି।

## ରାଷ୍ଟ୍ର ନିର୍ମାଣରେ ସୁସଂସ୍କାରିତ ପରିବାରର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ



**ଭଦ୍ରକ :** ହିନ୍ଦୁ ଜାଗରଣ ମଞ୍ଚ, ଭଦ୍ରକ ପକ୍ଷରୁ ବାର୍ଷିକ ପରିବାର ମିଳନ କାର୍ଯ୍ୟକ୍ରମ ବାଇପାସସ୍ଥିତ ଗୁଜୁରାଟୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିବାର ମିଳନ ସମାରୋହରେ ଶତାଧିକ ମାତୃଶକ୍ତିଙ୍କ ଯୋଗଦାନ ସହିତ ମଞ୍ଚର ପ୍ରାୟ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ବୌଦ୍ଧିକ ସଭାରେ ଜିଲ୍ଲା ଶାରୀରିକ ପ୍ରମୁଖ ବସନ୍ତ ଭାଇ, ହିନ୍ଦୁ ଜାଗରଣ ମଞ୍ଚ ପ୍ରାନ୍ତ ସମ୍ପର୍କ ପ୍ରମୁଖ ପ୍ରେମାନନ୍ଦ ଭାଇ, ଜିଲ୍ଲା ସହ ସଂଯୋଜକ ଲକ୍ଷ୍ମଣ ଭାଇ, ବୀରଙ୍ଗନା ବାହିନୀ ପ୍ରମୁଖ ରାଜେଶ୍ୱରୀ ଅପା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ର ନିର୍ମାଣରେ ମାତୃଶକ୍ତି ତଥା ଏକ ସୁସଂସ୍କାରିତ ପରିବାରର ଦାୟିତ୍ୱ କେତେ ଯେ ଗୁରୁତ୍ୱପୂର୍ଣ୍ଣ ମଞ୍ଚାସୀନ ସମସ୍ତ ବକ୍ତାଗଣ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନେକ ଶିଶୁ ସନାତନ ଧର୍ମର ବିଭିନ୍ନ ମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ମାଆମାନଙ୍କ ଦ୍ୱାରା ଭଜନ ଓ ଶ୍ଳୋକ ଆବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଯୋଗଦାନ କରିବା ସହିତ ଉତ୍ସାହିତ କରିଥିଲେ।

# ଅପପୂଷ୍ଟି ଏବଂ ଓଡିଶା; କାରଣ ଏବଂ ନିରାକରଣ



## ମାନସ କୁମାର ରାଉତ

ସମ୍ବିଧାନର ଧାରା ୧୨ରୁ ୩୫ ମୌଳିକ ଅଧିକାର ବିଷୟରେ କୁହାଯାଇଛି। ଯେଉଁଥିରେ ଖାଦ୍ୟ ବସ୍ତ୍ର ଏବଂ ବାସଗୃହ ଭଳି ମୌଳିକ ସୁବିଧା ବିଷୟରେ ଉଲ୍ଲେଖ କରାଯାଇଛି। ଅନ୍ୟ ପଟରେ ଖାଦ୍ୟ ସୁରକ୍ଷା ଆଇନ୍ କହୁଛି ଖାଦ୍ୟ ଅଭାବରୁ କାହାରିକୁ ମୃତ୍ୟୁବରଣ କରିବାକୁ ପଡିବନି। କିନ୍ତୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଏବଂ ଅପପୃଷ୍ଟି ରୋକିବା ମଧ୍ୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ଏକ ପ୍ରମୁଖ ଦାୟିତ୍ୱ। ଯେପରି ମୌଳିକ ସୁବିଧା ଖଦ୍ୟକୁ ଅର୍ନ୍ତଭୁକ୍ତ କରାଯାଇଛି। ଉପଯୁକ୍ତ ପୁଷ୍ଟିକର ଖାଦ୍ୟ, ସଠିକ ଯତ୍ନ, ଗର୍ଭବସ୍ଥାରେ ଉଚିତ ଯତ୍ନ ନମିଳିବା ଫଳରେ ଶିଶୁ ମାନେ ଅପପୃଷ୍ଟିର ଶିକାର ହେବାର ପ୍ରମୁଖ କାରଣ। ଯଦିଓ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଭାରତୀୟ ସମସ୍ତ ନାଗରିକଙ୍କ ପାଇଁ ଖାଦ୍ୟକୁ ସନିଶ୍ଚିତ କରାଯାଇଛି କିନ୍ତୁ ଅପପୁଷ୍ଟି ରୋକିବା ପାଇଁ ପୃଷ୍ଟିକର ଖାଦ୍ୟକୁ ସୁନିଶ୍ଚିତ କରାଯାଇନି। ଖାଲି ମୁଣ୍ଡପିଛା ୫କେଜି ଚାଉଳ ପ୍ରଦାନ କରିଦେଲେ ତାହା ପ୍ରର୍ଯ୍ୟପ୍ତ ନୁହେଁ ଅପପୁଷ୍ଟି ଦୂର କରିବା ପାଇଁ। ଏହି ଅପପୁଷ୍ଟି ଦେଶ ତଥା ରାଜ୍ୟକୁ ଦୂର କରିବାକୁ ହେଲେ ଏହାର ପ୍ରମୁଖ କାରଣ ଗୁଡିକକୁ ପ୍ରଥମେ ଜାଣିବାକୁ ପଡିବ। ଏହି କାରଣ ଜାଣିବା ପରେ ଏବଂ ବିଶେଷତଃ ଯୋଜନା ଏବଂ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିପାରିଲେ ଅପପୁଷ୍ଟି ଦୂର ହୋଇପାରିବ। ୨୦୧୭ର ହୋଇଥିବା ସର୍ଭେର ଏକ ଆକଳନରୁ ଜଣାଯାଏ ଯେ ଭାରତରେ ୫ବର୍ଷ ମଧ୍ୟରେ ଉପଯୁକ୍ତ ବୟସ ପାଇଁ ଉଚ୍ଚତା ପାଇଁ ଅପପୃଷ୍ଟି ୩୮.୪ଶତକଡା ଥିବା ବେଳେ, ୫ବର୍ଷ ମଧ୍ୟରେ ଉପଯୁକ୍ତ ଉଚ୍ଚତା ପାଇଁ ଓଜନ ୨୧ଶତକଡା ରହିଛି। ସେହିଭଳି ମହିଳା ମାନଙ୍କ କ୍ଷେତ୍ରରେ ରକ୍ତହୀନତା ପାଇଁ ଅପପୃଷ୍ଟିର ହାର ୫୩ ଶତକଡା ଏବଂ ପୃଥଳ ପାଇଁ ଅପପୃଷ୍ଟି ୨୦.୭ ଶତକଡା (ଯାହାକି ୨୫କେଜି ଭିତରେ) ଅପପୁଷ୍ଟି ହାର ରହିଛି। ଏହି ହାର ମଧ୍ୟରେ ଜାତି ସମ୍ପ୍ରଦାୟର ହାର ୮.୬ଶତକଡା ରହିଥିବା ବେଳେ ଜନଜାତି ସମ୍ପ୍ରଦାୟରର ୧୬.୬ ଶତକଡା ରହିଛି। ଭାରତର ଏହି ହାରକୁ ଆକଳନ କଲେ ଏହି ଅପପୁଷ୍ଟିର ହାର ବିଶେଷ ଭାବେ ଜନଜାତି କ୍ଷେତ୍ରରେ ଅଧିକ ରହିଥିବା ବେଳେ ଜାତି କ୍ଷେତ୍ରରେ ଦ୍ୱିତୀୟରେ ରହିଛି। ସେହିଭଳି ଓଡିଶାର ଏହି ଆକଳନକୁ ଅନୁଧ୍ୟାନ କଲେ ୫ବର୍ଷ ମଧ୍ୟରେ ଉପଯୁକ୍ତ ବୟସ ପାଇଁ ଉଚ୍ଚତା ପାଇଁ ଅପପୃଷ୍ଟି ୩୪.୧ ଶତକଡା ଥିବା ବେଳେ, ୫ବର୍ଷ ମଧ୍ୟରେ ଉପଯୁକ୍ତ ଉଚ୍ଚତା ପାଇଁ ଓଜନ ୨୦.୪ ଶତକଡା ରହିଛି। ସେହିଭଳି ମହିଳା ମାନଙ୍କ କ୍ଷେତ୍ରରେ ରକ୍ତହୀନତା ପାଇଁ ଅପପୃଷ୍ଟିର ହାର ୫୧ ଶତକଡା ଏବଂ ପୃଥଳ ପାଇଁ ଅପପୃଷ୍ଟି ୧୬.୫ ଶତକଡା (୨୫କେଜି ଭିତରେ) ଅପପୁଷ୍ଟି ହାର ରହିଛି। ଏହି ଅପପୁଷ୍ଟି ହାର ଜାତି ସମ୍ପ୍ରଦାୟର ହାର ୨୨.୮୦ ଶତକଡା ରହିଥିବା ବେଳେ ଜନଜାତି ସମ୍ପ୍ରଦାୟ ଭିତରେ ୧୭.୧୦ ଶତକଡା ରହିଛି। ଆମ ରାଜ୍ୟରେ ପ୍ରତ୍ୟକ ଜିଲ୍ଲାର ଅପପୁଷ୍ଟି ହାରକୁ ଯଦି ଆକଳନ କରିବା ତେବେ ସେଥିରେ ସବୁଠାରୁ ଆଗରେ ରହିଛି ଶିଶୁ ମାନଙ୍କ ଉଚ୍ଚତା କ୍ଷେତ୍ରରେ ସୁବର୍ଣ୍ଣପୁର ଏବଂ କମ ରହିଛି କଟକ ଜିଲ୍ଲା ରହିଛି। ସେହିସଭଳି ରକ୍ତହୀନତା କ୍ଷେତ୍ରରେ ସମ୍ୱଲପୁର ଏବଂ ସୁନ୍ଦରଗଡ ଜିଲ୍ଲା ସର୍ବାଗେ ରହିଛି। ସମସ୍ତ ଜିଲ୍ଲାର ତଥ୍ୟକୁ ଆକଳନ କଲେ ଅନୁଗୁଳରେ ଉଚ୍ଚତା କ୍ଷେତ୍ରରେ ଅପପୁଷ୍ଟି ହାର ୩୧.୮୦ ଶତକଡା ରହିଥିବା ବେଳେ ଓଜନ କ୍ଷେତ୍ରରେ ୨୧.୬୦ ଶତକଡା, ରକ୍ତହୀନତା ପାଇଁ ୪୪ ଶତକଡା, ଏବଂ ପୃଥଳ ପାଇଁ ୧୭.୬୦ ଶତକଡା ରହିଛି। ସେହିପରି ଏହି ଜିଲ୍ଲାରେ ଜନଜାତି ସମ୍ପ୍ରଦାୟ ମଧ୍ୟରେ ୧୪.୧୦ ଶତକଡା, ଏବଂ ଜାତି ସମ୍ପ୍ରଦାୟ କ୍ଷେତ୍ରରେ ୧୮.୮୦ ଶତକଡା ଲୋକ ରହିଛନ୍ତି। ବଲାଙ୍ଗିର ଜିଲ୍ଲାକୁ ଅନୁଧ୍ୟାନ କଲେ ଉଚ୍ଚତା କମ୍ କ୍ଷେତ୍ରରେ ୪୪.୪୦ଶତକଡା, ଓଜନ କ୍ଷେତ୍ରରେ ୨୬.୧୦ଶତକଡା, ରକ୍ତହୀନତା ପାଇଁ ୬୧.୧୦ଶତକଡା, ପୃଥଳ ପାଇଁ ୧୦.୯୦ ଶତକଡା ରହିଛି। ଏହି ଜିଲ୍ଲାରେ ସମାଲୋଚ୍ୟ ମଧ୍ୟରେ ଜନଜାତି ହାର ୨୧.୧୦ ଶତକଡା, ଜାତି ପାଇଁ ୧୭.୯୦ ଶତକଡା ଲୋକ ରହିଛନ୍ତି। ବାଲେଶ୍ୱର ଜିଲ୍ଲାରେ ଅପପୁଷ୍ଟି ହାର ଉଚ୍ଚତା କ୍ଷେତ୍ରରେ ୩୩.୨୦ ଶତକଡା, ଓଜନ କ୍ଷେତ୍ରରେ ୧୮ ଶତକଡା, ରକ୍ତହୀନତା ପାଇଁ ୪୧.୧୦ ଶତକଡା, ପୃଥୁଳ ପାଇଁ ୧୫.୮୦ ଶତକଡା ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୧୧.୯୦ ଏବଂ ଜାତି ମଧ୍ୟରେ ୨୦.୬୦ଶତକଡା ଲୋକ ରହିଛନ୍ତି। ବରଗଡ ଜିଲ୍ଲାରେ ଉଚ୍ଚତା ପାର୍ଇ ଅପପୁଷ୍ଟି ୩୯.୧୦ ଶତକଡା, ଓଜନ ପାଇଁ ୨୪.୨୦ ଶତକଡା, ରକ୍ତହୀନତା ପାଇଁ ୬୮.୫୦ ଶତକଡା, ପୃଥୁଳ ପାଇଁ ୧୪.୫୦ ଶତକଡା ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୧୯ ଶତକଡା, ଏବଂ ଜାତି ସମ୍ପ୍ରଦାୟ କ୍ଷେତ୍ରରେ ୨୦.୨୦ ଶତକଡା ଲୋକ ରହିଛନ୍ତି। ବୌଦ୍ଧ ଜିଲ୍ଲା ଉଚ୍ଚତା କମ ପାଇଁ ୪୨.୨୦ ଶତକଡା, ଓଜନ କମ ପାଇଁ ୨୨.୫୦ ଶତକଡା, ରକ୍ତହୀନତା ପାଇଁ ୪୯.୯୦ ଶତକଡା, ପୃଥୁଳ ପାଇଁ ୮.୭୦ ଶତକଡା ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୧୨.୫୦ ଶତକଡା ଏବଂ ଜାତି କ୍ଷେତ୍ରରେ ୨୩.୮୦ ଶତକଡା ଲୋକ ରହିଛନ୍ତି। ଭଦ୍ରକ ଜିଲ୍ଲାରେ ଉଚ୍ଚତା କମ କ୍ଷେତ୍ରରେ ୩୪.୯୦ ଶତକଡା, ଓଜନ କମ କ୍ଷେତ୍ରରେ ୧୫.୩୦ ଶତକଡା, ରକ୍ତହୀନତା ପାଇଁ ୪୩.୫୦ ଏବଂ ପୃଥୁଳ ପାଇଁ ୧୩.୯୦ ଶତକଡା ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୨ ଶତକଡା ଏବଂ ଜାତି ମଧ୍ୟରେ ୨୨.୨୦ ଶତକଡା ରହିଛନ୍ତି। କଟକ ଜିଲ୍ଲାରେ ଉଚ୍ଚତା କର୍ମ କ୍ଷେତ୍ରରେ ୧୫.୩୦ ଶତକଡା, ଓଜନ କମ କ୍ଷେତ୍ରରେ ୯.୧୦ ଶତକଡା, ରକ୍ତହୀନତା ପାଇଁ ୩୭.୮୦ ଶତକଡା, ପୃଥୁଳ ପାଇଁ ୨୮.୫୦ ଶତକଡା ଏବଂ ସ୍ୱଚ୍ଛତା କ୍ଷେତ୍ରରେ ୩.୬୦ ଅପପୁଷ୍ଟି ରହିଛି। ସେହିପରି ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୩.୬୦ ଏବଂ ଜାତି ମଧ୍ୟରେ ୧୯ ଶତକଡା ଲୋକ ଅଛନ୍ତି। ଦେବଗଡ ଜିଲ୍ଲାର ସ୍ଥିତିକୁ ଆକଳନ କଲେ ଉଚ୍ଚତା କମ ପାଇଁ ୩୩.୪୦ ଶତକଡା, ଓଜନ ପାଇଁ ୧୯.୯୦, ରକ୍ତହୀନତା ପାଇଁ ୪୨.୬୦ ଶତକଡା, ପୃତୁଳ ପାଇଁ ୧୦.୮୦ ଶତକଡା ଅପପୃଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୩୫.୩୦ ଶତକଡା ଏବଂ ଜାତି କ୍ଷେତ୍ରରେ ୧୬.୭୦ ଶତକଡା ଲୋକମାନଙ୍କୁ ପାଖକୁ ସଚେତନତା ବାର୍ତ୍ତା ବି ପହଞ୍ଚି ପାରିନି।



ଢେଙ୍କାନାଳ ଜିଲ୍ଲରେ ଉଚ୍ଚତା ପାଇଁ ୨୬.୧୦ ଶତକଡା, ଓଜନ ପାଇଁ ୧୯ ଶତକଡା, ରକ୍ତହୀନତା ପାଇଁ ୩୯.୪୦ ଶତକଡା, ପୃଥୁଳ ପାଇଁ ୧୮.୮୦ ଶତକଡା, ଏବହ ସ୍ୱଚ୍ଛତା ପାଇଁ ୩୩.୩୦ ଶତକଡା ଅପପୃଷ୍ଟି ହାର ରହିଛି। ଏହି ଜିଲ୍ଲାରେ ଜନଜାତି କ୍ଷେତ୍ରରେ ୧୩.୬୦ ଶତକଡା, ଏବଂ ଜାତି କ୍ଷେତ୍ରରେ ୧୯.୬୦ ଶତକଡା ସମାଜିକ ଅଭିଦ୍ୟ ରହିଛି। ଗଜପତି ଜିଲ୍ଲାରେ ଉଚ୍ଚତା କମ ପାଇଁ ୩୨.୫୦ ଶତକଡା, ଓଜନ ପାଇଁ ୧୮.୪୦ ଶତକଡା, ରକ୍ତହୀନତା ପାଇଁ ୫୮.୫୦ ଶତକଡା, ପୃଥୁଳ ପାଇଁ ୧୧.୨୦ ଶତକଡା, ସ୍ୱଚ୍ଛତା ପାଇଁ ୩୮.୨୦ ଶତକଡା ଅପପୃଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୫୪.୩୦ ଶତକଡା ଏବଂ ଜାତି କ୍ଷେତ୍ରରେ ୬..୮୦ ଶତକଡା ରହିଛନ୍ତି। ଗଞ୍ଜାମ ଜିଲ୍ଲାର ତଥ୍ୟ ଅନୁଯାୟୀ ଉଚ୍ଚତା ପାଇଁ ୨୮.୯୦ ଶତକଡା, ଓଜନ ପାଇଁ ୧୫.୪୦ ଶତକଡା, ରକ୍ତହୀନତା ପାଇଁ ୪୧.୩୦ ଶତକଡା, ପୃଥୁଳ ପାଇଁ ୨୦.୯୦ ଶତକଡା, ସ୍ୱଚ୍ଛତା ପାଇଁ ୪୦.୭୦ ଶତକଡା ଅପପୃଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୩.୪୦ ଶତକଡା ଏବଂ ଜାତି ମଧ୍ୟରେ ୧୯.୫୦ ଶତକଡା ହାର ରହିଛି। ଜଗତସିଂହପୁର ଜିଲ୍ଲାର ତଥ୍ୟ କହୁଛି ଜିଲ୍ଲାରେ କମ ଉଚ୍ଚତା ପାଇଁ ୩୪.୯୦ ଶତକଡା, ଓଜନ କମ ପାଇଁ ୧୨.୬୦ ଶତକଡା, ରକ୍ତହୀନତା ପାଇଁ ୩୫.୮୦ ଶତକଡା, ପୃଥୁଳ ପାଇଁ ୨୫.୭୦ ଶତକଡା, ସ୍ୱଚ୍ଛତା ପାଇଁ ୩୦.୮୦ ଶତକଡା ଅପପୃଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୦.୭୦ ଶତକଡା, ଏବଂ ଜାତି ମଧ୍ୟରେ ୨୧.୮୦ ଶତକଡା ଅପପୃଷ୍ଟି ହାର ରହିଛି। ଯାଜପୁର ଜିଲ୍ଲା ଏକ ବିକାଶଶୀଳ ଜିଲ୍ଲା ହୋଇଥିବା ବେଳେ ଏହି ଅପପୃଷ୍ଟି ଜାଲରୁ ବର୍ତ୍ତି ପାରି ନାହିଁ। ଏହି ଜିଲ୍ଲାରେ ଉଚ୍ଚତା କ୍ଷେତ୍ରରେ ଅପପୃଷ୍ଟି ହାର ୩୦.୩୦ ଶତକଡା, ଓଜନ କମ୍ କ୍ଷେତ୍ରରେ ୧୬.୫୦ ଶତକଡା, ରକ୍ତହୀନତା ପାଇଁ ୪୩.୩୦ ଶତକଡା, ପୃଥୁଳ ପାଇଁ ୧୭.୫୦ ଶତକଡା, ସ୍ୱଚ୍ଛତା ପାଇଁ ୩୦.୭୦ ଶତକଡା ରହିଛି। ସେହିପରି ଏହି ପ୍ରମୁଖ ଜିଲ୍ଲାରେ ଜନଜାତି କ୍ଷେତ୍ରରେ ୮.୩୦ ଶତକଡା ଏବଂ ଜାତି କ୍ଷେତ୍ରରେ ୨୩.୭୦ ଶତକଡା ରହିଛି। ଏହି ଜିଲ୍ଲାର କ୍ରୋମ ଉପତ୍ୟକା ଦାନଗଦି ବ୍ଲକ ଅଂଚଳରେ ସର୍ବାଧିକ ଅପପୃଷ୍ଟି ଶିଶୁ ମାନେ ରହିଛନ୍ତି। ଏହି ଅପପୃଷ୍ଟି ହାର ଅଧିକ ରହୁଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ଉଚ୍ଚନ୍ୟାୟଳୟ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ଏହା ଉପରେ ସୁଧାର ଆଣିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ସେହିପରି ସୁକିନ୍ଦା ବ୍ଲକ ଅଂଚଳରେ ଅପପୁଷ୍ଟି ହାର ମଧ୍ୟ ଅଧିକ ରହିଛି। ଝାରସୁଗୁଡା ଜିଲ୍ଲାରେ ଉଚ୍ଚତା କମ୍ ପାଇଁ ୩୪.୯୦ ଶତକଡା, ଓଜନ କମ ପାଇଁ ୨୪.୮୦ ଶତକଡା, ରକ୍ତହୀନତା ପାଇଁ ୬୯.୨୦ ଶତକଡା, ପୃଥୁଳ ପାଇଁ ୧୮.୬୦ ଶତକଡା ଅପପୁଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୩୦.୫୦ ଶତକଡା, ଜାତି ମଧ୍ୟରେ ୧୮.୧୦ ଶତକଡା ରହିଛି। କଳାହାଣ୍ଡି ଜିଲ୍ଲାକୁ ଲକ୍ଷ କଲେ ଜିଲ୍ଲାରେ ଉଚ୍ଚତା କମ୍ କ୍ଷେତ୍ରରେ ୩୮.୪୦ ଶତକଡା, ଓଜନ କମରେ ୨୪.୮୦ ଶତକଡା, ରକ୍ତହୀନତା ପାଇଁ ୬୮.୭୦ ଶତକଡା, ପୃଥୁଳ ପାଇଁ ୯.୬୦ ଶତକଡା ରହିଛି। ଜନଜାତି କ୍ଷେତ୍ରରେ ୨୮.୫୦ ଶତକଡା, ଜାତି କ୍ଷେତ୍ରରେ ୧୮.୨୦ ଶତକଡା ରହିଛି। କନ୍ଧମାଳ ଜିଲ୍ଲାରେ କମ ଉଚ୍ଚତା ପାଇଁ ୩୮.୪୦ ଶତକଡା, ଓଜନ କମ ପାଇଁ ୨୩.୧୦ ଶତକଡା, ରକ୍ତହୀନତା ପାଇଁ ୫୨.୭୦ ଶତକଡା, ପୃଥୁଳ ପାଇଁ ୮.୨୦ ଶତକଡା ଅପପୃଷ୍ଟି ହାର ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୫୩.୬୦ ଶତକଡା, ଜାତି ମଧ୍ୟରେ ୧୫.୮୦ ଶତକଡା ଲୋକ ରହିଛନ୍ତି। କେନ୍ଦ୍ରାପଡ ମଧ୍ୟ ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବା ବେଳେ ଏହି ଜିଲ୍ଲାରେ ମଧ୍ୟ ଅପପୃଷ୍ଟି ରହିଛି। ଜିଲ୍ଲାରେ ଉଚ୍ଚତା କମ କ୍ଷେତ୍ରରେ ୨୬.୯୦ ଶତକଡା, ଓଜନ କମ କ୍ଷେତ୍ରରେ ୧୨.୩୦ ଶତକଡା, ରକ୍ତହୀନତା ପାଇଁ ୪୨.୩୦ ଶତକଡା, ପୃଥୁଳ ପାଇଁ ୧୬.୪୦ ଶତକଡା ଅପପୃଷ୍ଟିର ଶିକାର ହୋଇଛନ୍ତି। ଜିଲ୍ଲାରେ ଜନଜାତି ମଧ୍ୟରେ ଏହି ହାର ୦.୭୦ ଶତକଡା, ଜାତି ମଧ୍ୟରେ ୨୧.୫୦ ଶତକଡା ରହିଛନ୍ତି। କେନ୍ଦୁଝର ଜିଲ୍ଲାକୁ ବିଚରକୁ ନେଲେ ଉଚ୍ଚତା କମ ପାଇଁ ୪୪.୬୦ ଶତକଡା, ଓଜନ କମ ପାଇଁ ୧୯ ଶତକଡା, ରକ୍ତହୀନତା ପାଇଁ ୪୦.୫୦ ଶତକଡା, ପୃଥୁଳ ପାଇଁ ୧୩.୪୦ ଶତକଡା ଅପପୃଷ୍ଟିର ଶିକାର ହୋଇଛନ୍ତି। ଏହି ଅପପୃଷ୍ଟି କ୍ଷେତ୍ରରେ ଜିଲ୍ଲାରେ ଜନଜାତି ୪୫.୪୦ ଶତକଡା, ଜାତି ମଧ୍ୟରେ ୨୧.୫୦ ଶତକଡା ରହିଛନ୍ତି। ଏହି ଜିଲ୍ଲାଟି ଖଣି ଉପତ୍ୟାକା ହୋଇଥିବା ବେଳେ ଏଠାରେ ଅଧିକ ସଂଖ୍ୟାକ ଅପପୃଷ୍ଟି ଜିଲ୍ଲା ପାଇଁ ଏକ ଅପବାଦ ସୃଷ୍ଟି କରିପାରିଛି। ରାଜ୍ୟର ରାଜଧାନୀ ଭୁବନେଶ୍ୱର ଆସୁଥିବା ଜିଲ୍ଲାରେ ମଧ୍ୟ ଅପପୃଷ୍ଟି ଶେଷ ହୋଇପାରିନାହିଁ। ଖୋର୍ଦ୍ଧା ଜିଲ୍ଲାକୁ ହିସାବକୁ ନେଲେ ଏହି ଜିଲ୍ଲାରେ ଉଚ୍ଚତା କମ କ୍ଷେତ୍ରରେ ୨୪.୭୦ ଶତକଡା, ଓଜନ କମ ପାଇଁ ୧୩.୮୦ ଶତକଡା, ରକ୍ତହୀନତା ପାଇଁ ୪୫.୩୦ ଶତକଡା, ପୃଥୁଳ ପାଇଁ ୩୦.୨୦ ଶତକଡା ଅପପୃଷ୍ଟି ରହିଛି। ଜିଲ୍ଲାରେ ଜନଜାତି ମଧ୍ୟରେ ୫.୧୦ ଶତକଡା, ଜାତି ମଧ୍ୟରେ ୧୩.୨୦ ଶତକଡା ରହିଛନ୍ତି। କୋରାପୁଟ ଜିଲ୍ଲାର ତଥ୍ୟ ଅନୁସାରେ ଉଚ୍ଚତା କମ୍ ପାଇଁ ୪୦.୩୦ ଶତକଡା, ଓଜନ କମ ପାଇଁ ୨୮.୫୦ ଶତକଡା, ରକ୍ତହୀନତା ପାଇଁ ୫୩.୩୦ ଶତକଡା, ପୃଥୁଳ ପାଇଁ ୧୦.୨୦ ଶତକଡା ଅପପୃଷ୍ଟିର ଶିକାର ହୋଇଛନ୍ତି। ଏହି ଅପପୃଷ୍ଟି ହାର ମଧ୍ୟରେ ଜନଜାତି କ୍ଷେତ୍ରରେ ୫୦.୬୦ ଶତକଡା, ଜାତି କ୍ଷେତ୍ରରେ ୧୪.୨୦ ଶତକଡା ରହିଛନ୍ତି। ମାଲାକାନାଗିରି ଜିଲ୍ଲାରେ ଅନୁରୁପ ଭାବେ ଅପପୃଷ୍ଟି ଉଚ୍ଚତା ପାଇଁ ୪୫.୭୦ ଶତକଡା, ଓଜନ କମ ପାଇଁ ୩୨.୫୦ ଶତକଡା, ରକ୍ତହୀନତା ପାଇଁ ୭୧.୩୦ ଶତକଡା, ପୃଥୁଳ ପାଇଁ ୬.୨୦ ଶତକଡା ଅପପୃଷ୍ଟି ଶିଶୁ ମାନେ ଅପପୁଷ୍ଟିର ଶିକାର ହୋଇଛନ୍ତି। ଏହି ଜିଲ୍ଲା ମଧ୍ୟରେ ଜନଜାତି ୫୭.୮୦ ଶତକଡା, ଜାତି ମଧ୍ୟରେ ୨୨.୬୦ ଶତକଡା ହାର ରହିଛି। ମୟୁରଭଞ୍ଜ ଜିଲ୍ଲାରେ ଉଚ୍ଚତା ପାଇଁ ୪୩.୫୦ଶତକଡା, ଓଜନ କମ ପାଇଁ ୧୭.୨୦ ଶତକଡା, ରକ୍ତହୀନତା ପାଇଁ ୪୨.୪୦ଶତକଡା, ପୃଥୁଳ ପାଇଁ ୮.୬୦ ଶତକଡା ଅପପୃଷ୍ଟିର ଶିକାର ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଉଚ୍ଚତା ପାଇଁ ୪୫.୮୦ ଶତକଡା, ଓଜନ ପାଇଁ ୩୬.୩୦ ଶତକଡା, ରକ୍ତହୀନତା ପାଇଁ ୨୧.୫୦ ଶତକଡା, ପୃଥୁଳ ପାଇଁ ୬.୮୦ ଶତକଡା ଅପପୃଷ୍ଟି ରହିଛି। ସେହିପରି ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୫୫.୮୦ ଶତକଡା, ଜାତି ମଧ୍ୟରେ ୧୪.୫୦ ଶତକଡା ରହିଛନ୍ତି। ନୟାଗଡା ଜିଲ୍ଲାରେ ଉଚ୍ଚତା କମ କ୍ଷେତ୍ରରେ ୨୮ ଶତକଡା, ଓଜନ କମ କ୍ଷେତ୍ରରେ ୧୭.୫୦ ଶତକଡା, ରକ୍ତହୀନତା ପାଇଁ ୩୯.୮୦ ଶତକଡା, ପୃଥୁଳ ପାଇଁ ୨୨.୮୦ ଶତକଡା ଅପପୃଷ୍ଟି ହାର ରହିଛି। ଏହି ଜିଲ୍ଲାରେ ଜନଜାତି ମଧ୍ୟରେ ୬.୧୦ ଶତକଡା ଏବଂ ଜାତି ମଧ୍ୟରେ ୧୪.୨୦ ଶତକଡା ରହିଛନ୍ତି। ନୂଆପଡା ଜିଲ୍ଲାରେ ଅପପୃଷ୍ଟି ଉଚ୍ଚତା ପାଇଁ ୩୭.୬୦ ଶତକଡା, ଓଜନ ପାଇଁ ୨୬.୪୦ ଶତକଡା, ରକ୍ତହୀନତା ପାଇଁ ୬୪ ଶତକଡା, ପୃଥୁଳ ପାଇଁ ୫.୮୦ ଶତକଡା ରହିଛି। ଜିଲ୍ଲାରେ ଜନଜାତି ମଧ୍ୟରେ ୩୩.୮୦ ଶତକଡା, ଜାତି ମଧ୍ୟରେ ୧୩.୫୦ ଶତକଡା ରହିଛି। ପୁରୀ ଜିଲ୍ଲା ପାଇଁ ଉଚ୍ଚତା ପାଇଁ ୧୬.୧୦ ଶତକଡା, ଓଜନ ପାଇଁ ୧୨.୧୦ ଶତକଡା, ରକ୍ତହୀନତା ପାଇଁ ୪୪.୩୦ ଶତକଡା, ପୃଥୁଳ ପାଇଁ ୨୫.୩୦ ଶତକଡା ଶଶୁ ଅପପୃଷ୍ଟିର ଶିକାର ହୋଇଛନ୍ତି। ଜିଲ୍ଲାରେ ଏହି ହାର ମଧ୍ୟରେ ଜନଜାତି ୦.୪୦ ଶତକଡା, ଏବଂ ଜାତି ୧୯.୧୦ ଶତକଡା ରହିଛି। ରାୟଗଡା ଜିଲ୍ଲାରେ ଉଚ୍ଚତା କମ ପାଇଁ ୪୩.୫୦ ଶତକଡା, ଓଜନ କମ ପାଇଁ ୨୩.୧୦ ଶତକଡା, ରକ୍ତହୀନତା ପାଇଁ ୫୫.୪୦ ଶତକଡା, ପୃଥୁଳ ପାଇଁ ୧୦ ଶତକଡା ଅପପୃଷ୍ଟି ରହିଛି। ଏହି ଜିଲ୍ଲାରେ ଜନଜାତି ୫୬ ଶତକଡା, ଜାତି ୧୪.୪୦ ଶତକଡା ଏହି ଅପପୁଷ୍ଟି ହାରର ଶିକାର ହୋଇଛନ୍ତି। ସମ୍ୱଲପୁର ଜିଲ୍ଲାରେ ଉଚ୍ଚତା କମ ପାଇଁ ୪୦.୨୦ ଶତକଡା, ଓଜନ ପାଇଁ ୨୮.୬୦ ଶତକଡା, ରକ୍ତହୀନତା ପାଇଁ ୭୩ ଶତକଡା, ପୃଥୁଳ ପାଇଁ ୧୬.୮୦ ଶତକଡା ଅପପୃଷ୍ଟି ରହିଛି। ଜିଲ୍ଲରେ ଏହି ହାର ମଧ୍ୟରେ ଜନଜାତି ୩୪.୧୦ ଶତକଡା, ଜାତି ମଧ୍ୟରେ ୧୮.୪୦ ଶତକଡା ରହଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଉଚ୍ଚତା କମ ପାଇଁ ୪୭.୫୦ ଶତକଡା, ଓଜନ କମ ପାଇଁ ୨୨.୩୦ ଶତକଡା, ରକ୍ତହୀନତା ପାଇଁ ୬୯.୨୦ ଶତକଡା, ପୃଥୁଳ ପାଇଁ ୧୩.୮୦ ଶତକଡା ଅପପୃଷ୍ଟି ରହିଛି। ଜିଲ୍ଲାରେ ଅପପୃଷ୍ଟିର ୯.୪୦ ଜନଜାତି ଏବଂ ୨୫.୬୦ ଜାତି ସମ୍ପ୍ରଦାୟର ଶିଶୁ କୁପୁଷ୍ଟିର ଶିକାର ହୋଇଛନ୍ତି। ସୁନ୍ଦରଗଡ ଜିଲ୍ଲାରେ ଏହି ହାର ସର୍ବାଧିକ ଉଚ୍ଚତା ପାଇଁ ୩୭.୨୦ ଶତକଡା, ଓଜନ କମ ପାର୍ଇ ୩୧.୪୦ ଶତକଡା, ରକ୍ତହୀନତା ପାଇଁ ୭୧.୪୦ ଶତକଡା, ପୃଥୁଳ ପାଇଁ ୧୩.୬୦ ଶତକଡା ଅପପୃଷ୍ଟିର ଶିକାର ହୋଇଛନ୍ତି। ଏହି ଜିଲ୍ଲାରେ ମୋଟ ୫୦.୭୦ ଶତକଡା ଜନଜାତି ଏବଂ ୯.୨୦ ଜାତି ସମ୍ପ୍ରଦାୟର ଶିଶୁମାନେ ଏହି ଅପପୃଷ୍ଟି ହାର ମଧ୍ୟରେ ରହିଛନ୍ତି।

ଅପପୃଷ୍ଟି ସାଧରଣତ ଦୁଇପ୍ରକାରର ହୋଇଥାଏ। ପ୍ରଥମତଃ ଉପଯୁକ୍ତ ପ୍ରୋଟିନ ଅଭାବରୁ ଯାହକୁ ମାରସମୁସ୍ କୁହାଯାଏ। ଏଥିରେ ଶିଶୁ ମାନଙ୍କ ହାଡରେ ଶକ୍ତି ନଥିବା ଏବଂ ବଙ୍କାଟଙ୍କା ହୋଇଯାଇଥାଏ। ମହଁ ସରୁ ହେବା ସହିତ ଭିତରକୁ ପଶିଯିବା ଏବଂ ବାଳ ଗୁଡିକ ପତଳା ଏବଂ ଭଙ୍ଗୁର ସଦୃଶ ଦେଖାଯାଏ। ସେହିପରି ଅନ୍ୟଟି କାଓ୍ୱାସିଅରକର ବୋଲି କୁହାଯାଏ। ଯେଉଁଥିରେ ପେଟ ବାହାରକୁ ଫୁଲିବା ଭଳି ଏକ ପେଣ୍ଡୁଳ ସଦୃଶ ଦେଖାଯାଇଥାଏ। ମୁହଁଟି ଚନ୍ଦ୍ର ପରି ଗୋଲାକାର ଏବଂ ବାଳ ଗୁଡିକ ପତଳା ଏବଂ ଭଙ୍ଗୁର ସଦୃଶ ଦେଖାଯାଇଥାଏ। ଏହାର ଦୂର କରିବା ପାଇଁ ଯଦିଓ ସରକାର କେତେକ ପଦକ୍ଷେପ ନେଇଛନ୍ତି ତାହାର ଉଚିତ କାର୍ଯ୍ୟକାରୀତା ପାଇଁ ଏହି ଅପପୃଷ୍ଟି ଦୂର ହେବା ବଦଳରେ ଅଧିକ ହେବାରେ ଲାଗିଛି। ଯଦି ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଏହାକୁ ଦୂର କରିବାକୁ ଦାୟିତ୍ୱ ଦିଆଯାଇଛି। ହେଲେ ବିଭାଗର କାର୍ଯ୍ୟକାରୀତା ଏବଂ ଦୁରଦୃଷ୍ଟିର ଅଭାବ ଫଳରେ ଏହାକୁ ଆମ ରାଜ୍ୟରୁ ଦୂର କରାଯାଇପାରୁନାହିଁ। ଏହାକୁ ଦୂର କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ପ୍ଲାନିଂ କରିବା ସହିତ ଏହା ଉପରେ କାର୍ଯ୍ୟକାରୀତା ସଠିକ ଭାବରେ କଲେ ଏହା ଦୂର କରିହେବ। ଏଥିପାଇଁ କେବଳ ସରକାରଙ୍କୁ ବିଶେଷ କରି ଜନଜାତି ଏବଂ ଜାତି ସମ୍ପ୍ରଦାୟ ମଧ୍ୟରେ ଏବଂ ଅନ୍ୟ ସମ୍ପ୍ରଦାୟ ମଧ୍ୟରେ ପ୍ରଭେଦ ଦୂର କରିବା ସହିତ ଏହା ଉପରେ ସେମାନଙ୍କୁ ଭଲଭାବରେ ସଚେତନତା କରିବାକୁ ପଡିବ। ଆବଶ୍ୟକ ପଡିଲେ ଗର୍ଭବତୀ ମା ମାନଙ୍କୁ ଅନ୍ୟତ୍ର ରଖି ସେମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଏବଂ ଖାଦ୍ୟାପେୟର ଯତ୍ନ ନେବାକୁ ପଡିବ। ଏପରକି କୁପୁଷ୍ଟିର ଶିକାର ହୋଇଥିବା ଶିଶୁ ମାନଙ୍କୁ ଆଣି ସ୍ୱତନ୍ତ୍ର ଭାବେ ଥଇଥାନ କରାଯାଇ ସେମାନଙ୍କ ଯତ୍ନ ନେବା ସହିତ ଶିକ୍ଷା ସଂସ୍କାର କରାଯିବାର ଆବଶ୍ୟକତା ରହିଛି।

***କଦଳା, ହରିଦାସପୁର, ଧର୍ମଶାଳା, ଯାଜପୁର***
***ଦୂରଭାଷ : ୯୮୫୩୯୭୬୯୧୯***







# ମାଣ୍ଡିଆ ଭୂ-ପ୍ରଜାତି ଜାରି କରିବାରେ ଓଡ଼ିଶା ପ୍ରଥମ



**ଭୁବନେଶ୍ୱର :** ମିଲେଟ୍ ମିଶନ ରାଜ୍ୟର ଖାଦ୍ୟଭ୍ୟାସକୁ ଉନ୍ନତ କରିବା ସହ କୁପୋଷଣ ବିରୋଧ ଲଢ଼େଇରେ ଅଗ୍ରଣୀ ଭୂମିକା ନେଉଛି। ମିଲେଟ୍ ଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ସରକାର ନିଜର ପ୍ରତିବଦ୍ଧତା ଦେଖାଇଛନ୍ତି। ଭୂ-ପ୍ରଜାତି ସଂରକ୍ଷଣ ତଥା ନୂଆ କିସମ ବିକାଶ କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛି। ଏହିକ୍ରମରେ ରାଜ୍ୟର ଜନଜାତି କୃଷକମାନଙ୍କ ଦ୍ୱାରା ସଂରକ୍ଷିତ ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତି ଜାରି କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟର ମାନ୍ୟତା ହାସଲ କରିଛି। ଜନଜାତି କୃଷକମାନଙ୍କ ଦ୍ୱାରା ସଂରକ୍ଷିତ ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିଗୁଡ଼ିକ ଜାରି କରିବା ନିମନ୍ତେ ଲ୍ୟାଣ୍ଡରେସ୍ ଭେରାଇଟି ରିଲିଜ୍ କମିଟି ଗଠନ ଲାଗି ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିଗତ ୩ ବର୍ଷରେ ଆବଶ୍ୟକ ବୈଜ୍ଞାନିକ ତଥ୍ୟ ଉପଲବ୍ଧ ଲାଗି ନିରନ୍ତର ପରୀକ୍ଷଣ କରାଯାଇଛି। ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ଏବଂ ପାରମ୍ପରିକ ଜ୍ଞାନକୌଶଳର ସମ୍ମିଶ୍ରଣରେ ମାଣ୍ଡିଆର ଭୂ-ପ୍ରଜାତିକୁ ବିକଶିତ କରିବା ଫଳରେ କୃଷି ଜୈବବିବିଧତାର ମୂଳଧାରାରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ରାଜ୍ୟସରକାରଙ୍କ ପ୍ରତିବଦ୍ଧତାକୁ ଦେଖି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ମଧ୍ୟ ଭୂ-ପ୍ରଜାତିର ବିହନ ପ୍ରଣାଳୀ ନିମନ୍ତେ ଓଡ଼ିଶା ସରକାରଙ୍କ ସହିତ ସହଭାଗିତା ପାଇଁ ଆଗ୍ରହ ପ୍ରଦର୍ଶନ କରିଛନ୍ତି। ଏହିସବୁ ପାରମ୍ପରିକ ଜ୍ଞାନକୌଶଳକୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ସମ୍ପ୍ରସାରିତ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ରାଷ୍ଟ୍ରୀୟ ଗ୍ରାମୀଣ ଜୀବିକା ମିଶନ ମଧ୍ୟ ସମ୍ପ୍ରତି ବିଭିନ୍ନ ରାଜ୍ୟ ସରକାରଙ୍କୁ ଫସଲର ବିବିଧିକରଣକୁ ଆପଣେଇବା ସହିତ ଭୂ-ପ୍ରଜାତି ପଦ୍ଧତିର ମ୍ୟାପିଙ୍ଗ୍ ପ୍ରକ୍ରିୟା ଗ୍ରହଣ କରିବା ପାଇଁ ପତ୍ର ଲେଖିଛନ୍ତି। ଏଥି ସହିତ ନ୍ୟାସନାଲ ରେନ୍‌ଫେଡ୍ ଏରିଆ ଅଥରିଟି ଏବଂ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ମଧ୍ୟ ଓଡ଼ିଶା ମିଲେଟ୍ ମିଶନ ସହଭାଗିତାରେ କାମ କରିବା ସହ ଏଥିରୁ ଶିକ୍ଷା ଗ୍ରହଣ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଡ. ପାଢ଼ୀ କହିଛନ୍ତି ଏହି ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିର କିସମ ସ୍ଥାନୀୟ ମୃତ୍ତିକା ଓ ଜଳବାୟୁ ଅନୁକୂଳ ହୋଇଯାଇଛି। ଏଥିରୁ କିଛି କିସମ ରୋଗପୋକ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ମଧ୍ୟ ସହନଶୀଳ ଅଟନ୍ତି। ଏହି ପାରମ୍ପରିକ ଭୂ-ପ୍ରଜାତିଗୁଡ଼ିକ ଜୈବିକ କୃଷି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରୁଛନ୍ତି। ଏହିପରି ଅନେକ ପାରମ୍ପରିକ ସ୍ଥାନୀୟ କିସମର ବହୁଳ ଚାହିଦା ରହିଛି। ମାନକସମ୍ମତ ବୈଜ୍ଞାନିକ ପଦ୍ଧତିର ଅଭାବରୁ ରାଜ୍ୟ ସରକାର ସମ୍ପୃକ୍ତ ସଂରକ୍ଷକ କୃଷକ ସମ୍ପ୍ରଦାୟକୁ ଏ ଦିଗରେ ପର୍ଯ୍ୟାପ୍ତ ସହାୟତା ଯୋଗାଇ ପାରୁନଥିଲେ। ଫଳରେ ଜୈବବିବିଧତା ଲୋପ ପାଇବାର ଆଶଙ୍କା ଓ ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ବିଭବ ଧୀରେ ଧୀରେ ହଜିବାକୁ ବସିଥିଲା। ରାଜ୍ୟର ୬୨ଟି ଜନଜାତି ସମ୍ପ୍ରଦାୟ ବାସ କରନ୍ତି। ଜନଜାତି ସମ୍ପ୍ରଦାୟଗୁଡ଼ିକର ସ୍ଥାନୀୟ ମାଣ୍ଡିଆ ଆଦି କିସମର ସଂରକ୍ଷଣ ଦିଗରେ ଏକ ସମୃଦ୍ଧି ଐତିହ୍ୟ ରହିଛି। ଓଡ଼ିଶାର ଜନଜାତି ସମ୍ପ୍ରଦାୟର କୃଷକମାନେ ଅନାଦିକାଳରୁ ବିଭିନ୍ନ ମାଣ୍ଡିଆ କିସମର ସଂରକ୍ଷକ ଭାବରେ ପରିଗଣିତ ହୋଇ ଆସୁଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୬୩ଟି ମାଣ୍ଡିଆ ଭୂ-ପ୍ରଜାତି ଚିହ୍ନଟ କରାଯାଇଛି। ଏଥି ମଧ୍ୟରୁ ୧୪ଟି ଭୂ-ପ୍ରଜାତିର ଉତ୍ତମ ପ୍ରଦର୍ଶନର ସମ୍ଭାବନା ରହିଛି। କୁନ୍ଦ୍ରାବାଟି, ଲକ୍ଷ୍ମୀପୁର କାଳିଆ, ମାଲ୍ୟବନ୍ତ ମାମି ଏବଂ ଗୁପ୍ତେଶ୍ୱର ଭାରତୀ ଭଳି ୪ଟି ଭୂ-ପ୍ରଜାତି ନିମନ୍ତେ ବିହନ ପ୍ରଣାଳୀ ଅଧୀନରେ ଜାରି କରିବାକୁ ବିବେଚନା କରାଯାଉଛି।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ

## ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ୩୦ବର୍ଷର ଉପଲବ୍ଧି ପୁସ୍ତିକା ଉନ୍ମୋଚନ

**ଭୁବନେଶ୍ୱର :** ବିଶିଷ୍ଟ ସମାଜସେବୀ, ସମାଜ ସଂସ୍କାରକ, ପଶୁପକ୍ଷୀପ୍ରେମୀ ତଥା ପରିବେଶବିତ୍ ଯୁବ ସଂଗଠକ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ସାଧାରଣ ସମ୍ପାଦକ ଓ 'ଏକମାତ୍ର' ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ଓଡ଼ିଶାର ମହାମହିମ ରାଜ୍ୟପାଳ ଗଣେଶିଲାଲଙ୍କୁ ଭୁବନେଶ୍ୱର ରାଜଭବନଠାରେ ଏକ ସ୍ୱତନ୍ତ୍ର ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ଓ ଦୀର୍ଘ ୩୦ ବର୍ଷର ଉପଲବ୍ଧିକୁ ଚିତ୍ର ସମ୍ବଳିତ ପ୍ରତିକାତ୍ମକ ପୁସ୍ତିକା ମହାମହିମଙ୍କ ହସ୍ତରେ ପ୍ରଦାନ କରିବା ସହ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହୋଇଯାଇଅଛି। ଉକ୍ତ ପୁସ୍ତିକାରେ ବିଗତ ୩୦ ବର୍ଷର ଉପଲବ୍ଧିକୁ ପାଥେୟ କରି କରାଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସମସ୍ତ କାର୍ଯ୍ୟକୁ ସଫଳ ରୂପାୟନ କରିଥିବାରୁ ଅନୁଷ୍ଠାନର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମହାମହିମ ରାଜ୍ୟପାଳଙ୍କୁ ଅନୁଷ୍ଠାନ ତରଫରୁ ସାଧାରଣ ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାମହିମ ରାଜ୍ୟପାଳଙ୍କ ସୁପୁତ୍ର ମନିଷ୍ ସିଂଘଲ ଉପସ୍ଥିତ ଥିଲେ ଓ ଅନୁଷ୍ଠାନର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ଇତି ଅବସରରେ ମହାମହିମ ରାଜ୍ୟପାଳ ଗଣେଶିଲାଲ ନିଜ ସ୍ୱହସ୍ତାକ୍ଷରରେ ଅନୁଷ୍ଠାନକୁ ଏକ ସ୍ନେହଭରା ଓଡ଼ିଆ ପୁସ୍ତକ ସାଧାରଣ ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



# ବିଶାଖାପାଟଣା ଜାରି ରହିବ 'ରୋଗୀ ସହାୟତା କେନ୍ଦ୍ର'

**ଭୁବନେଶ୍ୱର, :** ବିଶାଖାପାଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା 'ରୋଗୀ ସହାୟତା କେନ୍ଦ୍ର' ଅବଧିକୁ ଆଉ ବର୍ଷେ ବା ୨୦୨୩-୨୪ ପର୍ଯ୍ୟନ୍ତ ବଢ଼ାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ମାଲକାନଗିରିରୁ ବିଶାଖାପାଟଣାକୁ ଯାଉଥିବା ଗରିବ, ଆଦିବାସୀଙ୍କ ଚିକିତ୍ସା କ୍ଷେତ୍ରରେ ସୁବିଧା ଜାରି ରହିବ। ବିଶାଖାପାଟଣାରେ ରାଜ୍ୟ ସରକାର ୨୦୧୬ ମସିହାରୁ ଏକ 'ରୋଗୀ ସହାୟତା କେନ୍ଦ୍ର' ସ୍ଥାପନ କରିଛନ୍ତି। ବିଶାଖାପାଟଣା ମାଲକାନଗିରି ଜିଲ୍ଲାର ଅତି ନିକଟରେ ଥିବାରୁ ଏବଂ ସେଠାରେ ଉଚ୍ଚକୋଟୀର ଚିକିତ୍ସା ସୁବିଧା ମିଳୁଥିବାରୁ ଜିଲ୍ଲାରୁ ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ସେଠାକୁ ଯାଇଥାନ୍ତି। ରୋଗୀ ସହାୟତା କେନ୍ଦ୍ରରେ ସେମାନଙ୍କୁ ବିନା ମୂଲ୍ୟରେ ରହିବା ଓ ଖାଇବାର ସୁବିଧା ମିଳିପାରୁଛି। ୨୦୧୬ ରୁ ୨୦୨୨ ମଧ୍ୟରେ ରାଜ୍ୟ ସରକାର ଏହି ସହାୟତା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ୨୦୧୬ରେ ୨୫ ଲକ୍ଷ ଟଙ୍କା ଏବଂ ୨୦୨୦, ୨୦୨୧ ଓ ୨୦୨୨ରେ ୧୦ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଛି।

# ଓଡ଼ିଶା ସମ୍ମାନରେ ସମ୍ମାନିତ ହେଲେ ଯୁବ ସାମ୍ବାଦିକ ଶରତ ପରିଡ଼ା




**କାକଟପୁର :** ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡ଼ିଶା ପ୍ରେସ୍ ଏକାଡେମୀ ପକ୍ଷରୁ ୨୮ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ାଙ୍କୁ ଓଡ଼ିଶାର ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର କୋଣ ଅନୁକୋଣରେ କାର୍ଯ୍ୟ କରୁଥିବା କର୍ମଜୀବୀ ସାମ୍ବାଦିକ ଓ ସମ୍ପାଦକଙ୍କ ଗୁଣାତ୍ମକ ବୃତ୍ତି ଗତ ଶିକ୍ଷା ବୃଦ୍ଧିର ଲକ୍ଷ୍ୟ ନେଇ ୧୯୯୫ ମସିହା ଜୁନ ୧ ତାରିଖରେ ଓଡ଼ିଶା ପ୍ରେସ୍ ଏକାଡେମୀ ଗଠିତ ହୋଇଥିଲା। ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିବାବେଳେ ଓଡିଶା ପ୍ରେସ୍ ଏକାଡେମୀ ର ଅଧକ୍ଷ ସଞ୍ଜୟ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ୩୦ରୁ ଉର୍ଦ୍ଧ୍ୱ ବରିଷ୍ଠ ସାମ୍ବାଦିକ, ସମାଜସେବୀ, କୃତି ଛାତ୍ର ଛାତ୍ରୀମାନଙ୍କୁ ଓଡ଼ିଶା ସମ୍ମାନ ରେ ସମ୍ମାନିତ କରାଯାଇଥିବା ବେଳେ ବରିଷ୍ଠ ସମାଜସେବୀ ସବିତା ଚମ୍ପତିଙ୍କୁ ମାନପତ୍ର ଉପଢୌକନ ଦେଇ ଓଡ଼ିଶା ସମ୍ମାନରେ ସମ୍ମାନିତ କରାଯାଇଛି। ପରିଶେଷର ଏକାଡେମୀର ଅଧକ୍ଷ ଶ୍ରୀଯୁକ୍ତ ପ୍ରଧାନଙ୍କ ନେତୃତ୍ୱରେ ସର୍ବସମ୍ମତି କ୍ରମେ ୧୬ ଦଫା ଦାବି ସମ୍ବଳିତ ଅତିଥି ମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଏବର୍ଷ ବଦଳିବନି ୟୁନିଫର୍ମ

**ଭୁବନେଶ୍ୱର :** ଚଳିତ ଶିକ୍ଷାବର୍ଷରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ଗାଇଡଲାଇନ ଜାରି କରାଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରାଯିବ। ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଜଣପିଛା ୫୦୦ଶହ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ଏବଂ ୨୦୦ଶହ ଟଙ୍କା ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା ପ୍ରଦାନ କରାଯିବ।

# ଆରଟିଆଇ ତଥ୍ୟରେ ରହୁନି ତାଳମେଳ



**ଭଦ୍ରକ :** ଭଦ୍ରକ ବ୍ଲକ ଶିଶୁ ବିକାଶ ଅଧିକାରୀଙ୍କ ଅଫିସରେ ଚାଲିଛି ଛତୁଆ କେଳେଙ୍କାରୀ। ମାସକୁ ଥରେ ଛତୁଆ ମିଶ୍ରଣ ପାଇଁ ସିଡିପିଓ ଓ ଅନ୍ୟ କର୍ମଚାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଯିଏ ଛତୁଆ ଯୋଗାନ୍ତି) ନିକଟରେ ପହଞ୍ଚି ଛତୁଆର ମାନ ଏବଂ ଏଥିରେ ମିଶୁଥିବା ବିଭିନ୍ନ ଖାଦ୍ୟପଦାର୍ଥ ଯାଞ୍ଚ କରିବା କଥା। ହେଲେ ଭଦ୍ରକ ବ୍ଲକ ସିଡିପିଓ ଅଫିସରେ ବସି ଯାଞ୍ଚ ଚାଲିଥିବା ଦର୍ଶାଇ ମୋଟା ଅଙ୍କର ମାଲ ନେଉଥିବା ଅଭିଯୋଗ ହେଉଛି। ଏନେଇ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ଆରଟିଆଇରେ ତଥ୍ୟ ମାଗିଲେ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି ସିଡିପିଓ। ହେଲେ ଅସଲ କଥାଟିକୁ ଗୁରୁତ୍ୱ ନଦେଇ କେବଳ ଫାଙ୍କିବାକୁ ଚାଲ କରୁଛନ୍ତି ସିଡିପିଓ ବୋଲି ଜଣାପଡିଛି। ମିଶନ ଶକ୍ତି ତରଫରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅସଲ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


## AFFIDAVIT

By virtue of an affidavit Sworn before Executive Magistrate Titilagarh, Dist-Balangir, I Dhananjaya Meher S/O-Tikeswar Meher D.O.B. 08.06.2002 At-Ashok Nagar (ward No-2) Po/Tahasil-Titilagarh Dist-Balangir (Odisha) That My Father actual name is Tikeswar Meher which is mentioned in my HSC Boad certificate vide No-TD10055849 Where in my Father name has been mentioned as Tikeshwar Meher instead of "Tikeswar Meher," That both the names Tikeshwar Meher and Tikeswar Meher stand for one person I.e my Father. The facts stated above are true to the best of my knowledge and belief.

## PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# ମାଲକାନଗିରି ଉପଜିଲ୍ଲାପାଳଙ୍କୁ ସମ୍ମାନଜନକ ଡକ୍ଟରେଟ ସମ୍ମାନ



**ମାଲକାନଗିରି :** ମାଲକାନଗିରି ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧିରେ (ଡକ୍ଟରେଟ ଇନ ଫିଲୋସଫି, ଅନରିସ କୋଜା) ତାମିଲନାଡୁ ସ୍ଥିତ ପେରାମବୁଲୁର ଠାରେ ଏକ ଆନ୍ତଃ ରାଷ୍ଟ୍ରୀୟ ଦୀକ୍ଷାନ୍ତ ସମାରୋହରେ ସମ୍ମାନିତ କରାଯାଇଛି। ଏହି ଡକ୍ଟରେଟ ସମ୍ମାନ ଉତ୍ତର ମେରିଆନା ଆଇଲେଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକାରେ ଅବସ୍ଥିତ ସମ୍ମାନଜନକ କାଲିଫର୍ଣ୍ଣିଆ ପବ୍ଲିକ ବିଶ୍ୱ ବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇଅଛି। ଶ୍ରୀ ଖେମୁଣ୍ଡୁଙ୍କୁ ପବ୍ଲିକ ଆଡ଼ମିନିଷ୍ଟ୍ରେସନ (ସାଧାରଣ ପ୍ରଶାସନ) ବିଷୟବସ୍ତୁ ଉପରେ ବିଶେଷ ଭାବରେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ ତାଙ୍କର ସାଧାରଣ ପ୍ରଶାସନ ପ୍ରତି ବଳିଷ୍ଠ ଅବଦାନ, କାର୍ଯ୍ୟଶୈଳୀ, କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ନିପୁଣତା ଜନ ସାଧାରଣଙ୍କ ପାଖରେ ସମର୍ପିତ ଭାବରେ ସରକାରଙ୍କ ବିଭିନ୍ନ ଯୋଜନାକୁ ପହଞ୍ଚେଇବାରେ ଫଳପ୍ରଦ କରିବା ଇତ୍ୟାଦି ବିଷୟକୁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସିନେଟ ଅବଲୋପନ କରିବା ପରେ ସିନେଟର ଅନୁମୋଦନ କ୍ରମେ ଶ୍ରୀ ଖେମୁଣ୍ଡୁଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି। ଏହି ସମାରୋହରେ ଦେଶ ବିଦେଶରୁ ବିଭିନ୍ନ ଗବେଷକ ଓ ପ୍ରାଧ୍ୟାପକ ଯୋଗ ଦେଇଥିବା ସୂଚନା ମିଳିଛି। ଶ୍ରୀ ଖେମୁଣ୍ଡୁ ଜଣେ ପ୍ରଶାସନିକ ଅଧିକାରୀ ଭାବରେ ତାଙ୍କରି କାର୍ଯ୍ୟ ଦକ୍ଷତାକୁ ନେଇ ଜନସାଧାରଣଙ୍କ ପାଖରେ ବେସ ଆଦୃତ ହେଇପାରିଛନ୍ତି। ମାଲକାନଗିରି ଜିଲ୍ଲାରେ ଉପ ଜିଲ୍ଲାପାଳ ଭାବେ ଅବସ୍ଥାପିତ ପୂର୍ବରୁ ସେ ଓଡ଼ିଶାର କେନ୍ଦ୍ରାପଡ଼ା, ଗଞ୍ଜାମ, ଭଦ୍ରକ, କଳାହାଣ୍ଡି, ନବରଙ୍ଗପୁର ଓ ନୟାଗଡ ଜିଲ୍ଲାମାନଙ୍କରେ ତାଙ୍କର କାର୍ଯ୍ୟକୁ ସୁସମ୍ପାଦନା କରି ଲୋକଙ୍କ ପାଖରେ ଆଦୃତ ହେବାସହ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ ବେସ ସଫଳତା ଅର୍ଜନ କରିପାରିଛନ୍ତି। ମାଲକାନଗିରି ଭଳି ଏକଦା ମାଓ ପ୍ରବଣ ଜିଲ୍ଲାରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାଙ୍କର ଦକ୍ଷ କାର୍ଯ୍ୟଶୈଳୀ ସମସ୍ତଙ୍କୁ ଆସ୍ଥାଭାଜିତ ଓ ପ୍ରିୟଭାଜିତ କରିପାରିଛି। ନିକଟ ଅତୀତରେ ଯୁବ ଭୋଟର ତଥା ଆଦିମ ଅଧିବାସୀ (ପି.ଭି.ଟି.ଜି) ମାନଙ୍କୁ ଅଧିକରୁ ଅଧିକ ଭୋଟର ତାଲିକାରେ ସାମିଲ କରିବାର ପ୍ରୟାସ ମାଲକାନଗିରି ଜିଲ୍ଲା ରାଜ୍ୟରେ ଏକ ନମ୍ବର୍ ଥିଲା। ଏଥିପାଇଁ ନିର୍ବାଚନ କମିଶନ ରାଜ୍ୟ ସ୍ତରୀୟ ସମ୍ମାନ ଶ୍ରୀ ଖେମୁଣ୍ଡୁଙ୍କୁ ଭୁବନେଶ୍ୱର ଠାରେ ରାଜ୍ୟପାଳଙ୍କ ଦ୍ୱାରା କରାଯାଇଛି। ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ମଧ୍ୟ ଶ୍ରୀ ଖେମୁଣ୍ଡୁଙ୍କ ଅଭିଜ୍ଞତା ଓ ଦକ୍ଷତା ଅତ୍ୟନ୍ତ ଉଲ୍ଲେଖନୀୟ, ଯେଉଁଥିପାଇଁ ବିଭିନ୍ନ ଉଚ୍ଚ ସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ପାଖରେ ସେ ବହୁବାର ପ୍ରଶଂସିତ ହେଇଛନ୍ତି। କୋଭିଡ ମହାମାରୀ ସମୟରେ ନୟାଗଡ ସ୍ଥିତ ଦଶପଲ୍ଲାରେ କର୍ଯ୍ୟରତ ଥିବାବେଳେ ତାଙ୍କରି ଉତ୍ସର୍ଗୀକୃତ ସେବା ମନୋଭାବ ଓ କାର୍ଯ୍ୟଶୈଳୀ ସ୍ଥାନୀୟ ଜନସାଧାରଣଙ୍କ ପାଖରେ ଏବେବି ଉଦ୍ଭାବିତ ରହିଛି। ମାଲକାନଗିରି ଭଳି ଏକ ଆଦିବାସୀ ଅଧୁଷିତ ଜିଲ୍ଲାରେ ଉପ ଜିଲ୍ଲାପାଳ ଭାବରେ ଉଚ୍ଚ ଶିକ୍ଷାର ଗୁଣବତ୍ତା, ବିଭିନ୍ନ ଉଚ୍ଚ ଶିକ୍ଷା ଅନୁଷ୍ଠାନର ଶିକ୍ଷାର ମାନ ଉତ୍କୃଷ୍ଟ କରେଇବାରେ ଶ୍ରୀ ଖେମୁଣ୍ଡୁଙ୍କ ପ୍ରୟାସ ବୁଦ୍ଧିଜୀବୀମାନଙ୍କ ପାଖରେ ବେସ ଆଦୃତ ହେଇପାରିଛି। ଏତଦ ବ୍ୟତୀତ ସାଧାରଣ ଜନତାଙ୍କ ସମସ୍ୟା ସହିତ ସ୍ୱଦା ଜୋଡୀତ ହୋଇ ସେହି ସମସ୍ୟାର ନିରାକରଣ ନିମନ୍ତେ ନିରନ୍ତର ପ୍ରୟାସ ଅବିଭକ୍ତ କୋରାପୁଟ ଜିଲ୍ଲାର ମାନସ ପଟରେ ଶ୍ରୀ ଖେମୁଣ୍ଡୁଙ୍କୁ ଆପଣେଇ ନେଇପାରିଛି। ପ୍ରକାଶ ଥାଉ କି, ଶ୍ରୀ ଖେମୁଣ୍ଡୁ ଓଡିଶା ସିଭିଲ ସର୍ଭିସରେ କୃତକାର୍ଯ୍ୟ ହେବା ପୂର୍ବରୁ ଓଡ଼ିଶାର ପ୍ରସିଦ୍ଧ କଲେଜ ବିଜେବି ଜଲେଜ ଭୁବନେଶ୍ୱର ଓ ଭାରତର ସୁନାମଧନ୍ୟ ଦିଲ୍ଲୀସ୍ଥିତ ଅନୁଷ୍ଠାନ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଥିଲେ। ସେ ଜଣେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜଣାଶୁଣା ଶିକ୍ଷାବିତ ଜୟଚନ୍ଦ୍ର ଖେମୁଣ୍ଡୁ ଓ ଶିକ୍ଷୟିତ୍ରୀ ସରୋଜିନୀ ଖେମୁଣ୍ଡୁଙ୍କ ସୁପୁତ୍ର ଅଟନ୍ତି। ତାଙ୍କରି ଜନ୍ମଗ୍ରାମ କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକରେ ଅବସ୍ଥାପିତ। ଏହି ସମ୍ମାନ ଆଗାମୀ ଦିନରେ ଲୋକଙ୍କ ପାଇଁ ସମର୍ପିତ ଭାବରେ କାର୍ଯ୍ୟ କରିବା ପାଇଁ ଏକ ନୂତନ ଉର୍ଜା ଜାଗରଣ ସୃଷ୍ଟି କରିବା ସହ ଯୁବ ପିଢୀଙ୍କ ପାଇଁ ଏହା ପ୍ରେରଣାଦାୟୀ ହେବବୋଲି ଶ୍ରୀ ଝେମୁଣ୍ଡୁ ପ୍ରକାଶ କରିଛନ୍ତି। ଏହି ସମ୍ମାନ ପାଇଁ ଓଡିଶାର ବିଶିଷ୍ଟ ସମାଜସେବୀ ମାମୁଁ ପ୍ରଭାକର ହନ୍ତାଳ, ବନ୍ଧୁ ପରିଜନ, ଓଡିଶା ତଥା ବିଶେଷ ଭାବରେ ଅବିଭକ୍ତ କୋରାପୁଟର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଶ୍ରୀ ଖେମୁଣ୍ଡୁଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।


## PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


# ସ୍କୁଲ ପାଠ୍ୟକ୍ରମରେ ପଢାଯିବ କ୍ରୀଡ଼ା ପାଠ

**ଭୁବନେଶ୍ୱର :** ଅନ୍ତୁଡ଼ିଶାଳରୁ ଗ୍ଲୋବାଲ ହବ୍। ଦୁଇ ଦୁଇ ଥର ପୁରୁଷ ବିଶ୍ୱକପ ହକି ସଫଳତାର ସହ ଆୟୋଜନ। ବିଶ୍ୱରେ ଓଡ଼ିଶା ପାଲଟିଛି କ୍ରୀଡ଼ା ହବ। ବିଶ୍ୱର ଶ୍ରେଷ୍ଠ ଷ୍ଟାଡ଼ିୟମ ମଧ୍ୟରେ କଳିଙ୍ଗ ଓ ବିର୍ସା ମୁଣ୍ଡା ଆଣିଛି ସ୍ୱତନ୍ତ୍ର ପରିଚୟ। ୧୫ ମାସ ମଧ୍ୟରେ ନିର୍ମାଣ ହୋଇ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ବିଶ୍ୱର ସର୍ବାଧିକ ଆସନ ବିଶିଷ୍ଟ ହକି ଷ୍ଟାଡ଼ିୟମ ଭାବେ ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ଼ କରିଛି। ୨୨୫ କୋଠରୀ ବିଶିଷ୍ଟ ଅଲିମ୍ପିକ ଶୈଳୀର ହକି ଭିଲେଜର ବେଶ ଆକର୍ଷଣୀୟ। ଓଡ଼ିଶା ହକିର ଗଡ଼ ଭାବେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାରେ ୧୭ଟି ଆଷ୍ଟ୍ରୋ-ଟର୍ଫ ହକି ପଡିଆ ନିର୍ମାଣ ହୋଇଛି। ଏଥିସହ ରାଜ୍ୟର ସହରାଞ୍ଚଳରେ ୯୦ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ସହ ୬ ଟି ଫିଫା ଷ୍ଟାଣ୍ଡାର୍ଡ ପିଚ ବିକଶିତ ହୋଇଛି। କେବଳ ସେତିକି ନୁହେଁ, ହକି ଇଣ୍ଡିଆକୁ ଆଉ ୧୦ ବର୍ଷ ପାଇଁ ପ୍ରାୟୋଜିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଫୁଟବଲ, ରଗବୀ, ଖୋ ଖୋ, ଓ ସୁଇମିଂ ଜାତୀୟ ମହାସଂଘକୁ ମଧ୍ୟ ସହାୟତାର ହାତ ବଢାଇଛି ଓଡ଼ିଶା। ଆଗକୁ ତୃଣମୂଳସ୍ତରୁ କ୍ରୀଡ଼ାର ବିକାଶ ସହ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମି ମଜଭୁତ କରିବାକୁ ଅଣ୍ଟା ଭିଡ଼ିଛି କ୍ରୀଡ଼ା ବିଭାଗ। ଯେଉଁଥିରେ ରହଛି ବିର୍ସା ମୁଣ୍ଡା, ଆଥଲେଟିକ୍ସ ଷ୍ଟାଡ଼ିୟମ, କଳିଙ୍ଗ ଷ୍ଟାଡ଼ିୟମ ଟେନିସ ସେଣ୍ଟର, କେନ୍ଦୁଝରର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ। ଏସବୁ ସ୍ଥାନରେ କ୍ରୀଡ଼ାବିତମାନଙ୍କୁ ଶୀର୍ଷସ୍ତରୀୟ ତାଲିମ ସୁବିଧା ଯୋଗାଇ ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରୁ ବିଦ୍ୟାଳୟ ପାଠ୍ୟକ୍ରମରେ କ୍ରୀଡ଼ା ବିଷୟବସ୍ତୁ ରହିବ। ପରବର୍ତ୍ତୀ ସମୟରେ ଏହି ବିଷୟବସ୍ତୁକୁ ବାଧ୍ୟତାମୂଳକ କରାଯିବ ବୋଲି କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା କହିଛନ୍ତି। ଏହାସହ ଆଗାମୀ ଦିନରେ ଓଡ଼ିଶାରେ କ୍ରିକେଟ ଖେଳକୁ ଫୋକସ କରିବାକୁ ଅଣ୍ଟା ଭିଡ଼ିଛି ବିଭାଗ। ସ୍କୁଲସ୍ତରରୁ ପିଇଟି ଶିକ୍ଷକମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହ ସ୍କୁଲରୁ ସବୁ କ୍ଷେତ୍ରରେ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**